NITIDIN
ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20
8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

MONDAY
8 JUNE 2026
ସୋମବାର
୮ ଜୁନ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 12 • ISSUE 8 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୨ • ସଂଖ୍ୟା ୮ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

## ଟ୍ରକ୍ ଧକ୍କାରେ ବାପା-ଝିଅ ମୃତ

**ସୋର,୭।୬/ଏନ୍ଏନ୍ଏସ୍:**

ବାଇକ୍‌ରେ ଯାଉଥିଲେ ବାପା-ଝିଅ । ହଠାତ ଏକ ଟ୍ରକ୍ ଆସି ଧକ୍କା ଦେଲା । ଟ୍ରକ୍ ଚକା ତଳେ ଚାପି ହୋଇ ଚାଲିଗଲା ବାପା-ଝିଅଙ୍କ ଜୀବନ । ୧୬ ନଂ ଜାତୀୟ ରାଜପଥ ଉତ୍ତରେଶ୍ୱର ବସ୍ ଷ୍ଟପ୍ ଠାରେ ଏଭଳି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ମୃତକମାନେ ହେଲେ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ରହଣିଆ ଗ୍ରାମର ମନୋଜ ଦାସ ଓ ତାଙ୍କ ୭ ବର୍ଷୀୟ ଝିଅ । ମନୋଜ ଏସି ମେକାନିକ ଭାବେ ବାଲେଶ୍ୱରରେ ଚାକିରି କରୁଥିବା ବେଳେ ଆଜି ତାଙ୍କ ପରିବାରଙ୍କ ସମେତ ଘର ରାହାଣିଆ ଯାଉଥିଲେ । ତାଙ୍କ ସ୍ତ୍ରୀ ଓ ପୁଅ ବସ ଯୋଗେ ଭଦ୍ରକ ଯାଇଥିବା ବେଳେ ଝିଅକୁ ନେଇ ବାଇକ୍ ଯୋଗେ ଭଦ୍ରକ ଯାଉଥିଲେ ମନୋଜ । ତେବେ ଉତ୍ତରେଶ୍ୱରଠାରେ ଓଭରଟେକ କରୁଥିବାବେଳେ ଏକ ଟ୍ରକ୍ ଆସି ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା । ଫଳରେ ଟ୍ରକ୍ ଚକା ତଳେ ବାପା-ଝିଅ ଚାପି ହୋଇ ଯାଇଥିଲେ । ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ଘଟିଥିଲା । ଦୁର୍ଘଟଣା ପରେ ▶▶ ୫

## ବନ୍ଧା ହେଲେ କୁବେର ଯନ୍ତ୍ରୀ

### ଆୟଠୁ ୭୯୮% ଅଧିକ ସମ୍ପତ୍ତି

**ଭୁବନେଶ୍ୱର,୭।୬/ଏନ୍ଏନ୍ଏସ୍:**



ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ସହକାରୀ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠ ନାଥ ବେହେରାଙ୍କୁ ଭିଜିଲାନ୍ସ ରବିବାର ଗିରଫ କରିଛି । ଆୟଠୁ ତାଙ୍କର ୭୯୮% ଅଧିକ ସମ୍ପତ୍ତି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି । ଶନିବାର ଶ୍ରୀ ବେହେରାଙ୍କ ବିଭିନ୍ନ ଠିକଣାରେ ଚଢ଼ଉ ବେଳେ ଭିଜିଲାନ୍ସ ବିପୁଳ ସମ୍ପତ୍ତି ଠାବ କରିଥିଲା । ସେଥିମଧ୍ୟରେ ରହିଛି ୫ଟି କୋଠା ଓ ୧୪ଟି ଦାମୀ ପ୍ଲଟ୍ । ତାଙ୍କଠାରୁ ୨.୦୪ କୋଟିରୁ ▶▶ ୫

## ୨୦୪ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର

# ପିଲା ପାଇବେ ଗୁଣାତ୍ମକ ମାନର ଶିକ୍ଷା

**ଭୁବନେଶ୍ୱର,୭।୬/ଏନ୍ଏନ୍ଏସ୍:**

ପ୍ରାଥମିକ ଶିକ୍ଷା ହେଉଛି ଜଣେ ଛାତ୍ରର ଶିକ୍ଷାଗ୍ରହଣର ମୂଳଦୁଆ । ମୂଳଦୁଆ ଯେତିକି ସୁଦୃଢ଼ ହେବ, ପିଲାର ଭବିଷ୍ୟତ ସେତିକି ଉଜ୍ଜ୍ୱଳ ହେବ । ତେଣୁ, ଆମ ସରକାର ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଏହା ମାଧ୍ୟମରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାର ବାତାବରଣ ସୁଦୃଢ଼ ଏବଂ ସଂଗଠିତ କରାଯିବ । ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ପିଲାମାନଙ୍କୁ ଶିକ୍ଷା ଦିଆଯିବ । ପିଲାମାନେ ସର୍ବୋତ୍ତମ ଓ ଗୁଣାତ୍ମକ ମାନର ଶିକ୍ଷା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ରବିବାର ଖୋର୍ଦ୍ଧା ଜିଲ୍ଲା କୁମାରବସ୍ତ ଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି । ଏହାଛଡ଼ା ପଞ୍ଚସଖା ଯେପରି ସତ୍ୟବାଦୀଠାରେ ବକୁଳବନ ବିଦ୍ୟାଳୟ ସ୍ଥାପନ କରିଥିଲେ ଓ ସେଠାରେ ପିଲାମାନଙ୍କୁ ଯେପରି ସମସ୍ତ ପ୍ରକାର ଶିକ୍ଷାଦାନ କରାଯାଉଥିଲା, 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଗୁଡ଼ିକ ମଧ୍ୟ ସେହିପରି ଢାଞ୍ଚାରେ ପ୍ରସ୍ତୁତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଜାନୁଆରୀ ମାସରେ



ବାଣପୁର ଠାରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ୧୨,୦୦୦ କୋଟି ଟଙ୍କା ବିନିଯୋଗରେ ରାଜ୍ୟବ୍ୟାପୀ ୨୨୦୦ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ । ପ୍ରଥମ ପର୍ଯ୍ୟାୟର ଏହି ୨୨୦୦ ବିଦ୍ୟାଳୟ ମଧ୍ୟରୁ ମୁଖ୍ୟମନ୍ତ୍ରୀ ପ୍ରଥମେ ବାଣପୁରରେ ୧୧୮ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ଏବଂ ଆଜି ଖୋର୍ଦ୍ଧାରେ ଆଉ ୨୦୪ଟି ଆଦର୍ଶ ବିଦ୍ୟାଳୟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ରଖିଛନ୍ତି । ଏହାଦ୍ୱାରା ରାଜ୍ୟରେ ବର୍ତ୍ତମାନ ୩୨୨ଟି ଆଦର୍ଶ ବିଦ୍ୟାଳୟର ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି ।

ଏହି ଅବସରରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜିର ବଦଳୁଥିବା ନିଯୁକ୍ତି ବଜାରରେ ପିଲାମାନେ କେବଳ ପାଠ ପଢ଼ିବା ଯଥେଷ୍ଟ ନୁହେଁ, ବରଂ ସେମାନେ କିପରି ନିଯୁକ୍ତିଯୋଗ୍ୟ ହେବେ, ▶▶ ୫

**ପ୍ରଥମ ପର୍ଯ୍ୟାୟରେ ହୋଇସାରିଛି ୧୧୮ ବିଦ୍ୟାଳୟର ଭିତ୍ତିପ୍ରସ୍ତର**

**ମୋଟ୍ ୩୨୨ ଆଦର୍ଶ ବିଦ୍ୟାଳୟର ନିର୍ମାଣ ପ୍ରକ୍ରିୟା ଆରମ୍ଭ**

**ରାଜ୍ୟବ୍ୟାପୀ ନିର୍ମାଣ ହେବ ୨୨୦୦ ବିଦ୍ୟାଳୟ**

**ସତ୍ୟବାଦୀ ବକୁଳବନ ବିଦ୍ୟାଳୟ ଢାଞ୍ଚାରେ ପ୍ରସ୍ତୁତ କରାଯିବ: ମୁଖ୍ୟମନ୍ତ୍ରୀ**

## ଓଡ଼ିଶା ଆଡ଼କୁ ଅଗ୍ରସର ମୌସୁମୀ

### ଆହୁରି ୩ ଦିନ ରାଜ୍ୟରେ ଗରମ ଗୁଳୁଗୁଳି ସ୍ଥିତି

**ଭୁବନେଶ୍ୱର,୭।୬/ଏନ୍ଏନ୍ଏସ୍:**

ଓଡ଼ିଶା ଆଡ଼କୁ ଅଗ୍ରସର ହେଉଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ । ୩ରୁ ୪ ଦିନ ଭିତରେ ଓଡ଼ିଶାର କିଛି ସ୍ଥାନରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଆହୁରି ଅଧିକ ଅଗ୍ରଗତି ହେବା ପାଇଁ ପାଣିପାଗ ପରିସ୍ଥିତି ଅନୁକୂଳ ରହିଛି । ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି । ପାଣିପାଗ ବିଭାଗ ପୂର୍ବାନୁମାନ ଅନୁସାରେ, ୩ରୁ ୪ ଦିନ ମଧ୍ୟରେ ଆରବ ସାଗରର ଆହୁରି କିଛି ଅଞ୍ଚଳ, ମହାରାଷ୍ଟ୍ର, କର୍ଣ୍ଣାଟକ, ତେଲେଙ୍ଗାନାର କିଛି ଭାଗ, ଆନ୍ଧ୍ର ପ୍ରଦେଶର ଅଧିକ ଅଞ୍ଚଳ, ତାମିଲନାଡୁର ଅବଶିଷ୍ଟ ଅଞ୍ଚଳ, ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ସହ ପଶ୍ଚିମ-ମଧ୍ୟ ଓ ଉତ୍ତର-ପଶ୍ଚିମ ବଙ୍ଗୋପସାଗରର ଅଧିକ ଅଞ୍ଚଳକୁ ମୌସୁମୀ ବାୟୁ ଅଗ୍ରସର ହେବାର ସମ୍ଭାବନା ରହିଛି । ସେହିପରି ଛତିଶଗଡ଼ ଓ ଓଡ଼ିଶାର କିଛି ଅଞ୍ଚଳ, ଉତ୍ତର-ପୂର୍ବ ଭାରତର ଅବଶିଷ୍ଟ ରାଜ୍ୟଗୁଡ଼ିକ ଏବଂ ଉପ-ହିମାଳୟ ପଶ୍ଚିମବଙ୍ଗ ଓ ସିକ୍କିମର କିଛି ଭାଗରେ ମଧ୍ୟ ମୌସୁମୀ ବାୟୁ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ରହିଛି । ଏହାର ପ୍ରଭାବରେ କିଛି ସ୍ଥାନରେ ବର୍ଷା ବୃଦ୍ଧି ପାଇବା ସହ ଗ୍ରୀଷ୍ମ ପ୍ରବାହରୁ ଆଂଶିକ ଆଶ୍ୱସ୍ତି ମିଳିବ ଅର୍ଥାତ ଓଡ଼ିଶାରେ ମଧ୍ୟ ପ୍ରାକ୍ ମୌସୁମୀ ବର୍ଷା ଦେଖାଯିବ । ସେପଟେ ଉହଡହ ଖରାରେ ସାରା ରାଜ୍ୟ



ସିଝୁଥିବା ବେଳେ ଉପକୂଳରେ ହନ୍ତସନ୍ତ କରୁଛି ଗରମ ଓ ଗୁଳୁଗୁଳି । ଆହୁରି ୩ ଦିନ ରାଜ୍ୟରେ ଗରମ ଗୁଳୁଗୁଳି ସ୍ଥିତି ରହିବା ସହ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓ ପଶ୍ଚିମ ଓଡ଼ିଶାର ୧୪ ଜିଲ୍ଲା ସନ୍ତୁଳି ହେବ । ଏନେଇ ବଲାଙ୍ଗୀର, ବୌଦ୍ଧ, କଳାହାଣ୍ଡି, ଗଞ୍ଜାମ, ଗଜପତି, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର ଓ ଯାଜପୁର ▶▶ ୫

## 'ଅଭିଯୋଗ ଆସିଲେ ସରକାର ତଦନ୍ତ କରିବେ'

**ଭୁବନେଶ୍ୱର,୭।୬/ଏନ୍ଏନ୍ଏସ୍:**

ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ବେଳେ ତାଙ୍କ କାର୍ଯ୍ୟାଳୟରୁ ଗୁରୁତ୍ୱପୂର୍ଣ୍ଣ ତଦନ୍ତ କମିଶନ ରିପୋର୍ଟ ଚୋରି ଅଭିଯୋଗକୁ ନେଇ ରାଜ୍ୟ ରାଜନୀତିରେ ଝଡ଼ ସୃଷ୍ଟି ହୋଇଛି । ଏ ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଜୋର୍ ଧରିବାରୁ ଏ ସଂପର୍କରେ ରବିବାର ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଯଦି ସେମିତି ଅଭିଯୋଗ ଆସେ ତାହେଲେ ସରକାର ତଦନ୍ତ କରିବେ । ଏପରିକି କେଉଁ ବିଧାୟକ କେଉଁ କଥା କହୁଛନ୍ତି, ସତ୍ୟତା ଅଛି ନା ନାହିଁ ତାହାର ଅନୁଧ୍ୟାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।



**ରିପୋର୍ଟ ଗାଏବ ଘଟଣା**

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟକାଳରେ ତାଙ୍କ ଅଫିସରୁ ଦୁଇଟି ତଦନ୍ତ କମିଶନ୍ ରିପୋର୍ଟ ଗାଏବ୍ ହୋଇଥିବା ନେଇ ଶନିବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଥିଲେ । ଏଥିସହ ଖୁବ ଶୀଘ୍ର ତଦନ୍ତ କରାଯାଇ ଦୋଷୀକୁ ଦଣ୍ଡ ଦିଆଯିବ ବୋଲି କହିଥିଲେ । ଅନ୍ୟପକ୍ଷରେ ରବିବାର ବିଜେଡି ବିଧାୟକ ତଥା ପୂର୍ବତନ ଆଇନ ମନ୍ତ୍ରୀ ଅରୁଣ ସାହୁ ଏହି ପ୍ରସଙ୍ଗରେ କହିଛନ୍ତି, ଲୋକସେବା ଭବନରୁ ଯଦି ଫାଇଲ୍ ଚୋରି ହୋଇଯାଉଛି, ତାହେଲେ ତାହା କେଉଁ କମିଶନ୍‌ଙ୍କ ତଦନ୍ତ ଫାଇଲ ତାହା ସରକାର ସ୍ପଷ୍ଟ କରନ୍ତୁ । ଉପରଠଉରିଆ ଭାବେ ନକହି ଉତ୍ତର ଦାୟିତ୍ୱ ନିଅନ୍ତୁ । ଆଉ ସେପଟେ ଅରୁଣଙ୍କ ଏ ଦାବି ପରେ ବିଜେପି ବିଧାୟକ ପ୍ରଶାନ୍ତ ଜଗଦେବ କହିଛନ୍ତି, ପୂର୍ବତନ ଆଇନ୍ ମନ୍ତ୍ରୀ ସବୁ ଜାଣିଛନ୍ତି । ଶାସନରେ ଥିବା ବେଳେ ଖୋଳିଥିବା ଖାଲରେ ଏବେ ସେ ନିଜେ ପଡ଼ିବାକୁ ଯାଉଛନ୍ତି ।

ତେବେ ଚର୍ଚ୍ଚା ହେଉଛି, ସ୍ୱାମୀ ଲକ୍ଷଣାନନ୍ଦ ସରସ୍ୱତୀଙ୍କ ହତ୍ୟା ସମ୍ପର୍କିତ ତଦନ୍ତ କମିଶନ୍ ରିପୋର୍ଟ ଗାଏବ ହୋଇଛି । ଯଦି ଏହା ସତ ହୋଇଥାଏ, ତାହେଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦପ୍ତରରୁ କେମିତି ଗାଏବ ହେଲା ତଦନ୍ତ ରିପୋର୍ଟ ? କିଏ, କେଉଁ ମସିହାରେ ଏବଂ କାହା ନିର୍ଦ୍ଦେଶରେ ରିପୋର୍ଟ ଗାଏବ କଲେ ? ଏହା ପଛରେ ରାଜନୈତିକ ଅଭିସନ୍ଧି ରହିଥିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେପଟେ ପୂରା ପ୍ରସଙ୍ଗକୁ ନେଇ ରାଜନୀତି ବି ତେଜିବାରେ ଲାଗିଛି । ପ୍ରକାଶ ଯେ ୨୦୦୮ରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଓ ଦଙ୍ଗା ପରେ ସରକାର ଗଠନ କରିଥିଲେ ତଦନ୍ତ କମିଶନ । କମିଶନ ୨୦୧୫ରେ ତାଙ୍କ ରିପୋର୍ଟ ରାଜ୍ୟ ସରକାରଙ୍କୁ ଦେଇଥିଲେ ବି ତାହା ଆଜି ପର୍ଯ୍ୟନ୍ତ ସାମ୍ନାକୁ ଆସିପାରିନାହିଁ ।

## ମାଗଣା ୟୁପିଏସ୍‌ସି କୋଚିଂ: ଆଜିଠୁ ଆବେଦନ

**ଭୁବନେଶ୍ୱର,୭।୬/ଏନ୍ଏନ୍ଏସ୍:**

**୨୮ରେ ପ୍ରବେଶିକା ପରୀକ୍ଷା**

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଶାର ୨୦୦ ଛାତ୍ରଛାତ୍ରୀଙ୍କୁ ମାଗଣାରେ ୟୁପିଏସ୍‌ସି ସିଭିଲ ସର୍ଭିସ କୋଚିଂ ପ୍ରଦାନ ଲାଗି ନିଷ୍ପତ୍ତି ହୋଇଛି । ଏନେଇ ଆବେଦନ ପ୍ରକ୍ରିୟା ଆସନ୍ତାକାଲି ଅର୍ଥାତ ସୋମବାର ଠାରୁ ଆରମ୍ଭ ହେବ । ସୋମବାର ପୂର୍ବାହ୍ଣ ୧୧ଟାରୁ ଛାତ୍ରଛାତ୍ରୀ ସାମ୍ସ ପୋର୍ଟଲ ମାଧ୍ୟମରେ ଆବେଦନ କରିବେ । ଆବେଦନର ଶେଷ ତାରିଖ ଆସନ୍ତା ୧୯ତାରିଖ ରାତି ୧୧ଟା ୪୫ ଧାର୍ଯ୍ୟ ହୋଇଛି ।୨୪ ତାରିଖରେ ଆବେଦନକାରୀଙ୍କୁ ଆଡ୍‌ମିଟ କାର୍ଡ ପ୍ରଦାନ କରାଯିବ । ଜୁନ ୨୮ତାରିଖରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । ପରୀକ୍ଷାର୍ଥୀଙ୍କ 'ପ୍ରୋଭିଜନାଲ ଆନ୍ସର କି' ସାମ୍ସ ପୋର୍ଟଲ ମାଧ୍ୟମରେ ୨୯ତାରିଖରେ ଉପଲବ୍ଧ ହେବ । ତେବେ ପରୀକ୍ଷାରେ ଯେଉଁ ୨୦୦ଜଣ ଛାତ୍ରଛାତ୍ରୀ ମନୋନୀତ ହେବେ ସେମାନଙ୍କର ତାଲିକା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପରବର୍ତ୍ତୀ ସମୟରେ ପ୍ରକାଶ କରାଯିବ । ମେଧା ତାଲିକା ପ୍ରକାଶ ପାଇବା ପରେ ଡକ୍ୟୁମେଣ୍ଟ ଯାଞ୍ଚ ଏବଂ ନାମଲେଖା ପ୍ରକ୍ରିୟା ହେବ । ପରେ କୋଚିଂ ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ▶▶ ୫

## ୨ ବାଘ ଛାଲ ଜବତ, ଦୁଇ ଗିରଫ

**ପାତ୍ରପୁର,୭।୬/ଏନ୍ଏନ୍ଏସ୍:**

ବ୍ରହ୍ମପୁର ପୁଲିସ ଜିଲ୍ଲା ଅନ୍ତର୍ଗତ ଜରଡ଼ା ଥାନା ପକ୍ଷରୁ ଦୁଇଟି କଲରା ପତିରିଆ ବାଘ ଛାଲ ଜବତ କରାଯିବା ସହ ଦୁଇ ଜଣଙ୍କୁ ଗିରଫ କରାଯାଇଛି । ଗିରଫଙ୍କ ମଧ୍ୟରେ ଗଜପତି ଜିଲ୍ଲା ବଡଗାଁ ଅଞ୍ଚଳର କେସବ ଜମାଦାର(୩୪) ଏବଂ ଅନ୍ୟ ଜଣେ ଜରଡା ଥାନା ବୁରାତାଲ ଅଞ୍ଚଳର ବୀର ଜମାଦାର(୪୫) ବୋଲି ଜଣାପଡ଼ିଛି । ସେମାନଙ୍କ ନିକଟରୁ ବନ୍ଧୁକ ବ୍ୟାଗ, ଧାରୁଆ ଅସ୍ତ୍ର ଜବତ ହୋଇଥିବା ନେଇ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ୍ ଏମ୍ ପ୍ରେସ୍ ବିବୃତ୍ତିରେ ସୂଚନା ଦେଇଛନ୍ତି । ଦିଆଯାଇଥିବା ସୂଚନା ପ୍ରକାରେ ▶▶ ୫



## ଟ୍ରମ୍ପଙ୍କ ସହ ବୈଠକକୁ ଇରାନର ନା

**ତେହେରାନ,୭।୬/ଏଜେନ୍ସି:**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇରାନର ନୂତନ ସର୍ବୋଚ୍ଚ ନେତା ମୋଜତାବା ଖେମିନିଙ୍କ ମଧ୍ୟରେ ଆଗାମୀ ଦିନରେ ଏକ ସାକ୍ଷାତକାର ହେବା ନେଇ ୱାଶିଂଟନ ପକ୍ଷରୁ କରାଯାଉଥିବା ଦାବିକୁ ଶେଷରେ ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରାଗଚି ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିବା ସହ ଦୁଇ ଦେଶ ମଧ୍ୟରେ ଜାରି ରହିଥିବା ଉତ୍ତେଜନା ଭିତରେ ଏଭଳି ଆଶା ରଖିବା ସମ୍ପୂର୍ଣ୍ଣ ଅବାସ୍ତବ ଓ କାଳ୍ପନିକ ବୋଲି କହିଛନ୍ତି । ଲେବାନନର ପ୍ରସିଦ୍ଧ ଗଣମାଧ୍ୟମ 'ଅଲ୍ ମାୟାଦିନ'' କୁ ଦେଇଥିବା ଏକ ସାକ୍ଷାତକାରରେ ଆରାଗଚି କହିଛନ୍ତି ଯେ ଟ୍ରମ୍ପ ବାସ୍ତବ ଦୁନିଆରେ ଭାବିବା ଓ ବଞ୍ଚିବା ଉଚିତ୍, କାରଣ ଦୁଇ ଦେଶ ମଧ୍ୟରେ କୌଣସି ଉଚ୍ଚସ୍ତରୀୟ ବୈଠକ ପାଇଁ କୌଣସି ନିଷ୍ପତ୍ତି ହୋଇନାହିଁ । ଚଳିତ ସପ୍ତାହ ପ୍ରାରମ୍ଭରେ ଟ୍ରମ୍ପ ଦାବି କରିଥିଲେ ଯେ ସେ ଆଗାମୀ ଦିନରେ ଇରାନର ଶୀର୍ଷ ନେତୃତ୍ୱଙ୍କ ସହ ଆଲୋଚନା କରିବାକୁ ଆଗ୍ରହୀ ଏବଂ ୱାଶିଂଟନ-ତେହେରାନ ମଧ୍ୟରେ ଆଲୋଚନା ସକାରାତ୍ମକ ଦିଗରେ ଆଗେଇଲେ ଏହି ଐତିହାସିକ ବୈଠକ ସମ୍ଭବ ହୋଇପାରେ । ଟ୍ରମ୍ପ ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ଆଞ୍ଚଳିକ ସୁରକ୍ଷା ଉପରେ ଏକ ବ୍ୟାପକ ଚୁକ୍ତି ପାଇଁ ରାଜି ଥିବା ସଙ୍କେତ ଦେଇଥିଲେ ▶▶ ୫

## ଗୋଠପାଟଣାରେ ହେବ ମଲ୍ଟି ପର୍ପୋଜ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ବ୍ୟୟବରାଦ ୧୦୦୦ କୋଟି

# 'କ୍ରୀଡ଼ାର ବିକାଶ ନ ହେଲେ ଯୁବ ପ୍ରତିଭାର ବିକାଶ ଅସମ୍ଭବ'

**ଭୁବନେଶ୍ୱର,୭।୬/ଏନ୍ଏନ୍ଏସ୍:**

କ୍ରୀଡ଼ା କେବଳ ମେଡାଲ, ରେକର୍ଡ କିମ୍ବା ଜୟ-ପରାଜୟ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଜୀବନରେ ଅନୁଶାସନ, ଟିମ୍ ୱାର୍କ ଏବଂ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ଧୈର୍ଯ୍ୟ ଶିଖାଇଥାଏ । କ୍ରୀଡ଼ାର ବିକାଶ ନ ହେଲେ ଯୁବ ପ୍ରତିଭାର ବିକାଶ ଅସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା ଆୟୋଜିତ ଦୁଇଦିନିଆ 'ଚିନ୍ତନ ଶିବିର'ର ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି । ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ କ୍ରୀଡ଼ାର ବିକାଶ ପାଇଁ ଏକ ବଡ଼ ରୋଡ୍‌ମ୍ୟାପ୍ ଓ ଫ୍ରେମ୍‌ୱାର୍କ ପ୍ରସ୍ତୁତ କରିବାରେ ବିଶେଷ ସହାୟକ ହେବ ବୋଲି ସେ ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ ଯେ ଶନିବାର ଠାରୁ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ା ବିଶେଷଜ୍ଞ, ପ୍ରଶାସକ, କ୍ରୀଡ଼ାବିତ୍ ପ୍ରମୁଖ ଯୋଗଦେଇ ଓଡ଼ିଶାରେ କ୍ରୀଡ଼ା ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି ।



ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ଏବେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ସ୍ପୋର୍ଟ୍ସ ଇଭେଣ୍ଟ ସଫଳତାର ସହ ଆୟୋଜନ କରି ସାରା ବିଶ୍ୱରେ ସ୍ୱୀକୃତି ଲାଭ କରିଛି । ଆଗାମୀ ୨୦୨୮ ମସିହାରେ ଓଡ଼ିଶାରେ ବିଶ୍ୱ ଆଥ୍‌ଲେଟିକ୍ସ ଏବଂ ଏସିଆନ ଇନଡୋର ଆଥ୍‌ଲେଟିକ୍ସ ଚମ୍ପିଆନସିପ୍ ଆୟୋଜନ ହେବାକୁ ଯାଉଛି । ଗତବର୍ଷ ସଫଳତାର ସହ 'ୱାର୍ଲଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ବ୍ରୋଞ୍ଜ୍' ପ୍ରତିଯୋଗିତା ଆୟୋଜନ କରାଯାଇଥିବା ବେଳେ ଚଳିତ ବର୍ଷ ଏହାର ସିଲଭର୍ ସ୍ତରର ପ୍ରତିଯୋଗିତା ଓଡ଼ିଶାରେ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗୋଠପାଟଣା ଠାରେ ପ୍ରାୟ ୧୦୦୦ କୋଟି ଟଙ୍କା ବିନିଯୋଗରେ ଏକ ମଲ୍ଟି ପରପୋଜ୍ ସ୍ପୋର୍ଟସ କମ୍ପ୍ଲେକ୍ସ ପ୍ରତିଷ୍ଠା କରିବାକୁ ପଦକ୍ଷେପ ନିଆଯାଇଛି ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିକୁ ମଜବୁତ କରିବା ପାଇଁ ବ୍ଲକସ୍ତରରେ ୪ ହଜାର କୋଟିରୁ ଅଧିକ ଟଙ୍କାର ବିନିଯୋଗରେ ଅତ୍ୟାଧୁନିକ ବହୁମୁଖୀ ଷ୍ଟାଡିଅମ ନିର୍ମାଣ କରାଯାଉଛି । ଏହା ସହିତ 'ମୁଖ୍ୟମନ୍ତ୍ରୀ ଟ୍ରଫି' ଜରିଆରେ ଗ୍ରାମାଞ୍ଚଳର ଉଦୀୟମାନ ପ୍ରତିଭାମାନଙ୍କୁ ଚୟନ କରାଯାଇ ଉନ୍ନତ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତର 'ଗ୍ରୋଥ୍ ଇଞ୍ଜିନ' ହେବା ଲକ୍ଷ୍ୟରେ କ୍ରୀଡ଼ା କ୍ଷେତ୍ରର ଏକ ବଡ଼ ଭୂମିକା ରହିବ । ଆଗାମୀ ଦିନରେ ଓଡ଼ିଶା କେବଳ ଏକ ଉତ୍ତମ ଆୟୋଜକ ରାଜ୍ୟ ଭାବେ ନୁହେଁ, ବରଂ ବିଶ୍ୱସ୍ତରୀୟ ଚମ୍ପିଆନ୍ ତାଲିକାରେ ଓଡ଼ିଶାର କ୍ରୀଡ଼ାବିତ୍‌ମାନଙ୍କ ନାମ ରହିବା ଏକ ନିୟମିତ ଘଟଣାରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ଆଜିର ଆଲୋଚନା ଯଦିଓ ଏସି ରୁମ୍‌ରେ ହେଉଛି ମାତ୍ର ଏହାର କାର୍ଯ୍ୟକାରୀ ▶▶ ୫

**ପ୍ରତି ବ୍ଲକ୍‌ରେ ତିଆରି ହେବ ଅତ୍ୟାଧୁନିକ ବହୁମୁଖୀ ଷ୍ଟାଡିୟମ୍**

**ଚଳିତ ବର୍ଷ ଓଡ଼ିଶାରେ ହେବ 'ୱାର୍ଲଡ୍ ଆଥ୍‌ଲେଟିକ୍ସ ସିଲ୍‌ଭର୍' ପ୍ରତିଯୋଗିତା**

**ବିଶ୍ୱସ୍ତରୀୟ ଚାମ୍ପିଅନ୍ ତାଲିକା ଶୀର୍ଷରେ ରହିବେ ଓଡ଼ିଶାର କ୍ରୀଡ଼ାବିତ୍: ମୁଖ୍ୟମନ୍ତ୍ରୀ**

### ସୁରତର ଜୁଏଲାରୀ ଫ୍ୟାକ୍ଟ୍ରିରେ ଦୁର୍ଘଟଣା

## ଇଟିପି ଟାଙ୍କି ସଫେଇ ବେଳେ ୪ ମୃତ

**ସୁରତ,୭।୬/ଏଜେନ୍ସି:**

ଗୁଜରାଟର ସୁରତ ସହରରେ ରବିବାର ଏକ ବଡ଼ ଦୁର୍ଘଟଣା ଘଟିଛି । ଏକ ଜୁଏଲାରୀ ସଫେଇ ଫ୍ୟାକ୍ଟ୍ରିରେ ବିଷାକ୍ତ ଗ୍ୟାସ୍ ଲିକ୍ କାରଣରୁ ୪ଜଣଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ତିନିଜଣ ଶ୍ରମିକ ଏବଂ ଜଣେ ସୁପରଭାଇଜର୍ ସାମିଲ । ମାଟିତଳେ ଥିବା ଇଟିପି ଟାଙ୍କି ସଫା କରୁଥିବା ବେଳେ ବିଷାକ୍ତ ଗ୍ୟାସ୍ ଲିକ୍ ହୋଇ ସମସ୍ତଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଛି । ସୂଚନା ଅନୁସାରେ ସହରର ଅଶ୍ୱିନୀ କୁମାର ଅଞ୍ଚଳରେ ଏକ ଜୁଏଲାରୀ ସଫା କରୁଥିବା ଫ୍ୟାକ୍ଟ୍ରି ରହିଛି । ସଫେଇ ପ୍ରକ୍ରିୟା ପରେ ବାହାରୁଥିବା ମଇଳାକୁ ଏକ ଟାଙ୍କିରେ ଏକାଠି କରାଯାଇଥାଏ । ଏହି ଟାଙ୍କିକୁ ନିୟମିତ ସଫା କରାଯାଏ । ରବିବାର ମଧ୍ୟ ତିନିଜଣ ଶ୍ରମିକ ଏବଂ କମ୍ପାନୀର ଜଣେ ସୁପରଭାଇଜର୍ ଟାଙ୍କି ସଫା କରିବାକୁ ଯାଇଥିଲେ । ସଫେଇ ବେଳେ ଜଣେ ଶ୍ରମିକ ଟାଙ୍କିରେ ପଡ଼ି ଅଚେତ ହୋଇଯାଇଥିଲେ । ତାଙ୍କୁ ବାହାର କରିବା ପାଇଁ ବାକି ଦୁଇ ଶ୍ରମିକ ଟାଙ୍କି ଭିତରକୁ ଯାଇ ମଧ୍ୟ ଅଚେତ ହୋଇପଡ଼ିଥିଲେ । ଏହା ଦେଖି ସୁପରଭାଇଜର ଦମକଳ ବାହିନୀକୁ ସୂଚନା ଦେଇଥିଲେ । ମାତ୍ର ଦମକଳ ଟିମ୍ ପହଞ୍ଚିବା ବେଳକୁ ସୁପରଭାଇଜର୍ ଜଣକ ମଧ୍ୟ ଟାଙ୍କିରେ ପଡ଼ିସାରିଥିଲେ । ତେବେ ଟାଙ୍କି ସଫେଇ ବେଳେ କେହି ବି ସେଫ୍ଟି ଇକ୍ୱିପ୍‌ମେଣ୍ଟ ପିନ୍ଧିନଥିବା ସିସିଟିଭି ଫୁଟେଜ୍‌ରୁ ପୁଲିସ୍ ଜାଣିବାକୁ ପାଇଛି । ପୋଷ୍ଟମର୍ଟମ ରିପୋର୍ଟ ମିଳିବା ପରେ ବିଭିନ୍ନ ଧାରାରେ ମାମଲା ରୁଜୁ କରାଯିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି ।

## କଟକରେ କାଳବୈଶାଖୀ: ଘଡ଼ଘଡ଼ି ସହ ପ୍ରବଳ ବର୍ଷା

# ବିଭିନ୍ନ ସ୍ଥାନରେ ଉପୁଡ଼ିଲା ଗଛ



**କଟକ,୭/୬/ଏନ୍ଏନ୍ଏସ୍:** କଟକ ସହର ଓ ଏହାର ଆଖପାଖ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ଘଡ଼ଘଡ଼ି ସହ ବର୍ଷା ହୋଇଛି। ଆଜି ଅପରାହ୍ଣରେ ସାଢ଼େ ୪ଟାରେ ପ୍ରବଳ ବର୍ଷା ଓ ଝଡ଼ ଯୋଗୁଁ ସହରର ସ୍ଥାନରେ ଗଛ ଉପୁଡ଼ି ପଡ଼ିବା ଏବଂ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଛି। ଏଥି ସହିତ ଅନେକ ସ୍ଥାନରେ ବିଜୁଳି ସେବା ବ୍ୟାହତ ହୋଇଥିବା ଜଣାପଡ଼ିଛି। ପରିସ୍ଥିତିର ମୁକାବିଲା ପାଇଁ ୭ଟି ଅଗ୍ନିଶମ ବାହିନୀ ବିଭିନ୍ନ ଗଛ ଓ ଅନ୍ୟାନ୍ୟ ବାଧା ହଟାଇବା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଏଥିସହ ଭୁବନେଶ୍ୱରରୁ ଆଉ ୪ଟି ଅତିରିକ୍ତ ଟିମ୍ ମୁତୟନ କରାଯାଇଛି। ବିଦ୍ୟୁତସେବା ପୁନଃସ୍ଥାପନ ପାଇଁ ଟିପିସିଓଡିଏଲ୍‌ର ୪୫ଟି ଦଳ ବିଭିନ୍ନ ପ୍ରଭାବିତ ଅଞ୍ଚଳରେ କାର୍ଯ୍ୟରତ ଚଳାଇ ପରିସ୍ଥିତର ମୁକାବିଲା କରିଥିଲେ। ସେହିପରି ଜଳ ନିଷ୍କାସନ ପାଇଁ କଟକ ମହାନଗର ନିଗମର ୫ଟି ଡି-ୱାଟରିଂ ଟିମ କାମ କରୁଛନ୍ତି। ପ୍ରଶାସନର ତ୍ୱରିତ ପଦକ୍ଷେପ ଫଳରେ ତ୍ରିଶୁଳିଆ ନନ୍ଦନକାନନ ରାସ୍ତା ଏବଂ ଜାତୀୟ ରାଜପଥ ୧୬ରେ ଯାତାୟାତରେ ସୃଷ୍ଟି ହୋଇଥିବା ବାଧା ଦୂର କରାଯାଇଛି ଏବଂ ଯାତାୟାତ ସ୍ୱଭାବିକ ହୋଇଥିବା ଜଣାପଡ଼ିଛି। ବିଶେଷକରି ଏସସିବି ମେଡିକାଲ୍ କଲେଜ ଓ ହସ୍ପିଟାଲ୍ ପରିସର ଏବଂ ବଙ୍ଗାଳୀ ସାହି ଅଞ୍ଚଳରେ ଭାଙ୍ଗି ପଡ଼ିଥିବା ଗଛଗୁଡ଼ିକୁ ମଧ ହଟାଇ ଦିଆଯାଇଛି। ଜିଲ୍ଲା ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିଥିବା ବେଳେ ଜରୁରୀକାଳୀନ ସେବାଗୁଡ଼ିକ ସକ୍ରିୟ ରଖାଯାଇଛି।

# 'ନାଦ ନିନାଦ'ର ଗ୍ରୀଷ୍ମୋତ୍ସବ ଉଦ୍‌ଯାପିତ



**କଟକ,୭/୬/ଏନ୍ଏନ୍ଏସ୍:** କଟକ କଳା ବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ନାଦ ନିନାଦ ଅନୁଷ୍ଠାନର ବିଶେଷ ଶାସ୍ତ୍ରୀୟ ସଂଗୀତ କାର୍ଯ୍ୟକ୍ରମ ଗ୍ରୀଷ୍ମୋତ୍ସବ ୨୦୨୬ର ଉଦ୍‌ଯାପନୀ ଉତ୍ସବ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ କଳାକାରମାନେ ଶାସ୍ତ୍ରୀୟ ସଂଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ଶିଳ୍ପୀମାନେ ଗଣେଶ ବନ୍ଦନା ଓ ପରେ ପରେ ୧୦ଟି ଥାଟ ଉପରେ ଆଧାରିତ ତରାନା ପ୍ରବାହ ପରିବେଷଣ କରିଥିଲେ। ଏଥିରେ ତବଲାରେ ଯୋଗେନ୍ଦ୍ର ନାଥ ସ୍ୱାଇଁ, ହାର୍ମୋନିୟମରେ ବିଶ୍ୱନାଥ ମିଶ୍ର, ଏ .ନାରାୟଣ ରାଓ ସହଯୋଗ କରିଥିଲେ। କଟକ ମହାନଗର ନିଗମର ମେୟର ସୁବାସ ସିଂ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରସନ୍ନ କୁମାର ସ୍ୱାଇଁ ଓ ସମାଜର ମୁଦ୍ରାକର ତଥା ସମ୍ପାଦକ ରାଜେନ୍ଦ ଜେନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ବିଶିଷ୍ଟ ଶାସ୍ତ୍ରୀୟ ସଂଗୀତ ଗୁରୁ ଏ. ମହେଶ୍ୱର ରାଓଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ନମ୍ରତା ମହାନ୍ତି, ରଞ୍ଜନ କୁମାର ସାହୁ, ସୁଜନ କୁମାର ରାୟଚୌଧୁରୀ, ପ୍ରସନ୍ନଜିତ ପରିଡ଼ା, କାନନବାଳା ରାୟଚୌଧୁରୀ, ଅଜୟ କୁମାର ବାରିକ, ବିଜୟ କୁମାର ସ୍ୱାଇଁ, ବନବିହାରୀ ଦାସ, ଲଳିତ ତ୍ରିପାଠୀ, ବୁଦ୍ଧାଦିତ୍ୟ ମହାନ୍ତି, ବନଲକ୍ଷ୍ମୀ କାନୁନ୍‌ଗୋ, ବିଜୟଲକ୍ଷ୍ମୀ ପତି, ସବିତା ମହାନ୍ତି, ଜ୍ୟୋତିର୍ମୟୀ ପଣ୍ଡା, ରଶ୍ମି କାନୁନଗୋ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉଦ୍‌ଘୋଷକ ବିଚିତ୍ରାନନ୍ଦ ପଣ୍ଡା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଯୁଗ୍ମ ସମ୍ପାଦକ ବିଶ୍ୱନାଥ ମିଶ୍ର ଧନ୍ୟବାଦ୍ ଦେଇଥିଲେ।

# 'କୁସୁମ ସୁରଭି' ପୁସ୍ତକ ଲୋକାର୍ପଣ



**କଟକ,୭/୬/ଏନ୍ଏନ୍ଏସ୍:** କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ସବିତା ମସମରୀ ଦାଶଙ୍କ ଲିଖିତ ପୁସ୍ତକ 'କୁସୁମ ସୁରଭି' ଉନ୍ମୋଚିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡାକ୍ତର ରବି ରସମନ ସାହୁଙ୍କ ଅଧ୍ୟକ୍ଷତାରେ ସମିତିର ଖାନନଗର ସ୍ଥିତ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ରଘୁନାଥ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଡ଼ଃ ପ୍ରଫୁଲ୍ଲ କୁମାର ଦାଶ ମୁଖ୍ୟଅତିଥି, ଅନୁସୂୟା ମିଶ୍ର ସମ୍ମାନୀତ ଅତିଥି, ସରୋଜିନୀ ମିଶ୍ର ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ପୁସ୍ତକ ସବୁବର୍ଗଙ୍କ ଦ୍ୱାରା ବିଶେଷ କରି ଶିଶୁମାନଙ୍କ ପାଇଁ ଏକ ଉପାଦେୟ ପୁସ୍ତକ ଓ ଏହା ନିଶ୍ଚିତ ପାଠକମାନଙ୍କ ଦ୍ୱାରା ଆଦୃତ ଲାଭ କରିବ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ଼ଃ ପ୍ରମୋଦ କୁମାର ମହାପାତ୍ର, ସମରେନ୍ଦ୍ର ଘୋଷ, ଅଶ୍ୱିନୀ କୁମାର ସେଠୀ, ବିରେଶ କୁମାର ମହାପାତ୍ର, ଭବାନୀ ବାରିକ, ପୁଷ୍ପାଂଜଳି ନନ୍ଦ, ଅନାରାଣୀ ଭୂୟାଁ, ଡ଼ଃ ପ୍ରଣତି ରାଉତ, ବିଜୟ କୁମାର ନାଥ, ନଜରୁଲ୍ ଇସ୍‌ଲାମ, ଦେବେନ୍ଦ୍ର କୁମାର ପରିଡ଼ା, ରାଜ କୁମାର ପୃଷ୍ଟି, ସୁରଜିତ ସିଂହ, ବାବୁଲିଧର ନାୟକ, ବିମଳ କୁମାର ଦାସ, ଦୁର୍ଗାପ୍ରସନ୍ନ ଚାନ୍ଦ, ନିବାସ ଚନ୍ଦ୍ର ମିଶ୍ର, ଶୁନୀ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସଂଗଠନ ସମ୍ପାଦକ ନରସିଂହ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଗନ୍ନାଥ ଉତ୍କଳ ଖଡୁରା ସମାଜର ସାଧାରଣ ସଭା



**କଟକ,୭/୬/ଏନ୍ଏନ୍ଏସ୍:** ଜଗନ୍ନାଥ ଉତ୍କଳ ଖଡୁରା ସମାଜର ସାଧାରଣସଭା ଆଜି ନୂଆପଡ଼ା ବାଲିସାହିସ୍ଥିତ ଅଭିରାମ ପରମହଂସ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରସନ୍ନ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ସମାଜ ପକ୍ଷରୁ ବୃକ୍ଷରୋପଣ, ସ୍ୱାସ୍ଥ୍ୟଶିବିର, ରକ୍ତଦାନ ଶିବିର ସହ ସମାଜରେ ଅସହାୟ, ଅବହେଳିତ ଝିଅମାନଙ୍କର ବିବାହ କାର୍ଯ୍ୟ ନିୟମିତ କରାଯାଉଛି। ଏଥିସହିତ ଖଡୁରା ଜାତିର କୌଳିକ ବୃତ୍ତିର ପୁନରୁଦ୍ଧାର ଓ ବିକାଶ ଦିଗରେ ଯଦି ସରକାର ସହାୟତା ଯୋଗାଇ ଦିଅନ୍ତେ ତାହାଲେ ଏ ଜାତିର ଅଗ୍ରଗତି ହୋଇପାରିବ ବୋଲି ସଭାରେ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ଏହି ସଭାରେ ଉପଦେଷ୍ଟା ବିଜୟ କୁମାର ବେହେରା, ଦେବ ପ୍ରସାଦ ସାହୁ, ଚନ୍ଦନ ମହାରଣା, ସମ୍ପାଦକ ହାଡ଼ିବନ୍ଧୁ ସାହୁ, ସହସମ୍ପାଦକ ରାଜୀବ ଲୋଚନ ବେହେରା, ସନ୍ତୋଷ କୁମାର ସାହୁ, ପ୍ରମୋଦ କୁମାର ସାହୁ, ଚନ୍ଦନ ପାତ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ରାଷ୍ଟ୍ରୀୟ ଯୁବା ସଂଗଠନର ରାଷ୍ଟ୍ରୀୟ ଶିବିର ସମାପନ

# ଆରମ୍ଭ ହେବ ଲୋକତନ୍ତ୍ର ସୁରକ୍ଷା ଯାତ୍ରା

**କଟକ,୭/୬/ଏନ୍ଏନ୍ଏସ୍:** ସର୍ବୋଦୟ - ସମ୍ପୂର୍ଣ୍ଣକ୍ରାନ୍ତି ବିଚାରର ଅଖିଳ ଭାରତୀୟ ଯୁବ ବାହିନୀ ରାଷ୍ଟ୍ରୀୟ ଯୁବା ସଂଗଠନର ସାତଦିନିଆ ରାଷ୍ଟ୍ରୀୟ ଶିବିର କଟକସ୍ଥିତ ନିଉ ଷ୍ଟୁଆର୍ଟ ସ୍କୁଲ ପରିସରରେ ସମାପନ ହୋଇଯାଇଛି।

ଏହି ଶିବିରରେ ଦେଶର ଅଠର ରାଜ୍ୟରୁ ଆସିଥିବା ଏକଶହ ସତୁରି ଜଣ ଯୁବସାଥି ସାମିଲ ହୋଇଥିଲେ। ପ୍ରତିଦିନ ପ୍ରାତଃ ପ୍ରବଚନରେ ସଂଗଠନର ସଂସ୍ଥାପକ ତଥା ଗାନ୍ଧୀଶାନ୍ତି ପ୍ରତିଷ୍ଠାନର ରାଷ୍ଟ୍ରୀୟ ଅଧ୍ୟକ୍ଷ କୁମାର ପ୍ରଶାନ୍ତ ଶିବିରାର୍ଥୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଶିବିର ସମୟରେ ସଂଗଠନର ରାଷ୍ଟ୍ରୀୟ ସମିତି ଅନୁଷ୍ଠିତ ହୋଇ ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆମର କଷ୍ଟ ଲବ୍ଧ ଗଣ୍‌ତନ୍ତ୍ରକୁ ଭାରତରେ ସ୍ଥାପିତ ରଖିବା ନିମନ୍ତେ ଦେଶ ବ୍ୟାପୀ ବ୍ୟାପକ ଭାବରେ ଲୋକତନ୍ତ୍ର ସୁରକ୍ଷା ଯାତ୍ରା ଶ୍ରୀ ପ୍ରଶାନ୍ତଙ୍କ ନେତୃତ୍ୱରେ ଆୟୋଜିତ ହେବା ସ୍ଥିର ହୋଇଛି। ଭାରତୀୟ ମାନଙ୍କର ମୌଳିକ ଅଧିକାରର ସୁରକ୍ଷା ତଥା ଦେଶକୁ ଗାନ୍ଧୀ , ବିନୋବା, ଜୟପ୍ରକାଶଙ୍କ ପ୍ରଦର୍ଶିତ ଗ୍ରାମଗଣରାଜ୍ୟରେ ପରିଣତ କରିବା ନିମନ୍ତେ ଏହି ଯାତ୍ରା ଦେଶବ୍ୟାପୀ ଚାଲିବ। ଏଥି ନିମନ୍ତେ ପରବର୍ତ୍ତୀ ପ୍ରସ୍ତୁତି ବୈଠକ ଖୁବ୍ ଶୀଘ୍ର ଦିଲ୍ଲୀଠାରେ ଅନୁଷ୍ଠିତ ହେବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଉଦ୍‌ଯାପନୀ ସମାରୋହରେ ଉତ୍କଳଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ କୃଷ୍ଣା ମହାନ୍ତି, ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଭାପତି ମନୋରଞ୍ଜନ ମହାନ୍ତି, ସଂଗଠନ ସମ୍ପାଦକ ହରିହର ସେନ, ବିଶିଷ୍ଟ ସର୍ବୋଦୟ ନେତା ଶୈଳଜ ରବି, ଡାକ୍ତର ବିଶ୍ୱଜିତ ପ୍ରମୁଖ ଯୋଗଦେଇ ଓଡ଼ିଶାରେ ସଙ୍ଗଠନକୁ ବ୍ୟାପକ କରିବା ଦିଗରେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସଂଗଠନର ଓଡ଼ିଶା ଶାଖା ପକ୍ଷରୁ ଆଦ୍ୟଶ୍ଳୋକ ମିଶ୍ର, ଅନିମା ରାୟ, ସୂର୍ଯ୍ୟନାରାୟଣ ନାଥ, କିଶୋର ଶତପଥୀ, ଅରୁଣ ଭୋଳ, ମାନସ ପଟ୍ଟନାୟକ, କଳ୍ପତରୁ ଦାସ, ଅମିତାଭ ଜେନା, ସାଗର ଦାସ, ଅଲିଭାନାଥ ଶର୍ମା, ଅନିରୁଦ୍ଧ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ୧୪ରୁ ଭୁବନେଶ୍ୱର ରଜ ମହୋତ୍ସବ

**ବାରଙ୍ଗ,୭/୬/ଏନ୍ଏନ୍ଏସ୍:** କଲ୍ୟାଣପୁର ସ୍ଥିତ ସ୍ୱସ୍ତିବନ ପରିସରରେ ଭୁବନେଶ୍ୱର ରଜ ମହୋତ୍ସବ ସମିତି ଆନୁକୂଲ୍ୟରେ ଆସନ୍ତା ୧୪ ତାରିଖ ରୁ ୧୭ ତାରିଖ ପର୍ଯ୍ୟନ୍ତ ୪ ଦିନବ୍ୟାପୀ ରାଜ୍ୟସ୍ତରୀୟ ରଜ ମହୋତ୍ସବ ବଡ଼ ଧୁମଧାମରେ ପାଳିତ ହେବ। ଏକ ସାମ୍ବାଦିକ ସମ୍ମିଳନୀରେ ମହୋତ୍ସବ ସମିତି ପକ୍ଷରୁ ଏହାର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଭୁବନେଶ୍ୱର ରଜ ମହୋତ୍ସବ ସମିତିର କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିଥିଲେ। ରଜ ମହୋତ୍ସବରେ ସମିତି ତରଫରୁ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଦୋଳି ବ୍ୟବସ୍ଥା କରାଯାଇଛି। ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥାଏ। ଏକମାତ୍ର ଏହି ଯୁଗାନ୍ତକାରୀ ରଜ ମହୋତ୍ସବ ଭୁବନେଶ୍ୱର ଉପକଣ୍ଠ କଲ୍ୟାଣପୁର ଗ୍ରାମପଞ୍ଚାୟତର ସ୍ୱସ୍ତିବନ କୁଆଖାଇ ନଦୀକୁଳରେ ଅନୁଷ୍ଠିତ ହେବ। ଏଥିପାଇଁ ଏକ ସୁନ୍ଦର ପରିବେଶ ସହିତ ପାର୍କିଂର ସୁବ୍ୟବସ୍ଥା ଓ ଶୃଙ୍ଖଳିତ ଭାବରେ ବହୁ ଆଡମ୍ବର ଭାବରେ ପାଳନ କରାଯିବାର କାର୍ଯ୍ୟକ୍ରମ ରହିଛି। ପ୍ରସ୍ତୁତି ସମ୍ମିଳନୀରେ ସମିତି ପକ୍ଷରୁ ଜ୍ଞାନରଞ୍ଜନ ରାଉତ, ସ୍ଥାନୀୟ ସରପଞ୍ଚ ଦେବରାଜ ଭୋଇ, ଯୁବନେତା ମାନସ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ମହୋତ୍ସବକୁ ମହୋତ୍ସବର ସଭାପତି ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତଙ୍କ ସମେତ, କଲ୍ୟାଣପୁର ଗ୍ରାମବାସୀ ସହଯୋଗ କରିଆସୁଛନ୍ତି।

# ବିଦ୍ୟାଧରପୁରରେ ପ୍ରସିଦ୍ଧ ରାମଲୀଳା ମହୋତ୍ସବ ଉଦ୍‌ଯାପିତ



**କଟକ,୭/୬/ଏନ୍ଏନ୍ଏସ୍:** ବିଦ୍ୟାଧରପୁରର ପ୍ରସିଦ୍ଧ ରାମଲୀଳା ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଧରପୁର ରାମଲୀଳା ପ୍ରଚାର ସମିତି ପକ୍ଷରୁ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଅତିଥି ଭାବରେ ଯୋଗଦେଇ ବିଦ୍ୟାଧରପୁରରେ ରାମଲୀଳା ପ୍ରଚାର ସମିତି ଏହି ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ଉଦ୍ୟମ ଜାରି ରଖିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ରାମ ଲକ୍ଷ୍ମଣ ନାଚ ପରେ ସ୍ୱର୍ଗତ ଅଲେଖ ଚନ୍ଦ୍ର ସାହୁ ଏବଂ ସ୍ୱର୍ଗତ ମନମୋହନ ଚାଟାର୍ଜୀଙ୍କ ଲିଖିତ ବାଲୀବଧ ଏବଂ ଦ୍ୱିତୀୟ ରାତ୍ରିରେ ବୈଦେହୀ ସନ୍ଧାନ ନାଟକ ପରିବେଷିତ ହୋଇଥିଲା। ଏହାକୁ ତାପସ କୁମାର ଲେଙ୍କା ଓ ପ୍ରାଣକୃଷ୍ଣ ଓଝା ନିର୍ଦ୍ଦେଶନା ଦେଇଥିଲେ। ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ ଅଶୋକ କୁମାର ସାହୁ, ସନ୍ତୋଷ ମହାରଣା, ହରେକୃଷ୍ଣ ମହାରଣା, ରମେଶ ମହାରଣା। କାର୍ଯ୍ୟକ୍ରମରେ ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ, ପୂର୍ବତନ ବିଧାୟକ ଡକ୍ଟର ପ୍ରଭାତ ରଞ୍ଜନ ବିଶ୍ୱାଳ, କର୍ପୋରେଟର ବିଶ୍ୱବନ୍ଦିତା ପଣ୍ଡା, ସିଆର୍‌ଆର୍‌ଆଇ ଥାନା ଅଧିକାରୀ ପି.ଟି ଗଣେଶ ସାହୁଙ୍କ ସମେତ ବିଦ୍ୟାଧରପୁର ରାମଲୀଳା ପ୍ରଚାର ସମିତିର ସଭାପତି ଜୟନ୍ତ କୁମାର ଓଝା, ସାଧାରଣ ସମ୍ପାଦକ ଅଜୟ କୁମାର ମହାରଣା, ପୂଜା କମିଟିର ସମ୍ପାଦକ ସୁନୀଲ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦୀପ୍ତ କୁମାର ପଣ୍ଡା, ନରାୟଣ ସାହୁ, ବିଦ୍ୟାଧର ଜେନା, ଲକ୍ଷ୍ମୀଧର ସାହୁ, ନବକିଶୋର ଲେଙ୍କା, ପ୍ରଭାକର ସାହୁ, କୈଳାଶ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ମା' କଟକଚଣ୍ଡୀ ମନ୍ଦିର ଚୂଡ଼ାରୁ ଖସିଲା ପଥର

**କଟକ,୭/୬/ଏନ୍ଏନ୍ଏସ୍:** କଟକ ସହର ଓ ଏହାର ଆଖପାଖ ଅଞ୍ଚଳରେ ଆଜି ସନ୍ଧ୍ୟାରେ ପ୍ରବଳ କାଳବୈଶାଖୀ ଝଡ଼ବର୍ଷା ସହ ଭୟଙ୍କର ବଜ୍ରପାତ ହୋଇଯାଇଛି।



ଏହି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ସହରର ପ୍ରସିଦ୍ଧ ଶକ୍ତିପୀଠ ମା' କଟକଚଣ୍ଡୀ ମନ୍ଦିର ଉପରେ ବଜ୍ରପାତ ହେବା ଫଳରେ ମନ୍ଦିର ଶିଖରରେ ଫାଟ ସୃଷ୍ଟି ହେବା ସହ ସେଥିରୁ ପଥର ଖସିଥିବା ଦେଖିବାକୁ ମିଳିଛି।

# ଆଦର୍ଶ ପ୍ରତିଭା ବିକାଶ ପରିଷଦର କବିତା ଆସର



**କଟକ,୭/୬/ଏନ୍ଏନ୍ଏସ୍:** ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ 'ଆଦର୍ଶ ପ୍ରତିଭା ବିକାଶ ପରିଷଦ' ପକ୍ଷରୁ ଚାଉଳିଆଗଞ୍ଜ ସ୍ଥିତ ଉତ୍କଳମଣି ଶିଶୁ ଉଚ୍ଚ ଶିକ୍ଷା ମନ୍ଦିର ପରିସରରେ ଏକ ଭବ୍ୟ କବିତା ଆସର ଓ ଆଲୋଚନା ଚକ୍ର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ପଣ୍ଡିତ ଡ. ଅଭୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାରସ୍ୱତ ସମାବେଶକୁ ଶ୍ରୀ ଦୁର୍ଗା ସାହିତ୍ୟ ସଂସଦର ସଭାପତି ପଣ୍ଡିତ ଡ. ଚୈତନ୍ୟ କୁମାର ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚଳଚ୍ଚିତ୍ର ଜଗତର ସମ୍ପାଦକ ଆଦିକନ୍ଦ ରାଉତ, ମୁଖ୍ୟ ବକ୍ତା ଭାବେ ଉତ୍କଳ ଗ୍ରାମ ସ୍ୱରାଜ୍ୟର ସଭାପତି ତଥା କଳିଙ୍ଗ ରତ୍ନ ବ୍ରହ୍ମାନନ୍ଦ ମହାନ୍ତି ଏବଂ ସମ୍ମାନୀୟ ଅତିଥି ଭାବେ ଡ. ଛବିରାମ ସେଠୀ ଯୋଗଦେଇ କବି ଓ କବିତାର ସାମାଜିକ ପ୍ରାସଙ୍ଗିକତା ଉପରେ ଗଭୀର ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବରେ ଡ. ଲକ୍ଷ୍ମୀ ପ୍ରସାଦ ଆଚାର୍ଯ୍ୟ, ମନୋଜ ବସନ୍ତରାୟ ଏବଂ ଅକ୍ଷୟ କୁମାର ସାହାଣୀଙ୍କ ସୁଚାରୁ ସଂଯୋଜନାରେ ବହୁ ସଂଖ୍ୟାରେ କବି ଯୋଗଦେଇ ନିଜ ନିଜର ସ୍ୱରଚିତ କବିତା ପାଠ କରିଥିଲେ, ଯାହା ଶ୍ରୋତାମାନଙ୍କୁ ବେଶ୍ ମନ୍ତ୍ରମୁଗ୍ଧ କରିଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପରିଷଦର ସାଧାରଣ ସମ୍ପାଦକ ଅଶ୍ୱିନୀ କୁମାର ସେଠୀ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ସେମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଶେଷରେ କବି ବସନ୍ତ କୁମାର ସାହୁ ଉପସ୍ଥିତ ସମସ୍ତ ସାରସ୍ୱତ ସାଧକ, ଅତିଥି ଓ କର୍ମକର୍ତ୍ତାଙ୍କୁ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆପଡ଼ାରେ ରାମଲୀଳା ମହୋତ୍ସବ



**କଟକ,୭/୬/ଏନ୍ଏନ୍ଏସ୍:** ନୂଆପଡ଼ା ଜୟ ମହାବୀର ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ବାର୍ଷିକ ରାମଲୀଳା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ନୂଆପଡ଼ା ଗ୍ରାମର ଅଧିକାରୀ ଅମରେନ୍ଦ୍ର ପଶାୟତ, ମହନ୍ତ ଦୟାନିଧି ସ୍ୱାଇଁ ଓ ଗ୍ରାମବାସୀଙ୍କ ସହଯୋଗରେ ଆରମ୍ଭ ହୋଇଥିବା ଏହି ମହୋତ୍ସବ ୫ଦିନ ଧରି ଅନୁଷ୍ଠିତ ହେବ। ପ୍ରଥମ ସନ୍ଧ୍ୟାରେ ନୂଆପଡ଼ା ଜୟ ମହାବୀର ରାମଲୀଳା ପ୍ରଚାର ସମିତି କଳାକାର ମାନଙ୍କ ପକ୍ଷରୁ ତରଣୀସେନ ବଧ ପରିବେଷିତ ହୋଇଥିଲା। ଏହି ଉଦ୍‌ଘାଟନୀ ସନ୍ଧ୍ୟାରେ କଟକ ସଦର ବିଧାୟକ ଇଂ.ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହଜି ଯାଉଥିବା କଳା ସଂସ୍କୃତିକୁ ପୁନର୍ଜୀବିତ କରି ରଖି ପାରିଥିବାରୁ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ବିଶ୍ୱଜିତ ଧଳ ଯୋଗଦେଇ ରାମାୟଣର ଇତିହାସ ବିଷୟରେ ଉଦ୍‌ବୋଧନ ଦେଇଥିବା ବେଳେ ନୂଆପଡ଼ା ଗ୍ରାମବାସୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ମୁଖ୍ୟମନ୍ତ୍ରୀ ଟ୍ରଫି- ୨.୦ କବାଡି ପ୍ରତିଯୋଗିତା ଉଦ୍‌ଯାପିତ




**କଟକ,୭/୬/ଏନ୍ଏନ୍ଏସ୍:** ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ କଟକ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଚାଲିଥିବା ଜୋନ୍ ସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି– ୨.୦ କବାଡ଼ି ଚାମ୍ପିଅନ୍‌ସିପ୍ – ୨୦୨୬ ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି ମ୍ୟାଚ୍‌ଗୁଡ଼ିକ ଅତ୍ୟନ୍ତ ରୋମାଞ୍ଚକର ଓ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଥିଲା। ଆଜି ଖେଳା ଯାଇଥିବା ମ୍ୟାଚ୍‌ରେ ବାଳକ ବର୍ଗରେ ବାଲେଶ୍ୱର ଦଳ ୫୫–୪୯ ପଏଣ୍ଟରେ ପୁରୀକୁ ପରାସ୍ତ କରି ୦୬ ପଏଣ୍ଟ ବ୍ୟବଧାନରେ ବିଜୟ ହାସଲ କରିଥିଲା। ସେହିପରି ବାଳିକା ବର୍ଗ ମ୍ୟାଚ୍‌ରେ ପୁରୀ ବାଳିକା ଦଳ ୬୦–୫୩ ପଏଣ୍ଟରେ ବାଲେଶ୍ୱର ଦଳକୁ ପରାସ୍ତ କରି ୦୭ ପଏଣ୍ଟ ବ୍ୟବଧାନରେ ବିଜୟୀ ହୋଇଥିଲା। ପ୍ରତିଯୋଗିତାର ପର୍ଯ୍ୟବେକ୍ଷକ ଭାବେ ଓଡ଼ିଶା କବାଡ଼ି ଆସୋସିଏସନ୍‌ର ଯୁଗ୍ମ ସମ୍ପାଦିକା ଜୟଶ୍ରୀ ସ୍ୱାଇଁ ଏବଂ ଚୟନ ସମିତିର ଅଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ବେହେରା ପ୍ରତିଯୋଗିତାର ସୁପରିଚାଳନା ଓ ତଦାରଖ ଦାୟିତ୍ୱ ନିର୍ବାହ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଓଡ଼ିଶା କବାଡ଼ି ଆସୋସିଏସନ୍‌ର ଅଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଉପସଭାପତି ପାର୍ଥବୀର ଭୂୟାଁ ଓ ପୃଥ୍ୱୀରାଜ ପଟ୍ଟନାୟକଙ୍କ ସହ ଭାରତୀୟ କବାଡି ମହାସଂଘ ସହ ସମ୍ପାଦିକା ଜୟଶ୍ରୀ ସ୍ୱାଇଁ, ଅନ୍ତର୍ଜାତୀୟ ଫୁଟବଲ ପ୍ରଶିକ୍ଷକ ଏମଡି ଜ୍ୱବାର ଓ ଓଡିଶା କବାଡ଼ି ସଂଘ ସମ୍ପାଦକ ଅଜୟ କୁମାର ବେହେରା, ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳଙ୍କୁ ପୁରସ୍କୃତ କରିବା ସହ ଖେଳାଳିମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ଆସନ୍ତା କାଲିଠାରୁ ଜୁନ ୧୦ ତାରିଖ ପର୍ଯ୍ୟନ୍ତ ବ୍ରହ୍ମପୁରଠାରେ ହେବାକୁ ଥିବା ସେମି ଫାଇନାଲ୍ ଓ ଫାଇନାଲ ମ୍ୟାଚ୍‌ରେ ସୁନ୍ଦରଗଡ଼, ଅନଗୁଳ, କଟକ ଓ ଗଞ୍ଜାମ ଜୋନ ରେ ଅନୁଷ୍ଠିତ ଜୋନ୍ ସ୍ତରୀୟ ପ୍ରତିଯୋଗିତାରେ ଚାମ୍ପିଅନ ଟିମ୍‌ଗୁଡ଼ିକ ଅଂଶଗ୍ରହଣ କରିବେ।



ଖୋର୍ଦ୍ଧା ଜିଲ୍ଲା କୁମାରବସ୍ତଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ

### ଉଚ୍ଚଶିକ୍ଷା ବିଭାଗ-ଏଡୁନେଟ୍ ଫାଉଣ୍ଡେସନ୍ ଏମ୍ଓୟୁ

# ‘ଏଆଇ କ୍ଷେତ୍ରରେ ଛାତ୍ରୀଙ୍କ ସଶକ୍ତିକରଣ ପାଇଁ ଏକ ସ୍ୱତନ୍ତ୍ର ପଦକ୍ଷେପ’

**ଭୁବନେଶ୍ୱର,୭।୬/ଏନ୍ଏନ୍ଏସ୍:** ଉଚ୍ଚଶିକ୍ଷା ବିଭାଗ ଏବଂ ଏଡୁନେଟ୍ ଫାଉଣ୍ଡେସନ ମଧ୍ୟରେ ଆଜି ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏହି ବୁଝାମଣା ପତ୍ର ମାଧ୍ୟମରେ ରାଜ୍ୟର ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟମାନଙ୍କରେ ଅଧ୍ୟୟନରତ ଛାତ୍ରୀମାନଙ୍କୁ ଆର୍ଟିଫିସିଆଲ ଇଣ୍ଟେଲିଜେନସ(ଏଆଇ), ଡାଟା ସାଇନ୍ସ, ମେସିନ ଲାର୍ନିଙ୍ଗ, ସାଇବର ସିକ୍ୟୁରିଟି, ପାଇଥନ ପ୍ରୋଗ୍ରାମ, ଡାଟା ଆନାଲିଟିକ୍ସ ଆଦି କ୍ଷେତ୍ରରେ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏଡୁନେଟ୍ ଫାଉଣ୍ଡେସନ ଏବଂ ମାଇକ୍ରୋସଫ୍ଟର ମିଳିତ ସହାୟତାରେ ଏହି ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ପାଠ୍ୟକ୍ରମ ଛାତ୍ରୀମାନଙ୍କୁ ପ୍ରଦାନ କରାଯିବ । ଛାତ୍ରୀମାନଙ୍କୁ ସମୁଦାୟ ୨୪୦ ଘଣ୍ଟାର ପାଠ୍ୟକ୍ରମ ଓ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଛାତ୍ରୀମାନଙ୍କ ପାଇଁ ‘କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ମହିଳାଙ୍କ ପାଇଁ କ୍ୟାରିୟର ସୁଯୋଗ’ ଶୀର୍ଷକ ଏକ ସ୍ୱତନ୍ତ୍ର ପାଠ୍ୟକ୍ରମର ପ୍ରାବଧାନ ରହିବ । ଛାତ୍ରୀମାନଙ୍କୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧିତ ପ୍ରକଳ୍ପ (କ୍ୟାପ୍ଷ୍ଟୋନ ପ୍ରୋଜେକ୍ଟ)ରେ କାମ କରିବାକୁ ସୁଯୋଗ ପ୍ରଦାନ କରାଯିବ । ଏଥିସହ ଇଣ୍ଟର୍ନସିପ୍ ଓ ନିଯୁକ୍ତି ସୁଯୋଗ ମଧ୍ୟ ପ୍ରଦାନ କରାଯିବ । ଏହି ବୁଝାମଣା ପତ୍ର ସ୍ୱାକ୍ଷର ମାଧ୍ୟମରେ ପ୍ରତିବର୍ଷ ପ୍ରାୟ ୧,୦୦୦ଜଣ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି । ପ୍ରଶିକ୍ଷଣ ପରେ ଛାତ୍ରୀମାନଙ୍କୁ ଏଡୁନେଟ୍ ଫାଉଣ୍ଡେସନ ଏବଂ ମାଇକ୍ରୋସଫ୍ଟ ତରଫରୁ ସାର୍ଟିଫିକେଟ ମଧ୍ୟ ପ୍ରଦାନ କରାଯିବ । ଆଜିର



ଏହି ବୁଝାମଣା ପତ୍ର ସ୍ୱାକ୍ଷର ସମାରୋହକୁ ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ବିକାଶ ସହ ସେମାନଙ୍କୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିବା ଉପରେ ପ୍ରାଧାନ୍ୟ ଦିଆଯାଉଛି । ବିଶେଷ ଭାବରେ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ଅଧ୍ୟୟନରତ ଛାତ୍ରୀମାନଙ୍କୁ କୃତ୍ରିମ ବୁଦ୍ଧିମତା ଏବଂ ଏହା ସହ ସମ୍ବନ୍ଧୀୟ ବିଭିନ୍ନ ପ୍ରଯୁକ୍ତିବିଦ୍ୟା ଉପରେ ପ୍ରଶିକ୍ଷଣ ପ୍ରଦାନ କରିବାର ଲକ୍ଷ୍ୟ ନେଇ ଆଜିର ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଛାତ୍ରୀମାନଙ୍କୁ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସଶକ୍ତ କରିବା ସହ ସେମାନଙ୍କୁ ଯେପରି ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଇପାରିବ ସେ ଦିଗରେ ଗୁରୁତ୍ୱାରୋପ କରାଯାଉଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ମତପ୍ରକାଶ କରିଛନ୍ତି । ଆଜିର କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର ସଚିବ ଅରବିନ୍ଦ ଅଗ୍ରୱାଲ, ଏଡୁନେଟ୍ ଫାଉଣ୍ଡେସନର ନିର୍ଦ୍ଦେଶକ ଆଶିଷ ଅରୋଡ଼ା, ଅତିରିକ୍ତ ଶାସନ ସଚିବ ପ୍ରତିଭା ସାହୁ, ଯୁଗ୍ମ ଶାସନ ସଚିବ ମୌସୁମୀ ନାୟକ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ‘ଫିଟ୍ ଇଣ୍ଡିଆ’ ଦୃଷ୍ଟିକୋଣକୁ ଆଗେଇ ନେଉଛି ‘ସାଇକେଲ୍‌ରେ ରବିବାର’

**ଭୁବନେଶ୍ୱର,୭।୬/ଏନ୍ଏନ୍ଏସ୍:** ଓଡ଼ିଶାରେ ଏକ ସୁସ୍ଥ, ସବୁଜ ଏବଂ ଫିଟ୍ ଓଡ଼ିଶାର ପରିକଳ୍ପନାକୁ ସୁଦୃଢ଼ କରିବା ପାଇଁ ‘ସାଇକେଲରେ ରବିବାର’ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ‘ଫିଟ୍ ଓଡ଼ିଶା’ ଅଭିଯାନ ଅଧୀନରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସଚିବ ଭୂପେନ୍ଦ୍ର ସିଂ ପୁନିଆ ଏବଂ କ୍ରୀଡ଼ା ନିର୍ଦ୍ଦେଶକ ଡା. ୟେଦୁଲା ବିଜୟ ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ସାଇକେଲ ଶୋଭାଯାତ୍ରା ଡୁମୁଡୁମା ଛକରୁ ବାହାରି କିଦ୍ସ ହସ୍ପିଟାଲ ଦେଇ ଆମ୍ବେଦକର ଶିକ୍ଷା କେନ୍ଦ୍ର ପର୍ଯ୍ୟନ୍ତ ଯାଇଥିଲା । ସମୁଦାୟ ୩.୫ କିଲୋମିଟର ପରିମିତ ରାସ୍ତାରେ ଏହି ସାଇକେଲ ରାଲି ଆୟୋଜିତ ହୋଇଥିଲା । ‘ସାଇକେଲରେ ରବିବାର’ କେବଳ ଏକ ସାଇକେଲ୍ ଚାଳନା କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ‘ଫିଟ୍ ଇଣ୍ଡିଆ ମିଶନ’ ଅଧୀନରେ ଏକ ଦେଶବ୍ୟାପୀ ସ୍ୱାସ୍ଥ୍ୟ ଏବଂ ଫିଟନେସ୍ ଆନ୍ଦୋଳନ । ‘ସାଇକେଲରେ ରବିବାର’ ଭଳି ଅଭିଯାନ ମାଧ୍ୟମରେ ଓଡ଼ିଶା ସରକାର ନାଗରିକମାନଙ୍କୁ ପେଟ୍ରୋଲ୍ ଓ ଡିଜେଲ ଚାଳିତ ପରିବହନ ଉପରେ ନିର୍ଭରଶୀଳତା କମାଇବା, ମିତବ୍ୟୟିତା ଆପଣାଇବା ଏବଂ ଏକ ସ୍ୱଚ୍ଛ, ପ୍ରଦୂଷଣମୁକ୍ତ ଓ ସବୁଜ ପରିବେଶ ଗଠନରେ ଯୋଗଦାନ ଦେବା ପାଇଁ କ୍ରମାଗତ ଭାବେ ପ୍ରୋତ୍ସାହିତ







କରୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ‘ଫିଟ୍ ଇଣ୍ଡିଆ’ ସହ ତାଳ ମିଳାଇ ଥିବାରୁ ସମର୍ଥିତ ଫିଟନେସ୍, ସ୍ଥାୟୀତ୍ୱ ଏବଂ ପରିବେଶ ପରିଚାଳନାଗତ ମୂଲ୍ୟବୋଧକୁ ସଂପୂର୍ଣ୍ଣ ଭାବେ ପ୍ରତିଫଳିତ କରୁଥିବାରୁ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସେସ୍ (କିସ୍ )ର ଯୁଗ୍ମ କ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରକେଶ ଜେନାଙ୍କୁ କ୍ରୀଡା ମନ୍ତ୍ରୀ ସମ୍ବର୍ଦ୍ଧିତ କରି ତା ସହ ତାଙ୍କୁ ଏକ ସମ୍ମାନଜନକ ସ୍ୱୀକୃତି ମଧ୍ୟ ପ୍ରଦାନ କରିଥିଲେ । ଏହି ସାଇକେଲ ଶୋଭାଯାତ୍ରାରେ ସିଆଇଏସ୍ଏଫ୍, ସିଆରପିଏଫ୍, ମାଇଁ ଭାରତ, ଏନ୍ଏସ୍ଏସ୍ ଓଡ଼ିଶାର ସ୍ୱେଚ୍ଛାସେବୀ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସ୍ୱେଚ୍ଛା ସେବକ, ବିଶିଷ୍ଟ କ୍ରୀଡ଼ାବିତ୍, ସାଇକେଲ ଚାଳନାର ପ୍ରସାର କରୁଥିବା ବ୍ୟକ୍ତିବିଶେଷ, ଯୁବପିଢ଼ି, ସ୍ୱାସ୍ଥ୍ୟ ସଚେତନ ନାଗରିକ ଏବଂ ସମାଜର ବିଭିନ୍ନ ବର୍ଗର ଜନସାଧାରଣ ଅତ୍ୟନ୍ତ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ସାଇକେଲ ଚାଳନା ମାଧ୍ୟମରେ ସୁସ୍ଥ ଜୀବନଶୈଳୀ, ପରିବେଶ ସଚେତନତା ଏବଂ ଗୋଷ୍ଠୀଗତ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତେ ଏହି ଅଭିଯାନରେ ସାମିଲ ହୋଇଥିଲେ, ଯାହା ସମଗ୍ର ସମାଜ ପାଇଁ ଏକ ଅପୂର୍ବ ପ୍ରେରଣା ସୃଷ୍ଟି କରିଛି । ଏହି ସ୍ପେଶାଲ ରାଇଡ୍ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା, ବିଜୟ କୁମାର ସ୍ୱାଇଁ ଓ ସୁଧାକର ନାୟକଙ୍କ ସମେତ ଚିନ୍ତନ ଶିବିରରେ ଯୋଗଦେଇଥିବା ଚିଫ୍ ଷ୍ଟ୍ରାଟେଜିକ୍ ଅଫିସର, ପ୍ଲେଟ୍ରୋଇଟ୍ ଡକ୍ଟର ସଞ୍ଜନା କିରନ୍ ଏବଂ ଅନ୍ୟାନ୍ୟ ବିଶେଷଜ୍ଞମାନେ ଉପସ୍ଥିତ ଥିଲେ ।

### ପ୍ରସ୍ତାବିତ ‘ମୈତ୍ରୀ ଚୁକ୍ତି’

# ଓଡ଼ିଶା ଓ ଜାପାନର ତତ୍ତୋରି ପ୍ରଦେଶ ସହିତ ଆଲୋଚନା

**ଭୁବନେଶ୍ୱର,୭।୬/ଏନ୍ଏନ୍ଏସ୍:** ଓଡ଼ିଶା ସରକାର ଏବଂ ଜାପାନର ତତ୍ତୋରି ସରକାରଙ୍କ ମଧ୍ୟରେ ପ୍ରସ୍ତାବିତ ମୈତ୍ରୀ ଚୁକ୍ତି ( ଫ୍ରେଣ୍ଡସିପ୍ ଏଗ୍ରିମେଣ୍ଟ ) ସମ୍ପର୍କିତ ଏକ ଅନଲାଇନ ବୈଠକ ଆଜି ଅନୁଷ୍ଠିତ ହୋଇଛି । ଉଭୟ ପକ୍ଷ ମଧ୍ୟରେ ଦୀର୍ଘମିଆଦୀ ସହଯୋଗ ଓ ପାରସ୍ପରିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ବିଭିନ୍ନ ବିଷୟ ଉପରେ ଫଳପ୍ରଦ ଆଲୋଚନା ହୋଇଥିଲା । ବୈଠକରେ ତତ୍ତୋରି ସରକାରଙ୍କ ପକ୍ଷରୁ ଓଡ଼ିଶା ସରକାରଙ୍କ ସହିତ ଅର୍ଥନୈତିକ ସହଯୋଗ, ପର୍ଯ୍ୟଟନ, ସାଂସ୍କୃତିକ ଆଦାନ-ପ୍ରଦାନ, ଛାତ୍ର ଓ ଯୁବ ବିନିମୟ, ଏବଂ ମାନବ ସମ୍ବଳ ବିକାଶ ଭଳି କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଦିଆଯାଇଥିବା ମୈତ୍ରୀ ଚୁକ୍ତିର ଖସଡ଼ା ପ୍ରସ୍ତାବ ସଂପର୍କରେ ଆଲୋଚନା କରାଯାଇଥିଲା । ବୈଠକର ପ୍ରାରମ୍ଭରେ ଓଡ଼ିଶା ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ତତ୍ତୋରି ରାଜ୍ୟ ସରକାରଙ୍କ ମୁଖ୍ୟ ସଚିବ ଏଣ୍ଡୋ ତୋଶିକି ଉଭୟ ସରକାରଙ୍କ ପକ୍ଷରୁ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ । ତତ୍ତୋରି ସରକାରଙ୍କ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ଓ ଆନ୍ତର୍ଜାତିକ ଆଦାନ-ପ୍ରଦାନ ବ୍ୟୁରୋ, ତତ୍ତୋରି ବିକାଶ କାର୍ଯ୍ୟାଳୟ, ଗୃହ ଓ ଆନ୍ତର୍ଜାତିକ ବ୍ୟାପାର ଡିଭିଜନ, ବାଣିଜ୍ୟ ଓ ଲଜିଷ୍ଟିକ୍ସ ବିଭାଗ ଆଦି ପଦାଧିକାରୀ ଏବଂ ଅନ୍ତର୍ଜାତୀୟ ସଂପର୍କ

> **ପର୍ଯ୍ୟଟନର ପ୍ରଚାର ଏବଂ ପାରସ୍ପରିକ ଜନସମ୍ପର୍କ ବୃଦ୍ଧି ପାଇଁ ସୃଷ୍ଟି ହେବ ନୂତନ ସୁଯୋଗ**

ସଂଯୋଜକ ଏବଂ ଜାପାନସ୍ଥିତ ଭାରତୀୟ ଦୂତାବାସର ପ୍ରତିନିଧି ମଧ୍ୟ ଯୋଗଦେଇଥିଲେ ।

ଲୋକସେବା ଭବନରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଗୃହ, ଶିଳ୍ପ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, କ୍ରୀଡ଼ା ଓ ଯୁବସେବା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ, ଇପିକଲର ପରିଚାଳନା ନିର୍ଦ୍ଦେଶକ ଓ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ । ଓଡ଼ିଶା ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ କମିଶନର ତଥା ଶାସନ ସଚିବ ପ୍ରମୁଖ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ । ବୈଠକରେ ତତ୍ତୋରି ପ୍ରଦେଶର ପ୍ରତିନିଧି ଦଳଙ୍କ ଆଗାମୀ ଓଡ଼ିଶା ଗସ୍ତ ନେଇ ମଧ୍ୟ ଆଲୋଚନା ହୋଇଥିଲା । ଚଳିତ ବର୍ଷ ଜୁଲାଇ ମାସରେ ତତ୍ତୋରି ସରକାରଙ୍କ ଏକ କାର୍ଯ୍ୟ-ସ୍ତରୀୟ ପ୍ରତିନିଧି ଦଳ ଓଡ଼ିଶା ଗସ୍ତ କରିବାକୁ ଥିବାବେଳେ ନଭେମ୍ବର ମାସରେ ଟୋଟୋରି ପ୍ରଦେଶର ରାଜ୍ୟପାଳଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଓଡ଼ିଶା ଆସିବେ ବୋଲି ସୂଚନା ଦିଆଯାଇଥିଲା । ଏହି ପ୍ରସ୍ତାବିତ ମୈତ୍ରୀ ଚୁକ୍ତି ମାଧ୍ୟମରେ ଉଭୟ ରାଜ୍ୟ ମଧ୍ୟରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ସହଯୋଗ, ସ୍ଥାନୀୟ ଉତ୍ପାଦର ପ୍ରୋତ୍ସାହନ, ଶିକ୍ଷା ଓ ଦକ୍ଷତା ବିକାଶ, ପର୍ଯ୍ୟଟନର ପ୍ରଚାର ଏବଂ ପାରସ୍ପରିକ ଜନ ସମ୍ପର୍କ ବୃଦ୍ଧି ପାଇଁ ନୂତନ ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି ।

# ୨୨ରୁ ୟୁଜିସି-ନେଟ୍

### ୧୫ ସୁଦ୍ଧା ମିଳିବ ଆଡମିଟ୍ କାର୍ଡ

**ଭୁବନେଶ୍ୱର,୭।୬/ଏନ୍ଏନ୍ଏସ୍:** ଆସିଷ୍ଟାଣ୍ଟ ପ୍ରଫେସର, ଜେଆର୍ଏଫ୍ ଏବଂ ବିଭିନ୍ନ ବିଷୟରେ ପିଏଚ୍ଡି ନାମଲେଖା ଲାଗି ୟୁଜିସି-ନେଟ୍ ପରୀକ୍ଷା ଆସନ୍ତା ୨୨ରୁ ଆରମ୍ଭ ହୋଇ ଜୁନ ୩୦ ପର୍ଯ୍ୟନ୍ତ ଚାଲିବ । ଏହି ପରୀକ୍ଷାକୁ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ କରାଯିବ । ତେବେ ବିଭିନ୍ନ ବିଷୟରେ ହେବାକୁ ଥିବା ଏହି ୟୁଜିସି-ନେଟ୍ ସିବିଟି ମୋଡରେ କରାଯିବ । ସର୍ବଭାରତୀୟସ୍ତରରେ ମୋଟ୍ ୨୮୭ଟି ସହରରେ ଏହି ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବା ବେଳେ ଓଡ଼ିଶାର ୨୫ଟି ସହରରେ ପରୀକ୍ଷାକେନ୍ଦ୍ରର ବ୍ୟବସ୍ଥା କରାଯାଇଛି । ତେବେ ପରୀକ୍ଷାର୍ଥୀଙ୍କୁ ଜୁନ ୧୫ ସୁଦ୍ଧା ଆଡମିଟ୍ କାର୍ଡ ପ୍ରଦାନ କରାଯିବ ବୋଲି ଏନ୍‌ଟି ପକ୍ଷରୁ ସୂଚନା ଦିଆଯାଇଛି । ୨ଟି ସିଫ୍ଟରେ ପରୀକ୍ଷା ହେବ । ପ୍ରଥମ ସିଫ୍ଟ ସକାଳ ୯ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ଚାଲିବ । ସେହିପରି ୨ୟ ସିଫ୍ଟ ଅପରାହ୍ଣ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ । ପିଜିରେ ଯେଉଁ ଛାତ୍ରଛାତ୍ରୀ ଏଗ୍ରିଗେଟ ମାର୍କରେ ୫୫% ଏବଂ ସଂରକ୍ଷିତ (ରିଜର୍ଭେସନ) ବର୍ଗର ପିଲାମାନେ ଏଗ୍ରିଗେଟ ମାର୍କରେ ୫୦% ମାର୍କ ହାସଲ କରିଥିବେ ସେହି ପିଲାମାନେ କେବଳ ୟୁଜିସି-ନେଟ୍ ପରୀକ୍ଷା ଦେବାକୁ ମନୋନୀତ ହେବେ ।

### ଅମାନିଆ ଇସ୍କନ୍

# ପୁଣି ଅଦିନିଆ ରଥଯାତ୍ରା

**ଭୁବନେଶ୍ୱର,୭।୬/ଏନ୍ଏନ୍ଏସ୍:** ପୁଣି ଅମାନିଆ ଇସ୍କନ । ରବିବାର ପୁଣି ବିଦେଶରେ ଅଦିନିଆ ରଥଯାତ୍ରା ଆୟୋଜନ କରିଛି ଇସକନ । ଆମେରିକାର ମିଜୋରୀ ସହରରେ ଅଦିନିଆ ରଥଯାତ୍ରା ଆୟୋଜନ ହୋଇଛି । ଏଥିଲାଗି ଇସ୍କନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଶନିବାର ମଧ୍ୟ ଅନ୍ୟ ଦୁଇ ସହରରେ ଇସ୍କନ ପକ୍ଷରୁ ଅଦିନିଆ ରଥଯାତ୍ରା ଆୟୋଜନ ହୋଇଥିଲା ।

ଜର୍ମାନୀର ହେଡେଲବର୍ଗ ସହରରେ ଅଦିନିଆ ରଥଯାତ୍ରା ଆୟୋଜିତ ହୋଇଥିଲା । ସେହିପରି ଆମେରିକାର ଆଟଲାଣ୍ଟା ସହରରେ ମଧ୍ୟ ଅଦିନିଆ ରଥଯାତ୍ରା ଆୟୋଜିତ ହୋଇଥିଲା । ରବିବାର ମିଜୋରୀ ସହରରେ ରଥଯାତ୍ରା ଆୟୋଜନ କରାଯାଇଥିଲା । କେବଳ ଏହି ୩ଟି ସହର ନୁହଁ ଗତ ମାସ ୩୦ ଓ ୩୦ ଓ ୩୧ ତାରିଖରେ କାନାଡାରେ ପୁଣି ଆୟୋଜିତ ହୋଇଥିଲା ଅଦିନିଆ ରଥଯାତ୍ରା । ୩୦ ମେରେ ୱାଟରଲୁ ଏବଂ ୩୧ ମେରେ ନାଏଗ୍ରାରେ ଅଦିନିଆ ରଥଯାତ୍ରା ଆୟୋଜନ ହୋଇଥିଲା ।

କାନାଡାର ହିଲଟପ ପିକନିକ ସେଲ୍ଟରରେ ଆୟୋଜିତ ହୋଇଥିଲା ଏହି ଅଦିନିଆ ରଥଯାତ୍ରା ।ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ମହାପ୍ରଭୁଙ୍କ ରଥଯାତ୍ରା କେବଳ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ହୋଇଥାଏ । ଅନ୍ୟ ଦିନ ରଥଯାତ୍ରା କରିବା ଶାସ୍ତ୍ର ଓ ପରମ୍ପରା ବିରୁଦ୍ଧ । ମହାପ୍ରଭୁଙ୍କ ନୀତି ସହ କେହି ଖେଳିବା ଉଚିତ୍ ନୁହେଁ । ଏହା ହିନ୍ଦୁ ଧର୍ମ ଓ ଜଗନ୍ନାଥ ସଂସ୍କୃତି ଉପରେ ଆକ୍ରମଣ ବୋଲି କହିଛନ୍ତି ସେଠାରେ ରହିଥିବା ପ୍ରବାସୀ ଓଡ଼ିଆ । ଏହାକୁ ସମସ୍ତେ ନିନ୍ଦା କରିବା ସହିତ ଅଦିନିଆ ରଥଯାତ୍ରା ତୁରନ୍ତ ବନ୍ଦ କରିବାକୁ ଦାବି କରିଛନ୍ତି । ପୂର୍ବରୁ ଆମେରିକାର ମେରିଲାଣ୍ଡର ବଲ୍ଟିମୋରରେ ଇସ୍କନ ଅଦିନରେ ରଥଯାତ୍ରା ଆୟୋଜନ କରିଥିଲା । ଅଦିନିଆ ରଥଯାତ୍ରା କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କୁ କ୍ଷୁବ୍ଧ କରିଛି ।

# ସବୁ ପୌରାଞ୍ଚଳରେ ହେବ ଇଭି ଚାର୍ଜିଂ ଷ୍ଟେସନ

**ଭୁବନେଶ୍ୱର,୭।୬/ଏନ୍ଏନ୍ଏସ୍:** ରାଜ୍ୟରେ ବୈଦ୍ୟୁତିକ ଯାନ ବା ଇଭି ଗାଡ଼ି ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହ ପ୍ରଦୂଷଣମୁକ୍ତ ସବୁଜ ପରିବେଶ ସୃଷ୍ଟି କରିବା ନିମନ୍ତେ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି । ସରକାରୀ ଅଫିସଗୁଡ଼ିକରେ ଭଡ଼ା ପାଇଁ ଇଭି ଗାଡ଼ି ବାଧ୍ୟତାମୂଳକ କରିବା ପରେ ଏବେ ରାଜ୍ୟର ସବୁ ସହରାଞ୍ଚଳରେ ଇଭି ଚାର୍ଜିଂ ଷ୍ଟେସନ୍ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟର ସବୁ ମହାନଗର ନିଗମ, ପୌରପାଳିକା ଓ ଏନଏସିଗୁଡ଼ିକରେ ଇଭି ଚାର୍ଜିଂ ଷ୍ଟେସନ ପ୍ରତିଷ୍ଠା କରିବା ପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର ବା ଏସ୍ଓପି ପ୍ରସ୍ତୁତ କରାଯାଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରସ୍ତୁତ ଏହି ଚିଠା ଏସ୍ଓପିକୁ ଏବେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଓଡ଼ିଶା ଇଭି ପଲିସି ୨୦୨୧ ର ନିୟମାବଳୀ ଆଧାରରେ ଯାଞ୍ଚ କରିବା ନିମନ୍ତେ ରାଜ୍ୟ ପରିବହନ କମିଶନରଙ୍କ ପାଖକୁ ପଠାଯାଇଛି । ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ଏହି ଇଭି ଚାର୍ଜିଂ ଷ୍ଟେସନ ଗୁଡ଼ିକୁ ସହରାଞ୍ଚଳର ଏକ ରାଜସ୍ୱ ଆଦାୟକାରୀ ଭିତ୍ତିଭୂମି ଭାବେ ସାମିଲ କରାଯାଇଛି, ଯାହା ସହରୀ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ପୌରସଂସ୍ଥା ଗୁଡ଼ିକର ଆୟ ବୃଦ୍ଧିରେ ମଧ୍ୟ ସହାୟକ ହେବ । ଏହି ଚିଠା ଏସଓପି ଅନୁସାରେ, ପ୍ରଥମ ପର୍ଯ୍ୟାୟରେ ସହରାଂଚଳର ସ୍ଥାନୀୟ ସଂସ୍ଥା ବା



ୟୁଏଲବିଗୁଡ଼ିକ ସେମାନଙ୍କ ଅଧୀନରେ ଥିବା ସରକାରୀ ଜମିକୁ ଏହି ଚାର୍ଜିଂ ଷ୍ଟେସନ ପ୍ରତିଷ୍ଠା ପାଇଁ ଚିହ୍ନଟ କରିବେ । ଏହି ସ୍ଥାନ ଚୟନ ସମୟରେ ବିଶେଷକରି ପାର୍କିଂ ହବ୍, ବ୍ୟବସାୟିକ କେନ୍ଦ୍ର, ସରକାରୀ କୋଠାବାଡ଼ି, ବଜାର ଓ ପ୍ରମୁଖ ଯାତାୟାତ କରିଡରଗୁଡ଼ିକୁ ପ୍ରାଥମିକତା ଦିଆଯିବ । ଏହାସହିତ ସମ୍ପୃକ୍ତ ସ୍ଥାନରେ ପର୍ଯ୍ୟାପ୍ତ ଜାଗା, ଜନସାଧାରଣଙ୍କ ପାଇଁ ସହଜ ଗମନାଗମନ ବ୍ୟବସ୍ଥା, ବୈଦ୍ୟୁତିକ ସଂଯୋଗୀକରଣର ସୁବିଧା, ନିରାପତ୍ତା ଓ ଭବିଷ୍ୟତରେ ଏହାର ସମ୍ପ୍ରସାରଣ ପାଇଁ ଥିବା ସୁଯୋଗକୁ ବିଚାରକୁ ନିଆଯାଇ ସ୍ଥାନ ଚୂଡ଼ାନ୍ତ କରାଯିବ । ଏହି ପ୍ରକଳ୍ପ ଅଧୀନରେ ଚିହ୍ନଟ ହୋଇଥିବା ସ୍ଥାନଗୁଡ଼ିକର ବିକାଶ ଓ ଆନୁସଙ୍ଗିକ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ପୌରସଂସ୍ଥା ଗୁଡ଼ିକ ‘ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା’ ପାଣ୍ଠିରୁ ସମ୍ପାଦନ କରିବେ । ଏହି ସ୍ଥାନଗୁଡ଼ିକରେ ଗାଡ଼ି ରଖିବା ପାଇଁ ପାର୍କିଂ ସେଡ୍, ଆଲୋକୀକରଣ ବ୍ୟବସ୍ଥା, ବିଶୁଦ୍ଧ ପାନୀୟ ଜଳ ସୁବିଧା, ଶୌଚାଳୟ ଓ ଚାର୍ଜିଂ ଷ୍ଟେସନ ପାଇଁ ଆବଶ୍ୟକ ହେଉଥିବା ଅନ୍ୟାନ୍ୟ ଆନୁସଙ୍ଗିକ ସେବା ପ୍ରଦାନ କରାଯିବ । ଯେଉଁ ପୌର ସଂସ୍ଥାଗୁଡ଼ିକୁ ୨୦୨୫-୨୬ ଆର୍ଥିକ ବର୍ଷରେ ପାଣ୍ଠି ପ୍ରଦାନ କରାଯାଇଛି, ସେମାନେ ନିଜର ଆବଶ୍ୟକତା ଅନୁଯାୟୀ ଏହି ଅର୍ଥକୁ ଉପଯୋଗ କରି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିପାରିବେ । ଆଗାମୀ ୨୦୨୬-୨୭ ଆର୍ଥିକ ବର୍ଷର ବାର୍ଷିକ କାର୍ଯ୍ୟ ଯୋଜନାରେ ସମସ୍ତ ସାଇଟ୍ ବିବରଣୀ ଓ ଜିଓ-କୋଅର୍ଡିନେଟ୍ସ ସହିତ ଏହି ପ୍ରସ୍ତାବକୁ ସାମିଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଚାର୍ଜିଂ ଷ୍ଟେସନ ଗୁଡ଼ିକର ସ୍ଥାପନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଉପଯୁକ୍ତ ସଂସ୍ଥା ବା ଏଜେନ୍ସି ଚୟନ କରାଯିବ । ବାଣିଜ୍ୟ ଓ ପରିବହନ ବିଭାଗର ନିର୍ଦ୍ଦେଶାବଳୀ ଓ ଓଡ଼ିଶା ଇଭି ନୀତି-୨୦୨୧କୁ ଆଧାର କରି ପୌର ସଂସ୍ଥାଗୁଡ଼ିକ ଏହି ଟେଣ୍ଡର ପ୍ରକ୍ରିୟା ପରିଚାଳନା କରିବେ । ମନୋନୀତ ଏଜେନ୍ସି ଚାର୍ଜିଂ ଭିତ୍ତିଭୂମି ସ୍ଥାପନ କରିବା ସହ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବେ ଓ ଏଥିରୁ ମିଳୁଥିବା ରାଜସ୍ୱ ବା ଆୟକୁ ପୌର ସଂସ୍ଥା ସହିତ ଭାଗ କରିବେ । ରାଜ୍ୟ ସରକାର ଏହି ଏସଓପିକୁ ଖୁବଶୀଘ୍ର ଚୂଡ଼ାନ୍ତ ରୂପ ଦେଇ ରାଜ୍ୟର ସମସ୍ତ ପୌରାଞ୍ଚଳରେ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖିଛନ୍ତି ।




ଅଘୋଷିତ ବିଦ୍ୟୁତ୍ କାଟ, ଗୁଳୁଗୁଳିରେ ଲୋକେ ଛଟପଟ

# କ୍ଷତିପୂରଣ ଦାବି କଲେ ଉପଭୋକ୍ତା

**ବୁଗୁଡ଼ା,୭।୬/ଏନ୍ଏନ୍ଏସ୍:** ରାଜ୍ୟ ସରକାର ଚବିଶି ଘଣ୍ଟା ବିଦ୍ୟୁତ୍ ଯୋଗାଣର ଡିଣ୍ଡିମ ପିଟୁଥିବା ବେଳେ ଅଘୋଷିତ ବିଦ୍ୟୁତ କାଟ ଘଟଣା ବୁଗୁଡ଼ା ଅଞ୍ଚଳବାସୀଙ୍କ ପାଇଁ ପରିହାସ ସଦୃଶ ହୋଇଛି। ମେଘ କିମ୍ବା ସାମାନ୍ୟ ପବନ ହେଲେ ବିଦ୍ୟୁତ୍ ଯୋଗାଣ ଠପ୍ ହୋଇ ଯାଉଥିବା ସାଧାରଣ ଘଟଣା ପାଲଟିଛି। ବିନା ମେଘ ପବନରେ ମଧ୍ୟ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ ହେଉଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳିରେ ଲୋକେ ଛଟପଟ ହେଉଥିବା ବେଳେ ଦୀର୍ଘ ସମୟ ଧରି ବିଦ୍ୟୁତ କାଟ ଫଳରେ ଜଳ ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହେଉଛି। ଦୀର୍ଘ ସମୟ ଧରି ବିଦ୍ୟୁତ କାଟ ଯୋଗୁଁ ଇନ୍ଭର୍ଟର୍ ମଧ୍ୟ କାମ କରୁନଥିବାରୁ କେବଳ ସରକାରୀ କାର୍ଯ୍ୟାଳୟ ସମେତ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନର କାର୍ଯ୍ୟରେ ମଧ୍ୟ ବ୍ୟାଘାତ ସୃଷ୍ଟି ହେଉଛି।

ଗତକାଲି ବୁଗୁଡ଼ା ସହରରେ ସାମାନ୍ୟ ବର୍ଷା ହେବାରୁ ଅପରାହ୍ଣ ୪ଟାରୁ ବିଦ୍ୟୁତ କାଟ ହୋଇ ପାହାନ୍ତିଆ ୪ଟାରେ ଆସିଲା। ଆଜି ବର୍ଷା ନାହିଁ କି ପବନ ନାହିଁ ତଥାପି ସକାଳ ୮ଟାରୁ ବାରମ୍ବାର ବିଦ୍ୟୁତ ବିଭ୍ରାଟ ଲାଗି ରହିଥିଲା। ଅପରାହ୍ଣ ୨ଟାରୁ ବିଦ୍ୟୁତ କଟିଲା ଯେ ଆଉ ଆସିବାର ନାଁ ଧରୁନି। ବୁଗୁଡ଼ା ସହର ବ୍ୟତୀତ ଗ୍ରାମାଞ୍ଚଳରେ ମଧ୍ୟ ବିଦ୍ୟୁତ କାଟ ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୁଗୁଡ଼ା ବ୍ଲକ ଅନ୍ତର୍ଗତ କରଚୁଲି ଓ ଗୋଲିଆ ପଞ୍ଚାୟତରେ ଶନିବାର ସକାଳ ୯ରୁ ବିଦ୍ୟୁତ କଟିଛି ଯେ ରବିବାର ସନ୍ଧ୍ୟା ପର୍ଯ୍ୟନ୍ତ ବିଦ୍ୟୁତ ଆସି ନଥିଲା। କରଚୁଲି ଗ୍ରାମରେ କୂଅ ପୋଖରୀ ଶୁଖିଲା ପଡ଼ିଥିବା ବେଳେ ଲୋକେ ପାଇପ ପାଣି ଉପରେ ନିର୍ଭର କରି ଚଳୁଥିଲେ। ତେବେ ୩୬ ଘଣ୍ଟା ହେଲା ବିଦ୍ୟୁତ ଯୋଗାଣ ବନ୍ଦ ରହିଥିବାରୁ ଲୋକେ ପାଣି ପାଇଁ ଡହଳବିକଳ ହେଲେଣି। ଅଘୋଷିତ ବିଦ୍ୟୁତ କାଟ ବନ୍ଦ ପାଇଁ କାର୍ଯ୍ୟାଳୟକୁ ଗୁହାରି ଜଣାଇବାକୁ ଲୋକ ଯାଉଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କ ଦେଖା ମିଳୁନି। କୌଣସି ଅଞ୍ଚଳରେ ୬ଘଣ୍ଟାରୁ ଅଧିକ ସମୟ ବିଦ୍ୟୁତ କାଟ ହେଲେ ହିତାଧିକାରୀଙ୍କୁ କ୍ଷତିପୂରଣ ଦେବାକୁ ନିୟମ ଥିବା ବେଳେ ବୁଗୁଡ଼ା ଅଞ୍ଚଳରେ ଅଧିକାଂଶ ଦିନ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ ପାଇଁ ଉପଭୋକ୍ତାମାନଙ୍କୁ କିଏ କ୍ଷତି ପୂରଣ ଦେବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦରେ ଜନ ଆନ୍ଦୋଳନ କରିବା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅସନ୍ତୁଷ୍ଟ ଜନତା ବିଦ୍ୟୁତ୍ ବିଭାଗର ମନମାନି ବିରୁଦ୍ଧରେ ରାଜରାସ୍ତାକୁ ଓହ୍ଲାଇବାକୁ ସଜବାଜ ହେଉଥିବା ଜଣାପଡ଼ିଛି।

ଜିଲ୍ଲାସ୍ତରୀୟ ସମନ୍ୱୟ କର୍ମଶାଳା

# ମହିଳା ଆର୍ଥିକ ସଶକ୍ତୀକରଣ ଓ ଜଳ ସୁରକ୍ଷିତ ପଞ୍ଚାୟତ ଗଠନ

**ଫୁଲବାଣୀ,୭।୬/ଏନ୍ଏନ୍ଏସ୍:** ମହିଳା ଆର୍ଥିକ ସଶକ୍ତୀକରଣ ଏବଂ ଜଳ ସୁରକ୍ଷିତ ପଞ୍ଚାୟତ ଗଠନ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରିଲାଏନ୍ସ ଫାଉଣ୍ଡେସନ୍, ବିଲ୍ ଆଣ୍ଡ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ ଏବଂ ଗ୍ରାମ ବିକାଶ ସଂସ୍ଥାର ମିଳିତ ସହଯୋଗରେ କନ୍ଧମାଳ ଜିଲ୍ଲା ପରିଷଦ ସଭାଗୃହଠାରେ ଏକ ଜିଲ୍ଲାସ୍ତରୀୟ ସମନ୍ୱୟ କର୍ମଶାଳା ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ, ବିଭିନ୍ନ ସରକାରୀ ବିଭାଗର ଅଧିକାରୀ, ସ୍ୱେଚ୍ଛାସେବୀ ସଂସ୍ଥା, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ପଞ୍ଚାୟତ ପ୍ରତିନିଧି ଏବଂ ସମୁଦାୟର ସଦସ୍ୟମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହିଥିଲେ। ପରିବେଶ ସୁରକ୍ଷାର ମହତ ବାର୍ତ୍ତା ଦେଇ ଅତିଥିମାନଙ୍କ ଦ୍ୱାରା ବୃକ୍ଷରେ ଜଳ ପ୍ରଦାନ ପୂର୍ବକ ଏହି କର୍ମଶାଳାର ଶୁଭାରମ୍ଭ କରାଯାଇଥିଲା। ଗ୍ରାମ ବିକାଶର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଲିବି ଟି. ଜନସନ ଅତିଥିମାନଙ୍କୁ ଆଦରର ସହ ସ୍ୱାଗତ ଜଣାଇବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳର ସମଗ୍ର ବିକାଶ ନିମନ୍ତେ ଏକ ସମନ୍ୱିତ ପ୍ରୟାସର ଜରୁରୀ ଆବଶ୍ୟକତା ଉପରେ ବିଶେଷ ଆଲୋକପାତ କରିଥିଲେ। ଏହା ସହିତ ଗ୍ରାମ ବିକାଶର ଜିଲ୍ଲା ପରିଚାଳକ ବିଶ୍ୱଜିତ ସାହୁ କନ୍ଧମାଳ ଜିଲ୍ଲାରେ ସଂସ୍ଥାର ଦୀର୍ଘ ଯାତ୍ରା, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଏବଂ ସମୁଦାୟ ସହ ରହିଥିବା ସୁଦୃଢ଼ ଭାଗିଦାରୀ ସମ୍ପର୍କରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ।




ଏହି ସମନ୍ୱୟ ସଭାରେ କନ୍ଧମାଳ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ବନଖଣ୍ଡ ଅଧିକାରୀ ଘନଶ୍ୟାମ ମହାନ୍ତି, ଓରମାସର ମୁଖ୍ୟ ନିର୍ବାହୀ ଅଧିକାରୀ ଗୁଣ୍ଡିଚା ବେହେରା, ନାବାର୍ଡର ଜିଲ୍ଲା ପ୍ରବନ୍ଧକ ଏସ. କେ. ମହାନ୍ତି, କୃଷି ବିଭାଗର ପବିତ୍ର ମୋହନ ସାହୁ, ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ ରାମ ତାଣ୍ଡି, ମତ୍ସ୍ୟ ବିଭାଗର ରାମଚନ୍ଦ୍ର ବେହେରା, ପାହାଡ଼ ସଂସ୍ଥାର ନିର୍ଦ୍ଦେଶକ ପଞ୍ଚାନନ ମିଶ୍ର ଏବଂ କେଜେଏସଭିଏସର ପ୍ରତିଷ୍ଠାତା ଦୀନବନ୍ଧୁ ମହାରଣା ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନା, କୃଷି, ଜଳ ସଂରକ୍ଷଣ, ବନ ସୁରକ୍ଷା, ଜୀବିକା ବିକାଶ ଓ ମହିଳା ସଶକ୍ତିକରଣ ସମ୍ବନ୍ଧୀୟ ଆଭିମୁଖ୍ୟ ଉପରେ ନିଜ ନିଜର ମୂଲ୍ୟବାନ ତଥା ରଚନାତ୍ମକ ମତାମତ ଉପସ୍ଥାପନ କରିଥିଲେ। କର୍ମଶାଳାର ସବୁଠାରୁ ଆକର୍ଷଣୀୟ ପ୍ରସଙ୍ଗ ଥିଲା ସମୁଦାୟ ପ୍ରତିନିଧି ଓ ମହିଳା ଉଦ୍ୟୋଗୀମାନଙ୍କ ମଧ୍ୟରେ ଅନୁଭୂତି ବିନିମୟ ପ୍ରକ୍ରିୟା। ସିଙ୍ଗାବାଲି ପଞ୍ଚାୟତର ସରପଞ୍ଚ ଆନ୍ଦ୍ରିୟା ପ୍ରଧାନ ସମନ୍ୱୟ ମେଳା ମାଧ୍ୟମରେ ସରକାରୀ ବିଭାଗ ସମ୍ମୁଖରେ ଗ୍ରାମର ବିଭିନ୍ନ ନ୍ୟାଯ୍ୟ ଦାବି ସଫଳତାର ସହ ଉପସ୍ଥାପନ କରିବା ଏବଂ ସେଥିରୁ ମିଳିଥିବା ଆଶାନୁରୂପ ସଫଳତା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ସେହିପରି ଦେବକୀ ବେହେରା, ଝରଣା ସାହୁ, ପ୍ରେମାନ୍ତୀ ଦିଗାଲ, ମାମି କୁମାରୀ ନାୟକ ଓ ମେନକା ନାୟକ ପ୍ରମୁଖ ମହିଳା ଉଦ୍ୟୋଗୀମାନେ ସ୍ୱୟଂଶ୍ରୀ କାର୍ଯ୍ୟକ୍ରମ ମାଧ୍ୟମରେ ନିଜ ନିଜ ବ୍ୟବସାୟର ଉନ୍ନତି, ଆର୍ଥିକ ସ୍ୱାବଲମ୍ବନଶୀଳତା ଏବଂ 'ଲକ୍ଷପତି ଦିଦି' ହେବାର ଗୌରବମୟ ବ୍ୟକ୍ତିଗତ ଅନୁଭୂତି ସଭାରେ ବାଣ୍ଟି ସମସ୍ତଙ୍କୁ ପ୍ରେରିତ କରିଥିଲେ। ଏହା ସହିତ ପଞ୍ଚାୟତ ସମନ୍ୱୟ କମିଟିର ସଦସ୍ୟମାନେ ଗ୍ରାମ ସମିତି ଓ ସମନ୍ୱୟ କମିଟିର ମୁଖ୍ୟ ଭୂମିକା, ସରକାରୀ ଯୋଜନାରୁ ନିଜର ଅଧିକାର ସାବ୍ୟସ୍ତ କରିବା ଏବଂ ସମୁଦାୟର ନେତୃତ୍ୱ ବିକାଶ ଉପରେ ନିଜର ବହୁମୂଲ୍ୟ ଅଭିଜ୍ଞତା ଉପସ୍ଥାପନ କରିଥିଲେ। ଏହି ଅବସରରେ ଗ୍ରାମ ବିକାଶ ସଂସ୍ଥା ଦ୍ୱାରା ପରିଚାଳିତ ସୁରକ୍ଷିତ ଓ ସମ୍ମାନଜନକ ପ୍ରବାସ, ଶିଶୁଗୃହ, ଯୁବାସାଥୀ, ମହିଳା ସଶକ୍ତୀକରଣ ଓ ଜଳ ସୁରକ୍ଷିତ ଗ୍ରାମ ପଞ୍ଚାୟତ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମର ଏକ ପ୍ରଶଂସନୀୟ ପ୍ରଦର୍ଶନୀ ମଣ୍ଡପ ମଧ୍ୟ ଆୟୋଜିତ ହୋଇଥିଲା, ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

ଇଣ୍ଡିଆନ୍ ବ୍ୟାଙ୍କର ଆସିକା ଶାଖା ଉଦ୍‌ଘାଟିତ

# ଗ୍ରାହକଙ୍କୁ ତ୍ୱରିତ୍ ସେବା ଯୋଗାଇବା ଉପରେ ପ୍ରାଥମିକତା

**ଆସିକା,୭।୬/ଏନ୍ଏନ୍ଏସ୍:** ଇଣ୍ଡିଆନ୍ ବ୍ୟାଙ୍କର ଆସିକା ଶାଖା ଶନିବାର ବସଷ୍ଟାଣ୍ଡ କଳିଙ୍ଗ ରୋଡ୍ ମୁଖ୍ୟରାସ୍ତା ପାର୍ଶ୍ୱରେ ଉଦ୍‌ଘାଟିତ ହୋଇଯାଇଛି। ଇଣ୍ଡିଆନ୍ ବ୍ୟାଙ୍କ ଆସିକା ଶାଖା ପରିଚାଳକ କେ. ରାଜକୁମାର ପାତ୍ରଙ୍କ ସଂଯୋଜନାରେ ଇଣ୍ଡିଆନ୍ ବ୍ୟାଙ୍କର ନୂତନ ଭାବେ ଖୋଲିଥିବା ଆସିକା ଶାଖାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭୁବନେଶ୍ୱର କ୍ଷେତ୍ରୀୟ ମହାପ୍ରବନ୍ଧକ ଏସ୍. କନକ ଉଦ୍‌ଘାଟକ ରୂପେ ଯୋଗଦେଇ ଶାଖାକୁ ଲୋକାର୍ପଣ କରିଥିଲେ। ଇଣ୍ଡିଆନ୍ ବ୍ୟାଙ୍କର ଆସିକା ଶାଖା ବ୍ରହ୍ମପୁର ଜୋନ୍‌ର ୪୩ତମ ଶାଖା ହୋଇଥିଲାବେଳେ ସମଗ୍ର ଭାରତବର୍ଷର ୬୦୦୩ତମ ଶାଖା ବୋଲି ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ଇଣ୍ଡିଆନ୍ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ ମହାପ୍ରବନ୍ଧକ ଏସ୍. କନକ, ଆଞ୍ଚଳିକ ପ୍ରବନ୍ଧକ ଧର୍ମେନ୍ଦ୍ର ପ୍ରତାପ ପରମାର୍, ଉପ ଆଞ୍ଚଳିକ ପ୍ରବନ୍ଧକ ପ୍ରିୟଦର୍ଶନ ମିଶ୍ର, ମୁଖ୍ୟ ପ୍ରବନ୍ଧକ କୈଳାଶ ବେହେରା, ବରିଷ୍ଠ ପ୍ରବନ୍ଧକ କିରଣଲାଲ୍ ନନ୍ଦ, ସାଗର ପୃଷ୍ଟି, ସୁରକ୍ଷା ପ୍ରବନ୍ଧକ ତାପସ ମିଶ୍ର, ଅଧିକାରୀ ସଂଗଠନ ସଭାପତି ପ୍ରଦୀପ ବେହେରା ଓ ସଂପାଦକ ସିମାଞ୍ଚଳ ନାୟକ, ଗୌରବ ତ୍ରିପାଠୀ, ପ୍ରତ୍ୟୁଷ ମଲ୍ଲିକ, ହରିଶ୍ଚନ୍ଦ୍ର ଦାଶ, ଭବାନୀ ଶଙ୍କର ସାହୁଙ୍କ ସମେତ ଇଣ୍ଡିଆନ୍ ବ୍ୟାଙ୍କର ବିଭିନ୍ନ ଶାଖାର ପଦାଧିକାରୀମାନେ ଯୋଗ ଦେଇଥିଲେ। ବ୍ୟାଙ୍କ ପକ୍ଷରୁ ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ। ଏହି ନୂତନ ବ୍ୟାଙ୍କ ଶାଖା ଯୋଗେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ବିଶେଷ ଭାବେ ଉପକୃତ ହୋଇପାରିବେ ବୋଲି କୁହାଯାଉଛି। ଗ୍ରାହକଙ୍କୁ ତ୍ୱରିତ୍ ବ୍ୟାଙ୍କ ସେବା ଯୋଗାଇଦେବାକୁ ପ୍ରାଥମିକତା ଦିଆଯାଉଥିବା ଜଣାପଡ଼ିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆସିକା ଓକିଲ ସଂଘର କୋଷାଧକ୍ଷ ତଥା ଯୁବ ଆଇନଜୀବୀ ରାଘବ କୁମାର ନାହାକ, ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପକ ସରୋଜ କୁମାର ପଣ୍ଡା, ଆସିକା ଔଷଧ ବ୍ୟବସାୟୀ ସଂଘର ସଭାପତି କେ. ଗୋପାଳକୃଷ୍ଣ ସେନାପତି ଓ କାର୍ଯ୍ୟକାରୀ କମିଟି ସଦସ୍ୟ ସୂର୍ଯ୍ୟ ନାରାୟଣ ଶତପଥୀ, ବରିଷ୍ଠ ଔଷଧ ବ୍ୟବସାୟୀ ଏଲ୍. ଲକ୍ଷ୍ମୀକାନ୍ତ ପାତ୍ର, କେ.କ୍ଷିରାବ୍ଧୀ ପାତ୍ର, ଆସିକା ବଣିକ ସଂଘର ସଭାପତି ୟୁ. ସଞ୍ଜୟ କୁମାର ପାତ୍ର, ସଂପାଦକ କେ.ସତ୍ୟନାରାୟଣ ପାତ୍ର, ଯୁଗ୍ମ ସଂପାଦକ ପି.ରାଜା ପାତ୍ରଙ୍କ ସମେତ ବହୁ ସଚେତନ ନାଗରିକ, ବିଭିନ୍ନ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଆସିକାରେ ଇଣ୍ଡିଆନ୍ ବ୍ୟାଙ୍କର ଏକ ଶାଖା ଖୋଲିବା ଲାଗି ଗତ ୨୦୨୧ ମସିହା ଡିସେମ୍ବର ମାସ ୧୬ ତାରିଖରେ ତତ୍କାଳୀନ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।



କନ୍‌ଷ୍ଟେବଲ ଆଶୁତୋଷ ନିଆଁରେ ଜଳିବା ଘଟଣାରେ ନୂଆ ମୋଡ଼

# ସ୍ତ୍ରୀ ଓ ଶାଳକଙ୍କ ବିରୋଧରେ ହତ୍ୟା ଉଦ୍ୟମ ଅଭିଯୋଗ !

**ବ୍ରହ୍ମପୁର,୭।୬/ଏନ୍ଏନ୍ଏସ୍:** ବ୍ରହ୍ମପୁର ଟାଉନ୍ ଥାନା ଅନ୍ତର୍ଗତ ବିଜିପୁର ଛକ ପୁଲିସ୍ କ୍ୱାର୍ଟର ନିକଟରେ ଛତ୍ରପୁରର ଓଏମ୍‌ଭିଡି କନଷ୍ଟେବଲ ଆଶୁତୋଷ ମୃଦୁଙ୍ଗିଆ(୩୧) ଜଳିଯିବା ଘଟଣାର ନୂଆ ମୋଡ଼ ନେଇଛି। ଆଶୁତୋଷ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିବା କୁହାଯାଉଥିବା ବେଳେ ଆଶୁତୋଷଙ୍କ ଭଉଣୀ ନିବେଦିତା ଦେବୀ ହତ୍ୟା ଉଦ୍ୟମ ଅଭିଯୋଗ ଆଣିଛନ୍ତି। ଆଶୁତୋଷଙ୍କ ସ୍ତ୍ରୀ କନ୍‌ଷ୍ଟେବଲ ସନ୍ଧ୍ୟା ନାୟକ ଏବଂ ଶଳା ଦିବସ ନାୟକଙ୍କ ନାମରେ ଆଣିଛନ୍ତି ସଙ୍ଗୀନ ଅଭିଯୋଗ। ଏନେଇ ଟାଉନ୍ ଥାନାରେ ଅଭିଯୋଗ ପରେ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି। ଏନେଇ ଥାନାରେ ୨୪୭/୨୬ରେ ମାମଲା ରୁଜୁ କରିଛି। ପୁଲିସ୍ ଆଶୁତୋଷଙ୍କ ମୋଟର ସାଇକେଲ, ସ୍ତ୍ରୀ ସନ୍ଧ୍ୟା ନାୟକ ଏବଂ ତାଙ୍କ ଭାଇ ଦିବସ ନାୟକଙ୍କ ମୋବାଇଲ୍ ଫୋନ୍ ଜବତ କରିଛି। ଉଭୟଙ୍କ ବୟାନ ରେକର୍ଡ କରାଯାଇଛି। ମେଡିକାଲରେ ଚିକିତ୍ସାଧିନ ଗୁରୁତର ଆଶୁତୋଷଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ଛାନ୍‌ଭିନ୍ କରିବା ସହ ଦରପୋଡା ଏକ ଡବା, ଦିଆସିଲ୍ ଏବଂ ପୋଡିଯାଇଥିବା ଏକ ମୋବାଇଲ୍ ଫୋନ୍ ଜବତ କରି ତଦନ୍ତ ଚଳାଇଥିବା ନେଇ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ୍ ଏମ୍ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ପ୍ରକାରେ ଓଏମ୍‌ଭିଡି କନ୍‌ଷ୍ଟେବଲ ଆଶୁତୋଷ ମୁର୍ଦୁଙ୍ଗିଆ ବ୍ରହ୍ମପୁରରେ କାର୍ଯ୍ୟରତ କନଷ୍ଟେବଲ ସନ୍ଧ୍ୟା ନାୟକ(୩୨)ଙ୍କୁ ବିବାହ କରିଥିଲେ। ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ ବିବାଦ ଲାଗି ଲାଗି ରହିଥିଲା। ସ୍ତ୍ରୀଙ୍କ ଅଭିଯୋଗ କ୍ରମେ ପୂର୍ବରୁ ଦୁଇଟି ମାମଲା ସ୍ୱାମୀ ଆଶୁତୋଷଙ୍କ ନାମରେ ରହିଥିବା ଜଣାପଡିଛି। ଗତ ୨୦୨୫ ମସିହା ନଭେମ୍ବର ୧୧ ତାରିଖରେ ଆଶୁତୋଷ ନିର୍ଯାତନା ଦେଉଥିବା ନେଇ ସ୍ତ୍ରୀ ସନ୍ଧ୍ୟା ନାୟକ କୋରାପୁଟ ଥାନାରେ ଅଭିଯୋଗ କରିଥିଲେ। ସେହିପରି ସନ୍ଧ୍ୟା ନାୟକ ତିନି ମାସର ଗର୍ଭବତୀ ଥିବା ସମୟରେ ଗତ ମେ ମାସ ୨୫ ତାରିଖ ଦିନ ସ୍ୱାମୀ ମାର୍‌ପିଟ୍ କରିଥିବା ନେଇ ବ୍ରହ୍ମପୁର ମହିଳା ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ଆଶୁତୋଷ ଜେଲ୍ ଯାଇ ଗତ ତିନିଦିନ ପୂର୍ବେ ବେଲ୍‌ରେ ଆସିଥିବା ଜଣାପଡିଛି। ଇନିସପେକ୍ଟର ରାମସୁବ୍ରମଣ୍ୟମ୍ ପ୍ରଧାନ, ଡିଏସ୍‌ପି ପ୍ରିୟସ ରଞ୍ଜନ ଛଟରାୟ ମାମଲାର ତଦନ୍ତ କରୁଥିବା ଜଣାପଡ଼ିଛି। ସୂଚନାଥାଉକି ଗତ ୫ ତାରିଖ ଦିନ ବିଜିପୁର ପୁଲିସ୍ କ୍ୱାର୍ଟର ପରିସରରୁ ଜଳିପୋଡ଼ି ଗୁରୁତର ଅବସ୍ଥାରେ କନ୍‌ଷ୍ଟେବଲ ଆଶୁତୋଷ ମୁର୍ଦୁଙ୍ଗିଆଙ୍କୁ ଉଦ୍ଧାର କରାଯାଇଥିଲା। ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଶରୀର ପ୍ରାୟ ୮୦ ପ୍ରତିଶତ ପୋଡି ଯାଇଥିବା ବେଳେ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି।

# ସାଇଭକ୍ତ ଯୁଗଳ ଚରଣ ଦାଶଙ୍କ ଆକସ୍ମିକ ଦେହାନ୍ତ

**ବୁଗୁଡ଼ା,୭।୬/ଏନ୍ଏନ୍ଏସ୍:** ସ୍ଥାନୀୟ ସତ୍ୟସାଇ ସେବା ସମିତିର ପ୍ରତିଷ୍ଠାତା ସଦସ୍ୟ ତଥା ପ୍ରାକ୍ତନ ଆବାହକ ଯୁଗଳ ଚରଣ ଦାଶ(୬୫)ଙ୍କ ଆକସ୍ମିକ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ରବିବାର ସକାଳେ ସେ ତାଙ୍କର ସୀମାଞ୍ଚଳ ମାର୍ଗସ୍ଥିତ ବାସଭବନରେ ବ୍ରେନ୍ ଷ୍ଟ୍ରୋକର ଶିକାର ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସାହିବାସିନ୍ଦା ଏବଂ ସତ୍ୟସାଇ ସେବା ସମିତିର ସଦସ୍ୟଗଣ ତାଙ୍କ ବାସଭବନକୁ ଅନ୍ତିମ ଦର୍ଶନ ସହ ତାଙ୍କର ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ସେ ଜଣେ ଉତ୍ତମ ଭଜନ ଗାୟକ ସାଙ୍ଗକୁ ସମାଜସେବୀ ଓ ମେଳାପୀ ବ୍ୟକ୍ତି ଥିଲେ। ତାଙ୍କର ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

କୋର୍ଟଙ୍କ ଆଦେଶ ଅବମାନନା

# ଭଡ଼ା ଘର ନ ଛାଡ଼ିବା ଅଭିଯୋଗରେ ଦମ୍ପତି ଗିରଫ

**ବୁଗୁଡ଼ା,୭।୬/ଏନ୍ଏନ୍ଏସ୍:** ବୁଗୁଡ଼ା ଥାନା ଅନ୍ତର୍ଗତ ବାଲିପଦର ମୁଖ୍ୟ ସଡ଼କରେ ଥିବା ଏକ ଭଡ଼ା ଘରକୁ ଅକ୍ତିଆର କରି ନ ଛାଡ଼ିବା ସହ କୋର୍ଟ ଆଦେଶକୁ ଅବମାନନା କରିବା ଅଭିଯୋଗରେ ଦମ୍ପତି ଗିରଫ ହୋଇଛନ୍ତି। ଗିରଫ ଦମ୍ପତି ହେଲେ ବାଲିପଦର ଗ୍ରାମର ବିଜୟ ସାସମଲ (୫୦) ଓ ସୁକାନ୍ତି ସାସମଲ (୪୦) । ଏନେଇ କେସ୍ ନଂ ୨୭୬/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ। ପ୍ରକାଶ ଯେ ବାଲିପଦର ଗ୍ରାମର କେ.ସୁବାସ ଚନ୍ଦ୍ର ପାତ୍ରଙ୍କ ମୁଖ୍ୟ ସଡ଼କରେ ଥିବା ଘରକୁ ବିଜୟଙ୍କ ପରିବାର ୧୯୯୧ ମସିହାରୁ ଦୀର୍ଘ ୩୫ ବର୍ଷ ହେଲା ଭଡ଼ାରେ ରହି ଘର ଛାଡୁ ନଥିଲେ। ଏନେଇ କେ.ସୁବାସ ଚନ୍ଦ୍ର ପାତ୍ର ଅଦାଲତର ଆଶ୍ରୟ ନେଇଥିଲେ। ଭଞ୍ଜନଗର ସିଭିଲ୍ ଜଜ୍ ସିନିୟର୍ ଡିଭିଜନ୍ ବିଚାରପତି ସୁବାସଙ୍କ ସପକ୍ଷରେ ରାୟ ପ୍ରଦାନ କରିବା ପରେ ଗତ ୧୮ ତାରିଖରେ କୋର୍ଟ ଅଧିକାରୀଙ୍କ ଉପସ୍ଥିତିରେ ପୁଲିସ ସୁବାସଙ୍କୁ ଉକ୍ତ ଘର ହସ୍ତାନ୍ତର କରିଥିଲେ। ତେବେ ଅଭିଯୁକ୍ତ ଦମ୍ପତି ଉକ୍ତ ଘର ତାଲା ଭାଙ୍ଗିବା ସହ ଅବୈଧ ପ୍ରବେଶ କରି ନାନା ପ୍ରକାର ଧମକଚମକ ଦେଉଥିବା ଫଳରେ ଆଜି ପୁଲିସ ଉକ୍ତ ଘର ସୁବାସଙ୍କୁ ହସ୍ତାନ୍ତର କରିବା ସହ ଅଭିଯୁକ୍ତ ଦମ୍ପତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ବାଲିପଦର ଫାଣ୍ଡି ଅଧିକାରୀ କେ.ନୀଳାଦ୍ରି ରେଡ୍ଡି ସୂଚନା ଦେଇଛନ୍ତି।

ଗୋଦାବରୀଶ ମିଶ୍ର ଆଦର୍ଶ ସ୍କୁଲ୍ ଯୋଜନା

# ଛତ୍ରପୁର ବ୍ଲକର ୨ ବିଦ୍ୟାଳୟ ପାଇଁ ସ୍ଥାପନ ହେଲା ଭିତ୍ତିପ୍ରସ୍ତର

**ଛତ୍ରପୁର,୭।୬/ଏନ୍ଏନ୍ଏସ୍:** ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ୨୦୪ଟି ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନର ଶୁଭାରମ୍ଭ ହୋଇଛି। ଖୋର୍ଦ୍ଧା ଜିଲ୍ଲାର ଲୋକନାଥ ଦେବ ସରକାରୀ ବିଦ୍ୟାଳୟ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ସେଥିମଧ୍ୟରୁ ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ପୋଟଲାମପୁର ପଞ୍ଚାୟତର ପିଏମ୍‌ଶ୍ରୀ ଗଙ୍ଗାପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସୁନ୍ଦେରଶ୍ୱର ଉନ୍ନୀତ ବିଦ୍ୟାଳୟଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ନିମନ୍ତେ ଶିଳାନ୍ୟାସ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ସୁନ୍ଦରେଶ୍ୱର ଉନ୍ନୀତ ବିଦ୍ୟାଳୟରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗ ଦେଇ ଶିଶୁମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ, ଉତ୍ତମ ଶିକ୍ଷା ଓ ସଶକ୍ତ ଓଡ଼ିଶା ଗଢ଼ିବା ନେଇ ମତପୋଷଣ କରିଥିଲେ। ପିଏମ୍‌ଶ୍ରୀ ଗଙ୍ଗାପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସିଡିଇଓ ସମୀର ଜେନା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀ ଓ ଉପସ୍ଥିତ ଜନସାଧାରଣଙ୍କୁ ଆଦର୍ଶ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଆଗାମୀ ପିଢ଼ିଙ୍କ ପାଇଁ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଯାଉଛି ବୋଲି ମତପୋଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର, ଛତ୍ରପୁର ପଞ୍ଚାୟତ ସମିତି ଉପାଧକ୍ଷା ଏସ. ଶାରଦା ରେଡ୍ଡୀ, ବ୍ଲକ ଶିକ୍ଷାଧିକାରୀ ସୁଜିତ କୁମାର ପାଢ଼ୀ, ବରିଷ୍ଠ ବୈଷୟିକ ପରାମର୍ଶଦାତା ମନୋଜ କୁମାର ବେହେରା, ବୈଷୟିକ ପରାମର୍ଶଦାତା ଦିପ୍ତିମୟୀ ନାୟକ , ୧୯ ନମ୍ବର ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ନାହାକ,୨୧ ନମ୍ବର ଜିଲ୍ଲାପରିଷଦ ସଭ୍ୟା ଛବିତାରାଣୀ ବେହେରା, ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତିସଭ୍ୟ ଶମ୍ଭୁନାଥ ସ୍ୱାଇଁ, ସୁନ୍ଦରପୁର ସରପଞ୍ଚ ଗଗନ କୁମାର ବେହେରା, ସମିତିସଭ୍ୟା ସୁଜ୍ଞାନି ସେଠୀ, ସ୍କୁଲ ପରିଚାଳନା କମିଟି, ଶିକ୍ଷକ ଶିକ୍ଷୟିତ୍ରୀ, ଗ୍ରାମବାସୀ, ଛାତ୍ରଛାତ୍ରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଗଞ୍ଜାମ ଜିଲ୍ଲାର ଅନ୍ୟ ବିଦ୍ୟାଳୟ ମଧ୍ୟରେ ବୁଗୁଡ଼ା, ରଙ୍ଗେଇଲୁଣ୍ଡା, ଧରାକୋଟ ଓ ଖଲ୍ଲିକୋଟ, ଜଗନ୍ନାଥପ୍ରସାଦ ବ୍ଲକ୍‌ର ଗୋଟିଏ ଲେଖାଏଁ ବିଦ୍ୟାଳୟକୁ ଦ୍ୱିତୀୟ ପର୍ଯ୍ୟାୟରେ ହାତକୁ ନିଆଯାଇଛି। ଆଗାମୀ ୪ ବର୍ଷରେ ରାଜ୍ୟରେ ମୋଟ ୨୨ଶହ ଆଦର୍ଶ ବିଦ୍ୟାଳୟ ସ୍ଥାପନ ହେବାକୁ ଥିବାବେଳେ ଏଥିପାଇଁ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ମହିଳାଙ୍କ ସୁରକ୍ଷା ଓ ସଂରକ୍ଷଣ ଦାବି

# ଗହଙ୍ଗୁରେ ବିଜେଡିର ନାରୀ ଅଧିକାର ଅଭିଯାନ

**ଆସିକା,୭।୬/ଏନ୍ଏନ୍ଏସ୍:** ମହିଳାମାନଙ୍କ ପ୍ରତି ବଢ଼ି ଚାଲିଥିବା ନିର୍ଯାତନା ବନ୍ଦ କରିବା ଏବଂ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଦାବି ନେଇ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ରବିବାର ଦିନ ଆସିକା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ମାଙ୍ଗୁଡ଼ା ଗ୍ରାମରେ ଏକ ବିଶାଳ ନାରୀ ଅଧିକାର ଅଭିଯାନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ସଂଯୋଜନା ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମାବେଶରେ ପୂର୍ବତନ ସାଂସଦ ପ୍ରମିଳା ବିଷୋୟୀ, ବରିଷ୍ଠ ବିଜେଡି ନେତ୍ରୀ ରଞ୍ଜିତା ସାହୁ, ସଂଘମିତ୍ରା ଦଳେଇ, ବିଜେଡି ନେତା ସୁବାସ ମହାରଣା, ଗଞ୍ଜାମ ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ତଥା ଆଇନଜୀବୀ ନଚିକେତା ସ୍ୱାଇଁ, ଜିଲ୍ଲା ପରିଷଦ ସଦସ୍ୟ ତଥା ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ବି. ମନୋଜ କୁମାର ଦୋରା, ବରିଷ୍ଠ ବିଜେଡି ନେତା ଭବାନୀ ଶଙ୍କର ମଲ୍ଲିକ, ଆସିକା ବ୍ଲକ ବିଜେଡି ସଭାପତି ବିଦ୍ୟାନ୍ତ କୁମାର ଚର୍ଚ୍ଚି, ଆସିକା ମହିଳା ନଗର ବିଜେଡି ସଭାନେତ୍ରୀ ଏନ୍. ରଶ୍ମିତା ସେନାପତି, ବରିଷ୍ଠ ବିଜେଡି ନେତା ଅନିଲ୍ କୁମାର ନାୟକ, ସନ୍ତୋଷ କୁମାର ନାୟକ, ଜୟସେନ ସ୍ୱାଇଁ, କାମରାଜୁ ଭୋଳ, ରବୀନ୍ଦ୍ର କୁମାର ସାମଲ, ଅମୂଲ୍ୟ କୁମାର ଉପାଧ୍ୟାୟ, ମନୋଜ କୁମାର ପରିଡ଼ା, ଜୟନ୍ତୀ ବେହେରା, ରୁନୁ ସାହୁ ଏବଂ ପ୍ରତିମା ନାହାକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।



ଏହି ଅବସରରେ ନେତୃବୃନ୍ଦ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିବା ସହ ନାରୀ ନିର୍ଯାତନା ଏବଂ ହାଜତ ମୃତ୍ୟୁ ପ୍ରସଙ୍ଗ ଉଠାଇ ବିଜେପି ସରକାରଙ୍କୁ ଘେରିଥିଲେ। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଓ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ମୂଲ୍ୟବୃଦ୍ଧି ଯୋଗୁଁ ସାଧାରଣ ଜନତାଙ୍କ ଜୀବନଜୀବିକା ଦୁର୍ବିଷହ ହୋଇପଡ଼ିଛି ଏବଂ ରାଜ୍ୟରେ ଏକ ଅପାରଗ ଓ ସ୍ଥାଣୁ ସରକାର ଚାଲିଛି ବୋଲି ସେମାନେ ଗୁରୁତର ଅଭିଯୋଗ କରିଥିଲେ। ହିତାଧିକାରୀଙ୍କୁ ଭତ୍ତା ମିଳୁନଥିବା ବେଳେ ସବୁଥିରେ ମିଛ କଥା କହି ଶାସନ ଗାଦିକୁ ଆସିଥିବା ଏହି ଅପାରଗ ସରକାରକୁ ଆଗାମୀ ଦିନରେ ମା'ମାନେ ହିଁ ନିଶ୍ଚିତ ଭାବେ ବିଦା କରିବେ ବୋଲି ନେତାମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଦଳର ମହିଳା ସଂଗଠନ, ବିଜୁ ଯୁବ ଛାତ୍ର ସଂଗଠନ, ଦଳୀୟ ନେତା ଓ କର୍ମୀମାନେ ମାଙ୍ଗୁଡ଼ା ଗ୍ରାମର ପ୍ରସିଦ୍ଧ ଶୈବପୀଠ ପାତାଳେଶ୍ୱର ନିକଟରୁ ବାହାରି ନବୀନ ପଟ୍ଟନାୟକ ଜିନ୍ଦାବାଦ ଓ ମଞ୍ଜୁଳା ସ୍ୱାଇଁ ଜିନ୍ଦାବାଦ ଧ୍ୱନି ଦେଇ ଗ୍ରାମ ପରିକ୍ରମା କରିବା ପରେ ମା' ମଙ୍ଗଳା ମନ୍ଦିର ନିକଟରେ ଆୟୋଜିତ ସଭାରେ ଯୋଗଦେଇଥିଲେ। ଦୀର୍ଘ ଦିନର ବ୍ୟବଧାନ ପରେ ଆସିକା ନିର୍ବାଚନ ମଣ୍ଡଳୀରେ ବିଜେଡି ଏହି ନାରୀ ଅଧିକାର ସମାବେଶ ଜରିଆରେ ନିଜର ଶକ୍ତି ପ୍ରଦର୍ଶନ କରିଥିବା ବେଳେ ବିପୁଳ ଜନସମାଗମ ଦେଖି ବିରୋଧୀ ମହଲରେ ଛନକା ପଶିଯାଇଥିବା ଆଲୋଚନା ହେଉଛି। ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ରବୀନ୍ଦ୍ରନାଥ ସାହୁ, ରବୀନ୍ଦ୍ର ପୋଲାଇ, ତ୍ରିନାଥ ବେହେରା, ଅମିତ ନାହାକ, ପାଣ୍ଡୁ ମଲ୍ଲିକ, ମନୋଜ ପୋଲାଇ, ରଞ୍ଜିତ ଗୌଡ଼, ଲବ ସାହୁ, ସୁଦାମ ଦୋରା, ଜିତେନ୍ଦ୍ର କୁମାର ମହାରଣା, ମୁନା ବାରିକ, ଟୁକୁନା ନାହାକ, ସାଇରାଜ ଦଳେଇ, ସନାତନ ବିଶ୍ୱାଳ, ସୂର୍ଯ୍ୟନାରାୟଣ ଭୂୟାଁ, ଶିବପ୍ରସାଦ ଶତପଥୀ, ନରେଶ ବିଷୋୟୀ, ଶ୍ୱେତବସନ୍ତ ଲେଙ୍କା, ଶିବରାମ ପାଣିଗ୍ରାହୀ, ସୀମାଞ୍ଚଳ ସ୍ୱାଇଁ, ବାପିନା ଜେନା, ଭଗବାନ ବିଶ୍ୱାଳ, କେ. ରବିନ ପାତ୍ର, ଆକାଶ ସ୍ୱାଇଁ, ନୀଳାଞ୍ଚଳ ମହାରଣା ଏବଂ ବିମଳ ପ୍ରଧାନଙ୍କ ସମେତ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଦଳୀୟ ନେତା ଓ କର୍ମୀ ଯୋଗଦେଇଥିଲେ। ସମାବେଶରେ ଆସିକା ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ବରିଷ୍ଠ ନେତା ଭବାନୀ ଶଙ୍କର ମଲ୍ଲିକଙ୍କ ହୃଦୟସ୍ପର୍ଶୀ ଅଭିଭାଷଣ ଶୁଣି ଶତାଧିକ କର୍ମୀଙ୍କ କରତାଳିରେ ସଭାସ୍ଥଳ ପ୍ରକମ୍ପିତ ହୋଇଉଠିଥିଲା।

# ହିଞ୍ଜିଳିକାଟୁ ବ୍ଲକ ଠିକାଦାରଙ୍କ ବୈଠକ

**ହିଞ୍ଜିଳିକାଟୁ,୭।୬/ଏନ୍ଏନ୍ଏସ୍:** ମା' କରେଇସୁଣୀ ପୀଠରେ ହିଞ୍ଜିଳିକାଟୁ ବ୍ଲକର ଠିକାଦାରମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାରୀ ନିର୍ମାଣ କାର୍ଯ୍ୟରେ ଠିକାଦାରମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ଠିକାଦାରମାନେ ଏକତ୍ରିତ ହୋଇ ସଂଘର ସାଂଗଠନିକ ସୁଦୃଢ଼ତା ଓ ପଦାଧିକାରୀ ଚୟନ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ। ସରକାରଙ୍କ ନିର୍ଦ୍ଧାରିତ ଦରରେ ଟେଣ୍ଡର ପକାଇବା ଏବଂ ହିଞ୍ଜିଳିକାଟୁ ଅଞ୍ଚଳରେ ହେବାକୁ ଥିବା କାର୍ଯ୍ୟଗୁଡ଼ିକରେ ଅତ୍ୟଧିକ କମ୍ ଦରରେ ଟେଣ୍ଡର ପକାଇବା ପ୍ରବୃତ୍ତିକୁ ସମୁହଗତ ଭାବେ ବିରୋଧ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆଗାମୀ ଦିନରେ ସମସ୍ତ ଠିକାଦାରଙ୍କୁ ନେଇ ପୁନର୍ବାର ବୈଠକ ଆୟୋଜନ ସହିତ ସଂଘର ସାଂଗଠନିକ କାର୍ଯ୍ୟକ୍ରମକୁ ଆହୁରି ସକ୍ରିୟ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ। ସଂଘର ସ୍ୱାର୍ଥ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନିଆଯିବା ନେଇ ନିଷ୍ପତ୍ତି ହୋଇଥିଲା।

ନିତିଦିନ NITIDIN



## ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସ




**ଯାଜପୁର,୭।୬/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଯାଜପୁର ବ୍ଲକର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ନାଥସାହି ପରିସରରେ ବିଶ୍ୱ ପରିବେଶ ଦିବସ ଜିଲ୍ଲା ଦୌରାଜଜ୍ ତଥା ପ୍ରାଧିକରଣ ଅଧକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଅଛି। ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ତଥା ପ୍ରାଧିକରଣ ସଚୀବ ନେହା ଅଗ୍ରୱାଲ୍ ପ୍ରାରମ୍ଭିକ ବକ୍ତବ୍ୟ ସହ ସୂଚନା ପ୍ରଦାନ କରିଥିଲେ। ଏଥିରେ ଅତିଥି ଆଲୋଚକ ଭାବେ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ ସର୍ବେଶ୍ୱର ଦାସ, ସିଭିଲ୍ ଜଜ୍ ସୁନୀତା ବିଶ୍ୱାଳ, ଆଡିସନାଲ୍ ଏସ୍‌ପି ରତିକାନ୍ତ ଗିରି, ଫରେଷ୍ଟ ରେଞ୍ଜ ଅଫିସର ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ. ରୁଦ୍ରନାରାୟଣ ପୃଷ୍ଟି ପ୍ରମୁଖ ଯୋଗଦେଇ ଆଜି ଦିବସର ବିଶେଷତ୍ୱ, ସନ୍ତୁଳିତ ଓ ଅସନ୍ତୁଳିତ ପରିବେଶର ଜନଜୀବନ ଉପରେ ପ୍ରଭାବ ସହିତ ଚଳିତ ବର୍ଷର କଥାବସ୍ତୁ ଏବେଠୁ ଜଳବାୟୁ ପାଇଁ ଶିର୍ଷକରେ ବିସ୍ତୃତ ଆଲୋଚନା କରିଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରଦୁଷଣ ପରିବେଶ ଓ ତାର କୁପରିଣତି ବିଷୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦିପ୍ତିମୟୀ ପୃଷ୍ଟି, କ୍ଷୀରାବଧୀତନୟା ରାୟ ଓ ରାହୁଲ ଦାସଙ୍କୁ ପ୍ରାଧିକରଣ ଅଧକ୍ଷ ସିଲ୍ ଓ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମୀୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସଚେତନତା ଧର୍ମୀ ବାର୍ତ୍ତା ଲେଖା ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ବିଦ୍ୟାଳୟ ପରିସରରେ ପ୍ରାଧିକରଣ ଅଧକ୍ଷ ଓ ଅନ୍ୟ ଅତିଥିମାନେ ଫଳ ଓ ଫୁଲଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ କର୍ମଚାରୀ ଓ ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଶିକ୍ଷା କର୍ମଚାରୀମାନେ ସହଯୋଗ କରିଥିଲେ।

## ଓଲଟିଲା ପାଣି ବୋତଲ ବୋଝେଇ ପିକ୍‌ଅପ୍



**ପରଜଙ୍ଗ,୭।୬/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ୫୩ ନଂ ଜାତୀୟ ରାଜପଥ ବଡ଼ଝରା ମହିମା ଟୁଙ୍ଗୀ ନିକଟରେ ପାଣି ବୋତଲ ବୋଝେଇ ପିକ୍‌ଅପ୍ ଓଲଟି ପଡ଼ିଲା। ସୂଚନା ଅନୁଯାୟୀ ଅନୁଗୋଳରୁ ପାଣି ବୋତଲ ବୋଝେଇ ଗାଡ଼ି ନଂ ଓଡି ୧୯ ଡବ୍ଲ୍ୟୁ ୩୧୬୧ ପିକ୍‌ଅପ ଭ୍ୟାନ୍ କାମାକ୍ଷା ନଗର ଆଡକୁ ଯିବା ବେଳକୁ ୫୩ ନଂ ଜାତୀୟ ରାଜପଥ ବଡଝରା ମହିମା ଟୁଙ୍ଗୀ ନିକଟରେ ଚାଳକ ପାଖ ପଛ ଚକା ଫାଟି ଯାଇଥିଲା। ଯାହାଫଳରେ ଭାରସାମ୍ୟ ହରାଇ ପିକ୍‌ଅପ୍ ଭ୍ୟାନ ରସ୍ତାର ଡିଭାଇଡର୍‌ରେ ଧକ୍କା ହୋଇ ଓଲଟି ପଡ଼ିଲା। ଅଳ୍ପକେ ଚାଳକ ଓ ଖଲାସୀ ବଡ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ବୋଝେଇ ହୋଇଥିବା ପାଣି ବୋତଲ ସବୁ ରାସ୍ତାରେ ବିଛାଡ଼ି ହୋଇ ପଡିଥିଲା। ଖବରପାଇ ପରଜଙ୍ଗ ଥାନା ପୁଲିସ ଏଏସ୍‌ଆଇ ଜଳନ୍ଧର ବାରିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ଦେଇଛନ୍ତି। ପରେ ଜାତୀୟ ରାଜପଥ ପକ୍ଷରୁ ହାଇଡ୍ରା ଆସି ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ୍‌କୁ ଜାତୀୟ ରାଜପଥରୁ ସ୍ଥାନାନ୍ତର କରିଥିଲେ। ଏହାପରେ ଗାଡ଼ି ଚଳଚଳ ସ୍ୱାଭାବିକ ହୋଇଥଲା।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

**ନାଉଗାଁ,୭।୬/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ଆନୁକୂଲ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ୨୦୪ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ମୁଖ୍ୟମନ୍ତ୍ରୀ ଦ୍ୱାରା ଅନୁଷ୍ଠିତ ହୋଇଛି। ଏହି ଅବସରରେ ନାଉଗାଁ ବ୍ଲକ୍‌ରେ ଗୋପବନ୍ଧୁ ସ୍ମାରକୀ ସରକାରୀ ଉଚ୍ଚବିଦ୍ୟାଳୟ, ତିରୁଣା ଠାରେ ମାନ୍ୟବର ବିଧାୟକ ତଥା ଜଗତସିଂହପୁର ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ଅମରେନ୍ଦ୍ର ଦାସଙ୍କ କରକମଳରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟା ଅମିତା



ସ୍ୱାଇଁ, ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ପରିଡା, ପୂର୍ବତନ ପ୍ରଧାନଶିକ୍ଷକ ରାମ ଚନ୍ଦ୍ର ପୁହାଣ, ପୁରାତନ ଛାତ୍ର ସଂସଦର ସଭାପତି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି, ସମସ୍ତ ସଦସ୍ୟ ଓ ସଦସ୍ୟା, ଛାତ୍ରଛାତ୍ରୀ, ଅଭିଭାବକ, ଏହି ଅଞ୍ଚଳରେ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ଆୟୋଜିତ ସଭାରେ ମଣ୍ଡଳ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ବଡ଼ପଣ୍ଡା ସଭାପତିତ୍ୱ କରିଥିଲା ବେଳେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଅକ୍ଷୟ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ କୁମାର ରାଉତ, ଶିକ୍ଷକ ସୁଧୀର ବିଶ୍ୱାଳ ଓ ବିଦ୍ୟାଳୟ ସମସ୍ତ ଶିକ୍ଷକ, ବ୍ଲକ୍‌ର ସମସ୍ତ ସିଆର୍‌ସିମାନେ ପରିଚାଳନା କରିଥିଲେ।

### ପୌରାଧ୍ୟକ୍ଷଙ୍କ ବାସ ଭବନରେ ବୋମା ମାଡ଼ ଘଟଣା

# ଷଡ଼ଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଥାନା ଘେରାଉ

**ପାରାଦୀପ,୭।୬/ଏନ୍‌ଏନ୍‌ଏସ୍:** କେବଳ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ଘର ଓ ପରିବାର ଉପରେ ଆକ୍ରମଣ ପାଇଁ ନୁହେଁ, ବରଂ ପାରାଦୀପରେ କେତେଗୁଡିଏ ଘଟଣା ଓ ଏହା ପଛର ଷଡ଼ଯନ୍ତ୍ର ଏବଂ ଏହାର ମୁଖ୍ୟ ଖଳନାୟକ ତଥା ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟିକାରୀଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରବିବାର ଦିନ ପ୍ରମୁଖ ରାଜନୈତିକ ଦଳ ଓ ସଂଗଠନ ପକ୍ଷରୁ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ପୃଥକ ପୃଥକ ଭାବେ ଦାବିପତ୍ର ପ୍ରଦାନ କରାଯାଇଛି। ପୌରାଧକ୍ଷଙ୍କ ବାସଗୃହକୁ ବୋମା ମାଡ଼ କେବଳ ଯେ ଟେଣ୍ଡର ବଣ୍ଟନ ନେଇ ଘଟିଛି, ଏହା ବିଶ୍ୱାସ ଯୋଗ୍ୟ ନୁହେଁ। ଏହା ପଛରେ ଷଡଯନ୍ତ୍ର ଓ ମନ୍ଦ ଉଦ୍ଦେଶ୍ୟ ରହିଛି। ଜ୍ୟୋତିକାନ୍ତ ପରିଡା (ବାପୁ) ଓ ଅନ୍ୟ ତିନିଜଣ ସହିତ ଆହୁରି ଅନେକ ଲୋକଙ୍କ ଭାଗିଦାରୀ ରହିଛି। ଏହି ଆକ୍ରମଣ ପଛରେ ମୁଖ୍ୟ କାର୍ପଟଦାର ଶ୍ରମିକ ନେତା ବୋଲାଉଥିବା ଅରିନ୍ଦମ ସର୍କେଲ (ବାପି)ଙ୍କ ନିଶ୍ଚୟ ପ୍ରଚ୍ଛଦ ସହଯୋଗ ଓ ସହାୟତା ରହିଛି। ଏ ଘଟଣାର ସମସ୍ତ ବ୍ଲୁପ୍ରିଣ୍ଟ ବାପି ସର୍କେଲଙ୍କ ପାରାଦୀପ କାର୍ଯ୍ୟାଳୟରେ ରଚନା ହୋଇଛି। ଘଟଣା ଘଟିବା ଦୁଇଦିନ ପୂର୍ବରୁ ବାପି ସର୍କେଲ ପାରାଦୀପରେ ଉପସ୍ଥିତ ଥିଲା। ଘଟଣା ଘଟିବା ସମୟରେ ବାପି ସର୍କେଲର ପାରାଦୀପ ସ୍ଥିତ କାର୍ଯ୍ୟାଳୟରେ ବାପି ସର୍କେଲ ସହିତ ଏ ଘଟଣାର ମୁଖ୍ୟ ଅପରାଧୀ ବାପୁ ପରିଡା ଓ ତାର ସହଯୋଗୀମାନେ



ଉପସ୍ଥିତ ଥିଲେ। ବୋମା ମାଡ଼ ଘଟଣା ଘଟିବାର ପ୍ରାୟ ଏକ ଘଣ୍ଟା ପରେ ବାପି ସର୍କେଲ, ବାପୁ ପରିଡା ଓ ତାଙ୍କର ସହଯୋଗୀମାନେ ପାରାଦୀପରୁ ଫେରାର ହୋଇଯାଇଥିଲେ। ଯାହାକି ବାପି ସର୍କେଲର କାର୍ଯ୍ୟାଳୟରେ ଲାଗିଥିବା ସିସି ଟିଭି ଯାଞ୍ଚ କଲେ ନିଶ୍ଚିତ ଭାବେ ସତ୍ୟ ଘଟଣା ଜଣାପଡିବ। ଏଣୁ ସିସି ଟିଭି ଯାଞ୍ଚ କରାଯିବା ସହିତ ବାପି ସର୍କେଲକୁ ମୁଖ୍ୟ ଷଡଯନ୍ତ୍ରକାରୀ ଭାବେ ନିଆଯାଇ ଗିରଫ କରାଯିବା ସହିତ ଫେରାର ଅଭିଯୁକ୍ତ ବାପୁ ପରିଡାକୁ ତୁରନ୍ତ ଗିରଫ କରାଯିବା ନେଇ ଦାବୀ କରିଛନ୍ତି ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ ତାର କଳା ସାମ୍ରାଜ୍ୟ ଯଥା ଶ୍ରମିକ ସଙ୍ଘ ନାମରେ କମ୍ପାନୀ ଓ ବଡ଼ ଠିକାଦାରଙ୍କ ଠାରୁ କୋଟି କୋଟି ଟଙ୍କାର ବଟି ଆଣିବା ଏବଂ ନିଜର ପତିଆରା କମ ହେଉଥିବାର ଜାଣିପାରି ଏଭଳି ଭୟଙ୍କର ଓ ଅବିଶ୍ୱସନୀୟ ଘଟଣା ଘଟଇଥିବା ବିଶ୍ୱାସ କରାଯାଉଛି। ପାରାଦୀପରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି କରିବା ଲକ୍ଷ୍ୟ ରଖିଛି ଏହି ଅସାମାଜିକ ସର୍କେଲ। ୨୦୦୦ ମସିହାରେ ବାପି ସର୍କେଲର ପାରାଦୀପରେ ଆବିର୍ଭାବ ହେବା ପରଠାରୁ ବିଗତ ୨୫ ବର୍ଷ ମଧ୍ୟରେ ପାରାଦୀପ ସହରରେ ଯେତେ ଘଟଣା ଯଥା ମୁନା ପତି ହତ୍ୟା ଘଟଣା, ଦୁର୍ଯ୍ୟୋଧନ ସ୍ୱାଇଁ ହତ୍ୟା ଘଟଣା, ଦିବାଲୋକରେ ପାରାଦୀପର ମାଉସୀ ମା ଛକରେ ଚର୍ଚ୍ଚିତ ମହେନ୍ଦ୍ର ସ୍ୱାଇଁ ହତ୍ୟା ଘଟଣା ଓ ଆକ୍ରମଣ, ବୋମାମାଡ, ବନ୍ଧୁକରୁ ଗୁଳି ଫୁଟାଇ ଆକ୍ରମଣ କରାଇବା ଭଳି ଅନେକଗୁଡିଏ ଘଟଣାରେ ବାପି ସର୍କେଲର ନିଶ୍ଚିତ ଭାବେ ଭୂମିକା ରହିଛି ବୋଲି ଅଭିଯୋଗ ଆଣି ଛନ୍ତି କଂଗ୍ରେସ ସଭାପତି ଉପରୋକ୍ତ ୨ ଜଣ ପାରାଦୀପ ଯୁବକମାନଙ୍କୁ ନିଶାଗ୍ରସ୍ତ କରି, ବିଭିନ୍ନ ଅସାମାଜିକ ତଥା ଅପରାଧିକ ଘଟଣା ଘଟଉଛନ୍ତି। ଏତଦବ୍ୟତୀତ ରାଜ୍ୟ ବାହାରେ ଓ କେତେବେଳେ ଦୁବାଇରେ ରହି ଖାଲିଦ ଖାଁ ନାମକ ଜନୈକ ବ୍ୟକ୍ତି ବାପି ଓ ବାପୁଙ୍କ ଦ୍ୱାରା ଇଫ୍‌କୋ ଓ ପିଆଇସିଟିର ସମଗ୍ର କାମକୁ କରାୟତ କରିବା ସହିତ ଏଠାର ସମସ୍ତ ବ୍ୟବସାୟକୁ କରାଗତ କରିବା ପାଇଁ ବିପୁଳ ଆର୍ଥିକ ସହାୟତା କରିବା ସହ ମାଫିଆ ସହାୟତା ମଧ୍ୟ ଯୋଗାଇ ଦେଉଥିବା ପାରାଦୀପ ସିଟିଜେନ ଫୋରମ ଅଭିଯୋଗ କରିଛି। ଏଣୁ ପାରାଦୀପର ସ୍ୱାର୍ଥ, ଶୃଙ୍ଖଳା, ଶାନ୍ତି ଓ ଭାଇଚାରା ପାଇଁ ଦଳମତ ନିର୍ବିଶେଷରେ ପାରାଦୀପର ସମସ୍ତ ଦଳର ପ୍ରତିନିଧିମାନେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଜିଂକ୍ୟ ବାବୁରାଓ ମାନେଙ୍କୁ ଦାବିପତ୍ର ପ୍ରଦାନ କରି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ। ବିଜେପି ପାରାଦୀପ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ, ବିଜେଡି ସଭାପତି କୁମରବର ନାୟକ, କଂଗ୍ରେସ ସଭାପତି କେଦାର ବିଶ୍ୱାଳ, କୁଜଙ୍ଗ, ପାରାଦୀପ ଆଞ୍ଚଳିକ କମିଟିର ସିପିଆଇ ନେତା ସୁବାସ ମହାପାତ୍ର ଓ ପାରାଦୀପ ସିଟିଜେନ ଫୋରମ ନେତୃତ୍ୱରେ ଶତାଧିକ ଦଳୀୟ ସମର୍ଥକ ଓ ସ୍ୱେଚ୍ଛାସେବୀମାନେ ପାରାଦୀପ ଆଦର୍ଶ ଥାନାରେ ପହଞ୍ଚି ପୃଥକ ଭାବେ ଦାବିପତ୍ର ପ୍ରଦାନ କରିଥିଲେ।

## ଜବରଦଖଲରେ ବୁଲିଲା ବୁଲ୍‌ଡୋଜର

**ଅନୁଗୋଳ,୭।୬/ଏନ୍‌ଏନ୍‌ଏସ୍:** ଅନୁଗୋଳ ସହରର କେନ୍ଦ୍ରସ୍ଥଳ ପୁରୁଣା କୁକୁଡ଼ା ଫାର୍ମ ନିକଟରେ ଥିବା ସରକାରୀ ଜମିକୁ କିଛି ମୁଷ୍ଟିମେୟ ତଥା ପ୍ରଭାବଶାଳୀ ବିଭିନ୍ନ ସଂଗଠନ ନାମରେ ପାଚେରୀ ଦେଇ ଜବରଦଖଲ କରି ରଖିଥିଲେ। ତେବେ ଜିଲ୍ଲାପାଳ ଏହି ସୂଚନା ପାଇବା ପରେ ତୁରନ୍ତ ଜବରଦଖଲ ଉଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଜି ତହସିଲଦାର,ମାଜିଷ୍ଟ୍ରେଟ,ପୌର ପ୍ରଶାସନ ଏବଂ ପୁଲିସ ଫୋର୍ସଙ୍କ ଉପସ୍ଥିତିରେ ବୁଲଡୋଜର ଲଗାଇ କୋଟି କୋଟି ମୂଲ୍ୟର ସରକାରୀ ଜାଗାକୁ ଜବରଦଖଲ ମୁକ୍ତ କରାଯାଇଥିବା ଜଣାପଡ଼ିଛି। ପ୍ରକାଶ, ଅନୁଗୋଳ ସହରର ହାର୍ଟ କୁହାଯାଉଥିବା ମେଡିକାଲ ପାଖ ପୁରୁଣା କୁକୁଡ଼ା ଫାର୍ମ ପାଖରେ ଥିବା ସରକାରୀ ଜମିର ଗୁଣ୍ଠ



ପ୍ରାୟ କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ତେବେ ଏହି ସରକାରୀ ଜାଗାକୁ ଡାକ୍ତରୀ ସଂଘ, ବ୍ୟବସାୟୀ ସଂଘ ଓ ବିଭିନ୍ନ ସଂଗଠନ ନାମରେ ପାଚେରୀ ନିର୍ମାଣ କରି ଜବର ଦଖଲ କରାଯାଇଥିଲା ।ଏହି ବେଆଇନ୍ ଜବରଦଖଲ ଖବର ପାଇବା ପରେ ତୁରନ୍ତ ଜବରଦଖଲ ଉଚ୍ଛେଦ କରିବା ପାଇଁ ପ୍ରଶାସନିକ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଜି ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବଳୟ ଭିତରେ ଏହି ବେଆଇନ୍ ଜବରଦଖଲକୁ ବୁଲଡୋଜର ଦ୍ୱାରା ଉଚ୍ଛେଦ ପ୍ରକ୍ରିୟା ଶେଷ କରାଯାଇଛି ।କିଛି ସଂଗଠନ ଦିନେ ଦୁଇ ଦିନ ମଧ୍ୟରେ ଜମି ଖାଲି କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣା ପଡ଼ିଛି। ତେବେ ଏହି ଉଚ୍ଛେଦ କରାଯାଇଥିବା ସରକାରୀ ଜମିରେ ଆଗାମୀ ଦିନରେ ମ୍ୟୁନିସିପାଲ ଡେଭଲପମେଣ୍ଟ ସେଣ୍ଟର (ପୌର ଉନ୍ନୟନ କେନ୍ଦ୍ର) ନିର୍ମାଣ କରାଯିବ ବୋଲି ପ୍ରାଥମିକ ସୂଚନାରୁ ଜଣାଯାଇଛି। ଜିଲ୍ଲାପାଳଙ୍କ ତୁରନ୍ତ କାର୍ଯ୍ୟନୁଷ୍ଠାନ ପରେ ଜମି ମାଫିଆ ଏବଂ ବେଆଇନ ଜବରଦଖଲକାରୀଙ୍କ ମଧ୍ୟରେ ଛନକା ପଶିଯାଇଛି।

## ବଗଡ଼ା ପଞ୍ଚାୟତରେ ବିଜେପିର ସାଙ୍ଗଠନିକ ପର୍ବ

**କେନ୍ଦ୍ରାପଡ଼ା ,୭।୬/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବଗଡ଼ା ପଞ୍ଚାୟତରେ ଭାରତୀୟ ଜନତା ପାର୍ଟି (ବିଜେପ)ର ପଞ୍ଚାୟତ ସଭାପତି ଚୟନ ଓ ସାଙ୍ଗଠନିକ ମିଶ୍ରଣ ପର୍ବ ଅନୁଷ୍ଠିତ ହେଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ବଗଡ଼ା ହାଇସ୍କୁଲ ପଡିଆରେ ବରିଷ୍ଠ ନେତା ସୁରେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାନସଭା କ୍ଷେତ୍ରର ବରିଷ୍ଠ ନେତ୍ରୀ ଗୀତାଞ୍ଜଳି ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମଣ୍ଡଳ ସଭାପତି ବାସୁଦେବ ତ୍ରିପାଠୀ, ଜିଲ୍ଲା କୋଷାଧକ୍ଷା ସସ୍ମିତା ସାହୁ, ନାରୀନେତ୍ରୀ ବିଷ୍ଣୁପ୍ରିୟା ମହାପାତ୍ର, ପଞ୍ଚାୟତ ପ୍ରଭାରୀ ଅଂଶୁମାନ ଦାସ ଓ ମଣ୍ଡଳ ସମ୍ପାଦକ ପ୍ରଭାତ ରଞ୍ଜନ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସୁସଶାନ ତଥା ବିଜେପିର ରାଷ୍ଟ୍ରବାଦୀ ରାଜନୀତିକ ଆଦର୍ଶ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ପଞ୍ଚାୟତର ସମସ୍ତ ୱାର୍ଡରୁ ଯୋଗ ଦେଇଥିବା ସହସ୍ରାଧିକ କର୍ମୀଙ୍କ ସହମତି କ୍ରମେ ଯୁବ ସଙ୍ଗଠକ ରାମଚନ୍ଦ୍ର ପ୍ରଧାନଙ୍କୁ ପଞ୍ଚାୟତର ସାଙ୍ଗଠନିକ ସଭାପତି ଭାବେ ମନୋନୀତ କରାଯାଇଥିଲା।



ରାଜ୍ୟ ସରକାରଙ୍କ ସମସ୍ତ ବିକାଶମୂଳକ କାର୍ଯ୍ୟକୁ କାର୍ଯ୍ୟକାରୀ କରି ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି କରିବା ଦିଗରେ ଉପସ୍ଥିତ କର୍ମକର୍ତ୍ତାମାନେ ସଂକଳ୍ପବଦ୍ଧ ହୋଇ ସଂକଳ୍ପପାଠ କରିଥିଲେ। ଉକ୍ତ ସଭାରେ ୮ନଂ ଜୋନ୍‌ର ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟା ତଥା ପୂର୍ବତନ ବଗଡ଼ା ସରପଞ୍ଚ ଶ୍ରୀମତୀ ସାହୁ ଅତିଥି ଭାବେ ଯୋଗ ଦେବ ସହ ତାଙ୍କର ଶତାଧିକ ସମର୍ଥକ ମୋଦିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପିରେ ଯୋଗ ଦେଇଥିଲେ। ଉକ୍ତ ସାଙ୍ଗଠନିକ ମିଶ୍ରଣ ପର୍ବରେ ବଗଡ଼ା ଗ୍ରାମ ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ସୁଶାନ୍ତ କୁମାର ସାହାଣୀ, ପ୍ରାକ୍ତନ ୱାର୍ଡ ସଭ୍ୟ ରଘୁନାଥ ପରିଡା, ୱାର୍ଡ ସଭ୍ୟା ମଧୁସ୍ମିତା ସାହୁ, ପୁରୁଷୋତ୍ତମ ବିଶ୍ୱାଳ ପ୍ରମୁଖ ଓ ସମର୍ଥକମାନଙ୍କୁ ମୁଖ୍ୟ ଅତିଥି ଶ୍ରୀମତୀ ସେଠୀ ଦଳୀୟ ଟୋପି, ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମକୁ ବଗଡ଼ା ସମବାୟ ସମିତି ନିର୍ଦ୍ଦେଶକ ଖଗେଶ୍ୱର ସ୍ୱାଇଁଙ୍କ ସହିତ ଅକ୍ଷୟ ମହାନ୍ତି ପରିଚାଳନା କରିଥିଲେ। ପୂର୍ବତନ ପଞ୍ଚାୟତ ସଭାପତି ଟୁବୁଲା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ହଂସୁଆ ନଦୀରେ ଭାସୁଛି ମୃତ କୁମ୍ଭୀର

**ରାଜନଗର,୭।୬/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ ସାନବଡଗୋପାଳପୁର ଗାଁ ନିକଟ ହଂସୁଆ ନଦୀରେ କୁମ୍ଭୀର ମରି ଭାସୁଥିବା ଦେଖି ଲୋକେ ବନବିଭାଗକୁ ଖବର ଦେଇଥିଲେ। ବନକର୍ମଚାରୀମାନେ ପହଞ୍ଚି ମୃତ କୁମ୍ଭୀରଟିକୁ ଉଦ୍ଧାର କରି ନେଇଥିଲେ। ପ୍ରାଣୀ ଚିକିତ୍ସକ ଡାକ୍ତର ପ୍ରକାଶ ଚନ୍ଦ୍ର ଜେନା ବ୍ୟବଚ୍ଛେଦ କରିଥିଲେ। ମୃତ କୁମ୍ଭୀରଟି ୭ଫୁଟ ୬ଇଞ୍ଚର ମାଈ କୁମ୍ଭୀର ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ଏନେଇ ପ୍ରାଣୀ ଚିକିତ୍ସକ ଡାକ୍ତର ଜେନାଙ୍କୁ ପଚାରିବାରୁ ମୃତ କୁମ୍ଭୀର ଦେହରେ କୌଣସି କ୍ଷତ ଦେଖିବାକୁ ମିଳିନାହିଁ। ସେ କୌଣସି ଜାଲରେ ଛନ୍ଦି ହୋଇ ମୃତ୍ୟୁବରଣ କରିଥାଇପାରେ ବୋଲି କହିଛନ୍ତି। ଅପରପକ୍ଷରେ ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରାଙ୍କୁ କୁମ୍ଭୀର ମୃତ୍ୟୁ ସଂପର୍କରେ ପଚାରିବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ।

## କେମିତି କରିଥିଲା ହତ୍ୟା, ଡେମୋ ଦେଖାଇଲା ଅଭିଯୁକ୍ତ

**ଆଳି,୭।୬/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ମହାଦେଇପାଟଣା ଗ୍ରାମର ଗୌରାଙ୍ଗ ସେଠୀଙ୍କୁ ହତ୍ୟା କରିଥିବା ଅଭିଯୁକ୍ତମାନେ ରବିବାର ଦିନ ହତ୍ୟାକାଣ୍ଡରେ ଡେମୋ ପୁଲିସକୁ ଦେଖାଇଛନ୍ତି। କେଉଁଠୁ ଗୌରାଙ୍ଗଙ୍କୁ କାବୁ କଲେ, କେଉଁଠି ହାତ ବାନ୍ଧି ପିଟିଲେ, କେଉଁଠି ପିଟିପିଟି ମାରିଦେଲେ ଓ ମୃତ୍ୟୁ ପରେ କେଉଁଠି ଫିଙ୍ଗିଦେଲେ ଓ କେଉଁଠି ହତ୍ୟାକାଣ୍ଡରେ ବ୍ୟବହୃତ ମାରଣାସ୍ତ୍ର ଫିଙ୍ଗିଥିଲେ ତାହା ପୁଲିସ ନିକଟରେ ବଖାଣିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ମହାଦେଇପାଟଣା ଗ୍ରାମର ଗୌରାଙ୍ଗ ସେଠୀ ହତ୍ୟାକାଣ୍ଡ ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରୁ ତିନିଜଣ ଅଭିଯୁକ୍ତଙ୍କୁ ନେଇ ରବିବାର ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାରିଟି ସ୍ଥାନ ବୁଲି ପୁରା ଘଟଣାକୁ ଦେଖାଇଥିଲେ। ଅଭିଯୁକ୍ତମାନେ ପୋଲିସ ସମ୍ମୁଖରେ ଗଳଗଳ ହୋଇ କହି ଦେଇଥିଲେ




ସେଦିନର ଲୋମ ଟାଙ୍କୁରା ହତ୍ୟା କାଣ୍ଡର ସମ୍ପୂର୍ଣ୍ଣ କାହାଣୀ। ଗୌରାଙ୍ଗଙ୍କୁ କାବୁ କରିବା ଠାରୁ ଆରମ୍ଭ କରି ହାତ ଗୋଡ଼ କେଉଁଠି ବାନ୍ଧିଲେ ଓ ପିଟି ପିଟି ହତ୍ୟାକରି କିଭଳି ନିଛାଟିଆ ରାତିରେ ପେତପଡା ନ ମାଣିଆ ଭେଡା ମଝିରେ ଫିଙ୍ଗିଦେଇ ଚାଲିଗଲେ ତାହା ସମ୍ପୂର୍ଣ୍ଣ ଭାବେ ବଖାଣିଥିଲେ। ପୁଲିସ ଘଟଣାସ୍ଥଳରୁ ହତ୍ୟାକାଣ୍ଡରେ ବ୍ୟବହୃତ ଲୁହା ରଡ଼ ଜବତ କରିଛି। ସହିରା ନଦୀ ବାଲିଘାଟ ନିକଟରୁ ବାଉଁଶ ମଧ ଜବତ ହୋଇଛି। ପୁଲିସ ଚାରିଟି ସ୍ଥାନକୁ ନେଇ ଅଭିଯୁକ୍ତମାନଙ୍କ ଠାରୁ ତଥ୍ୟ ସଂଗ୍ରହ କରିଛି। ଘଟଣାସ୍ଥଳରେ କେନ୍ଦ୍ରାପଡ଼ା ଆଡିସ୍‌ନାଲ ଏସ୍‌ପି ସୁଧାକର ସାହୁ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସୁକାନ୍ତ ପାତ୍ର, ଆଳି ଆଇଆଇସି ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନ, ସାଇଣ୍ଟିଫିକ୍ ଟିମର ଅଧିକାରୀମାନଙ୍କ ସହ ଦିଲ୍ଲୀପ ସାହୁ, ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ ଉପସ୍ଥିତ ଥିଲେ।

## ଫେରାର୍ ନାବାଳକ କଏଦୀକୁ କାବୁ କଲା ପୁଲିସ

**ଅନୁଗୋଳ,୭।୬/ଏନ୍‌ଏନ୍‌ଏସ୍:** ଅନୁଗୋଳ ଜୁଭେନାଇଲ୍ ହୋମ୍ ବା ସୁଧାର ଗୃହରୁ ଆଜି ଜଣେ ନାବାଳକ କଏଦୀ ପାଚେରୀ ଡେଇଁ ଫେରାର ହୋଇ ଯାଇଥିଲା। ଏହି ଖବର ପାଇବା ପରେ ଅନୁଗୋଳ ପୁଲିସ ତୁରନ୍ତ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ନାବାଳକକୁ ପାଇବା ପାଇଁ ବିଭିନ୍ନ ଜାଗାରେ ଚଢ଼ାଉ କରିବା ସହ ତଦନ୍ତ ଚଳାଇଥିଲା। ପରିଶେଷରେ ନାବାଳକକୁ ଖୋଜି ବାହାର କରିବାରେ ସମର୍ଥ ହୋଇଛି ଅନୁଗୋଳ ପୁଲିସ। ଆଇନ ଅନୁଯାୟୀ,ଆବଶ୍ୟକୀୟ ପ୍ରକ୍ରିୟା ଶେଷ କରି ନାବାଳକକୁ ସକ୍ଷମ କର୍ତ୍ତୃପକ୍ଷଙ୍କ ନିକଟରେ ହାଜର କରାଯାଇଛି। ଫେରାର ଘଟଣାରେ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ଷ୍ଟାଫ୍‌ନର୍ସ ତଦନ୍ତ କେଳେଙ୍କାରୀ, ତଦନ୍ତ ହେବ କି ବାଟବଣା

# ଠିକା କମ୍ପାନୀର କାଗଜପତ୍ର କାହିଁକି ହେଉନି ଜବତ

**ତାଲଚେର,୭।୬/ଏନ୍‌ଏନ୍‌ଏସ୍:** ତାଲଚେର ମେଡିକାଲ୍ କଲେଜ୍ ସରକାରୀ ଚିକିତ୍ସାଳୟରେ (ପିଏମ୍‌ପିଜିଏଚ୍)ରେ ଷ୍ଟାପନର୍ସ ନିଯୁକ୍ତିର କେଳେଙ୍କାରୀ ଏବେ ବାଟବଣା ହେବାକୁ ଯାଉଛି ଏବଂ ଏହାର ସଂଖ୍ୟା ୨୪ରୁ ୬୦ଜଣ ଜାଲ ପ୍ରମାଣପତ୍ର ଦେଇ ଷ୍ଟାପନର୍ସ ନିଯୁକ୍ତି ପାଇଥିବା

**ସିବିଆଇ ତଦନ୍ତ ଦାବି**

କୁହାଯଉଥିବା ବେଳେ କମ୍ପାନୀର କାଗଜପତ୍ରକୁ ଘଟଣା ୩ଦିନ ପୁରି ଯାଇଥିଲେ ମଧ କାହିଁକି ଜବତ କରାଯାଉ ନାହିଁ ଓ ଏହାର ସିବିଆଇ ତଦନ୍ତ କରାଯିବନେଇ ବିଭିନ୍ନ ମହଲରେ ଦାବି ହେଉଛି। ୨୦୨୩ ମସିହାରେ ଏହି ମେଡ଼ିକାଲରେ ଷ୍ଟାଫନର୍ସ ଓ ବିଭିନ୍ନ ପଦପଦବୀ ପାଇଁ ଏକ ଘରୋଇ କମ୍ପାନୀକୁ ଏମସିଏଲ ପକ୍ଷରୁ ଟେଣ୍ଡର ଡ଼କାଯାଇଥିବା ବେଳେ ୨୦୨୫-୨୬ରେ ଆଉ ଏକ ଘରୋଇ ସଂସ୍ଥାକୁ ଏହି ଦାୟୀତ୍ୱ ଦିଆଯାଇଥିଲା। ତେବେ ୨୦୨୩ରେ ସମ୍ପୃକ୍ତ ଠିକାମାନୀ ୮୦% ପଦବୀ ପୂରଣ କରିଥିବା ବେଳେ ୨୦୨୫-୨୬ରେ ଅନ୍ୟ ଘରୋଇ କମ୍ପାନୀ ଅବଶିଷ୍ଟ ପଦପଦବୀ ପୂରଣ କରିଥିଲା। ସେହି ସମୟରେ ଏହି ଷ୍ଟାପମାନଙ୍କ ଠାରୁ ଏକାଧିକ ପ୍ରଭାବଶାଳୀ ଓ ବାହୁବଳୀ ବ୍ୟକ୍ତି ଏମାନଙ୍କ ଠାରୁ ୨ରୁ ୩ଲକ୍ଷ ଟଙ୍କା ନେଇ ଅତି ତରିବରିଆଭାବେ ନିଯୁକ୍ତି ପ୍ରଦାନ କରିଥିବା ଘଟଣା ସେହି ସମୟରେ ଆଲୋଚନାର ମୁଖ୍ୟପ୍ରସଙ୍ଗ ହୋଇଥିଲା। ଏହି ନିଯୁକ୍ତିକି ପ୍ରଥମେ ତାଳଚେରର ଶିକ୍ଷିତ ଯୁବକ, ଯୁବତୀଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଅଗ୍ରାଧିକାରରେ ସ୍ଥାନୀୟ ଯୁବପିଢ଼ୀଙ୍କୁ ନିଯୁକ୍ତି ଦେବାକୁ ତାଳଚେର ଜନବିକାଶ କଲ୍ୟାଣ ସଂଘ ଆଉଟ ସୋର୍ସିଙ୍ଗ ସଂସ୍ଥାକୁ ବିରୋଧ କରିଥିଲେ ଏବଂ ଏହା ଗଣମାଧମରେ ମଧ ଖବର ପ୍ରକାଶ ପାଇଥିଲା। କିନ୍ତୁ କେଳେଙ୍କାରୀରେ ସ୍ଥାନୀୟ ଦଲାଲଙ୍କ ସମ୍ପୃକ୍ତି ଥିବା ହେତୁ କେହି ମୁହଁ ଖୋଲିନଥିଲେ। ପ୍ରକାଶ, ଓଡ଼ିଶାର ଅନ୍ୟ ଜିଲ୍ଲାରେ ଗଢ଼ି ଉଠିଥିବା ମେଡ଼ିକାଲ କଲେଜ ଗୁଡ଼ିକରେ ଓଏସ୍‌ଏସ୍ (ସରକାରୀ) ଜରିଆରରେ ନିଯୁକ୍ତି ଦିଆଯାଉଥିବା ପରିବର୍ତ୍ତେ କିପର ତାଳଚେର ମେଡିକାଲ୍ କଲେଜରେ ଏମସିଏଲ ପକ୍ଷରୁ ଝାଡ଼ଖଣ୍ଡ ସ୍ଥିତ କମାଣ୍ଡୋ ଇଣ୍ଡଷ୍ଟ୍ରିଆଲ ଫୋର୍ସ ନାମକ ଆଉଟ ସୋର୍ସିଙ୍ଗ ଷ୍ଟାପନର୍ସଙ୍କୁ ନିଯୁକ୍ତି କରିଥିଲା। ତେବେ ଏମାନଙ୍କୁ ଉକ୍ତ କମ୍ପାନୀ ପକ୍ଷରୁ କେଉଁ ଆଧାରରେ ଓ କିପରି କାହା ପ୍ରରୋଚନାରେ ନିଯୁକ୍ତି କରାଗଲା ତାକୁ ନେଇ ବିଭିନ୍ନ ମହଲରେ କଳ୍ପନା ଜଳ୍ପନା ବୃଦ୍ଧି ପାଇବା ସହିତ ସ୍ଥାନୀୟ ବେକାର ଶିକ୍ଷିତ ଯୁବକ, ଯୁବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏସମ୍ପର୍କରେ ଅନୁଗୋଳ ଜିଲ୍ଲାପାଳ ଚିଠି ନଂ- ୧୪୬, ତା ୦୬/୦୬/୨୦୨୬ରେ ଏହାର ତଦନ୍ତ ପାଇଁ ଜାଗୃତି ବିହାର ସମ୍ବଲପୁର ଚେଆରମ୍ୟାନ କମ ମ୍ୟାନେଜିଙ୍ଗ ଡାଇରେକ୍ଟରଙ୍କୁ ଚିଠିମାଧମରେ ଜଣାଇଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ଉକ୍ତ କମ୍ପାନୀର ଏହି ଘଟଣାର କାଗଜପତ୍ର ଜବତ କରାଯାଇ ନଥିବା ବେଳେ ଏହା ଅଗାମୀ ଦିନରେ ତଦନ୍ତର ବାଟବଣାକୁ ଏଡ଼ାଇ ଦିଆଯାଇନପାରେ ।ତେଣୁ ଜାଲ ସାର୍ଟିଫିକେଟ ଦେଇ ନିଯୁକ୍ତି ପାଇଥିବା ଯୁବକ, ଯୁବତୀ ଓ ଏହି କାରବାରରେ ସମ୍ପୃକ୍ତ ଦଲାଲମାନଙ୍କୁ ଚିହ୍ନଟ କରି ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକତା ରହିଛି। ଏହି ଘଟଣାକୁ କେନ୍ଦ୍ର କରି ଏବେ ବିଭିନ୍ନ ରାଜନୈତିକ ଦଳମାନେ ଉଭୟ ଉଭୟଙ୍କ ମଧ୍ୟରେ ଛକାପଞ୍ଝା ଚାଲୁଥିବା ସାମ୍ନାକୁ ଆସିଛି। ତେବେ ଏହାକୁ ନେଇ ଏବେ ବିଭିନ୍ନ ଛକ, ଗୁଳିଖଟିମାନଙ୍କରେ ଚୋରମଚାଏ ସୋର ବୋଲି ଚର୍ଚ୍ଚା ଜୋରଧରିଛି। ତେଣୁ ଏହାର ସିବିଆଇ ତଦନ୍ତ ହେଲ ସାଧାରଣରେ ଦାବି ହେଉଛି।

## ବୋମା ମାଡ଼ ଘଟଣାରେ ୪ ଗିରଫ



**ଯାଜପୁର,୭।୬/ଏନ୍‌ଏନ୍‌ଏସ୍:** ଗତ ୩ ତାରିଖ ରାତିରେ ଯାଜପୁର ସଦର ଥାନା ଅନ୍ତର୍ଗତ ବୁଲାକିପୁର ଗ୍ରାମରେ ଭାଗବତ ଟୁଙ୍ଗି ନିର୍ମାଣକୁ କେନ୍ଦ୍ରକରି ଘଟିଥିବା ବୋମା ମାଡ଼ ଘଟଣାରେ ସମ୍ପୃକ୍ତ ଥିବା ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏହି ଗଣ୍ଡଗୋଳରେ ଉଭୟ ପକ୍ଷରୁ ପୃଥକ୍ ପୃଥକ୍ ଭାବେ ୨ଟି ଲିଖିତ ଅଭିଯୋଗ ପରେ ସଦର ପୁଲିସ କେସ ନମ୍ବର୍ ୨୦୨/୨୦୨୬, ୨୦୩/୨୦୨୬ ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ଏକ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳ ଅନୁଧାନ କରିଥିବା ଜଣାପଡିଛି। ଗିରଫ ଅଭିଯୁକ୍ତମାନେ ହେଲେ ସେହି ଗ୍ରାମର ଗଜେନ୍ଦ୍ର ପ୍ରଧାନ (୩୦), ନରେନ୍ଦ୍ର ପ୍ରଧାନ(୩୩), ବିକାଶ ନାରାୟଣ ଘଡ଼େଇ(୩୨), ଜିତେନ୍ଦ୍ର କୁମାର କାଣ୍ଡି (୩୬)। ଏହି ଗଣ୍ଡଗୋଳରେ ସଂପୃକ୍ତ ୫୧ ଜଣଙ୍କ ମଧ୍ୟରୁ ୪ ଜଣ ଗିରଫ ହୋଇଥିବା ସଦର ପୁଲିସ ପକ୍ଷରୁ ପ୍ରକାଶ। ଏହି ଗ୍ରାମ ଏବେ ପୁରୁଷ ଶୂନ୍ୟ ହୋଇଥିବାବେଳେ ଘଟଣାସ୍ଥଳରେ ପୁଲିସଫୋର୍ସ ମୁତୟନ କରାଯାଇଛି। ଗଣ୍ଡଗୋଳରେ ସଂପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିବା ପାଇଁ ସଦର ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ ଜାରୀ ରହିଛି।

**ନିତି ଭାରତୀ**

ସତ୍ୟ ଶଲ୍ୟ ଚିକିତ୍ସା ସଦୃଶ। ଏହା କଷ୍ଟ ଦେଇଥାଏ, କିନ୍ତୁ ସମ୍ପୂର୍ଣ୍ଣ ଆରୋଗ୍ୟ କରି ଦେଇଥାଏ। ମିଥ୍ୟା ଏକ ଯନ୍ତ୍ରଣା ନିବାରକ ଔଷଧ ସଦୃଶ। ଏହା ତୁରନ୍ତ ଆରାମ ପ୍ରଦାନ କରିଥାଏ, କିନ୍ତୁ ଏହାର ପାର୍ଶ୍ୱ ପ୍ରତିକ୍ରିୟା ଦୀର୍ଘକାଳ ପର୍ଯ୍ୟନ୍ତ ରହିଥାଏ। - **ଡକ୍ଟର ଏପିଜେ ଅବଦୁଲ୍ କଲାମ୍**

NITIDIN
ନିତିଦିନ
ସୋମବାର, ୮ ଜୁନ ୨୦୨୬

# ବଜ୍ରପାତଜନିତ ଜୀବନ ହାନି



**ଡକ୍ଟର ଚିତ୍ତରଂଜନ ମିଶ୍ର**

ବଜ୍ରପାତ ସଂପ୍ରତି ଭାରତବର୍ଷରେ ଅତ୍ୟନ୍ତ ପ୍ରାଣଘାତକ ପ୍ରାକୃତିକ ବିପର୍ଯ୍ୟୟ ଭାବେ ଉଦ୍‌ଭାସିତ ହୋଇଅଛି ଏବଂ ବର୍ଷ ପରେ ବର୍ଷ ଏ ନେଇ ମୃତ୍ୟୁସଂଖ୍ୟା କ୍ରମାଗତ ଭାବେ ମଧ୍ୟ ବୃଦ୍ଧି ପାଇ ଚାଲିଛି। ନ୍ୟାସନାଲ୍ କ୍ରାଇମ ରେକର୍ଡ ବ୍ୟୁରୋ ଦ୍ୱାରା ପ୍ରକାଶ ପାଇଥିବା ଏକ ରିଭ୍ୟୁ ରିପୋର୍ଟ ପ୍ରକାଶ କରିଛି ଯେ ଗତ ୫୦ ବର୍ଷରେ (୧୯୭୫ ମସିହାରୁ ୨୦୨୪ ମସିହା ମଧ୍ୟରେ) ଦେଶରେ ୧,୦୨,୬୩ ଜଣ ବ୍ୟକ୍ତି ବଜ୍ରପାତ ଜନିତ ମୃତ୍ୟୁବରଣ କରିଛନ୍ତି। ଏହି ମୃତ୍ୟୁ ସଂଖ୍ୟାର ଅର୍ଦ୍ଧେକରୁ ଅଧିକ କେବଳ ୨୦୦୫ରୁ ୨୦୨୪ ମସିହା ମଧ୍ୟରେ ଘଟିଛି। ଗତ ତିନି ଦଶନ୍ଧି ମଧ୍ୟରେ ବଜ୍ରପାତଜନିତ ମୃତ୍ୟୁ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇ ଚାଲିଛି। ୧୯୯୫ରୁ ୨୦୦୪ ମଧ୍ୟରେ ୧୬୮୩ ଜଣ ବ୍ୟକ୍ତି ମୃତ୍ୟୁବରଣ କରିଥିଲା ବେଳେ ୨୦୦୫ରୁ ୨୦୧୪ ମଧ୍ୟରେ ଏହି ସଂଖ୍ୟା ୨୪୭୬ରେ ପହଞ୍ଚି ଥିଲା ଏବଂ ୨୦୧୫ରୁ ୨୦୨୪ ମଧ୍ୟରେ ଏହା ୨୮୦୯କୁ ଛୁଇଁଥିଲା। ପ୍ରାକୃତିକ ବିପର୍ଯ୍ୟୟଜନିତ ମୃତ୍ୟୁ ସଂଖ୍ୟା ହ୍ରାସ କରିବା ପାଇଁ ନିଆ ଯାଉଥିବା ବଳିଷ୍ଠ ଜାତୀୟ ପଦକ୍ଷେପ ସତ୍ତ୍ୱେ ବଜ୍ରପାତଜନିତ ମୃତ୍ୟୁ ସଂଖ୍ୟାରେ ଅଭିବୃଦ୍ଧି ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଉତ୍ତମ ପୂର୍ବାନୁମାନ, ମଡେଲିଂ ଓ ବିପର୍ଯ୍ୟୟ ପ୍ରସ୍ତୁତି କ୍ଷେତ୍ରରେ ଭାରତର କାର୍ଯ୍ୟକ୍ରମ ବିଶ୍ୱ ସ୍ୱୀକୃତି ଲାଭ କରିଥିଲେ ମଧ୍ୟ ବଜ୍ରପାତଜନିତ ମୃତ୍ୟୁସଂଖ୍ୟାରେ କ୍ରମାଗତ ଅଭିବୃଦ୍ଧି ମହାବଳ ବାଘ ପରି ଆମ ଉପରକୁ ଲମ୍ଫ ପ୍ରଦାନ କରୁଛି ଓ ପରିସ୍ଥିତିକୁ ଗୁରୁଗମ୍ଭୀର କରି ଦେଉଛି। ୨୦୧୬ ମସିହାରୁ ଦେଶରେ ହେଉଥିବା ସମସ୍ତ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ମୃତ୍ୟୁ ସଂଖ୍ୟାର ଅତି କମ୍‌ରେ ୫୦ ପ୍ରତିଶତ ବଜ୍ରପାତଜନିତ ମୃତ୍ୟୁ ହିଁ ହୋଇଥାଏ। ବାତ୍ୟା ଓ ବନ୍ୟାଜନିତ ମୃତ୍ୟୁ ସଂଖ୍ୟା ବଜ୍ରପାତଜନିତ ମୃତ୍ୟୁ ସଂଖ୍ୟାଠାରୁ କମ୍ ହୋଇଥାଏ। ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋ ଅନୁଯାୟୀ, ୨୦୧୬ ମସିହାରେ ବଜ୍ରପାତ କାରଣରୁ ଦେଶରେ ୩୩୧୫ ଜଣ ମୃତ୍ୟୁବରଣ କରିଥିଲେ, ଯାହାକି ୧୯୭୪ ମସିହାଠାରୁ ସର୍ବାଧିକ ମୃତ୍ୟୁ ସଂଖ୍ୟା ବୋଲି ବିବେଚନା କରାଯାଇଥାଏ। ଅନୁପାତ ଅନୁଯାୟୀ ୨୦୨୧ ମସିହାରେ ଦେଶରେ ବିଭିନ୍ନ ପ୍ରାକୃତିକ କାରଣରୁ ହୋଇଥିବା ସମସ୍ତ ମୃତ୍ୟୁ ସଂଖ୍ୟାଠାରୁ ବଜ୍ରପାତଜନିତ ମୃତ୍ୟୁ ସଂଖ୍ୟା ସର୍ବାଧିକ ଥିଲା। ୨୦୨୧ ମସିହାରେ ଦେଶରେ ବଜ୍ରପାତଜନିତ ମୃତ୍ୟୁ ସଂଖ୍ୟା ୨୮୮୦ ଥିଲା, ଯାହାକି ସେ ବର୍ଷ ବିଭିନ୍ନ ପ୍ରାକୃତିକ କାରଣରୁ ହୋଇଥିବା ସମସ୍ତ ମୃତ୍ୟୁ ସଂଖ୍ୟା ୪୦୯୨ର ୭୦.୪ ପ୍ରତିଶତ ଥିଲା।

୨୦୦୫ ମସିହାଠାରୁ ବଜ୍ରପାତଜନିତ ମୃତ୍ୟୁ ସଂଖ୍ୟା ବର୍ଷରେ ୨୦୦୦ ସଂଖ୍ୟାରୁ କୌଣସି ବର୍ଷ ବି କମ୍ ହୋଇନାହିଁ। ୨୦୧୭ ମସିହାରୁ ୨୦୨୪ ମସିହା- ଏହି ୮ ବର୍ଷ ମଧ୍ୟରେ ୬ ବର୍ଷ କାଳ ବଜ୍ରପାତଜନିତ ମୃତ୍ୟୁ ସଂଖ୍ୟା ବର୍ଷକୁ ୨୮୦୦ରୁ କେବେ ବି ହ୍ରାସ ପାଇନାହିଁ। ୨୦୨୪ ମସିହାରେ ବଜ୍ରପାତଜନିତ ମୃତ୍ୟୁ ସଂଖ୍ୟା ୨୮୨୫ ଥିଲା ବେଳେ ୨୦୨୬ ମସିହାରେ ଏହି ସଂଖ୍ୟାରେ ବୃଦ୍ଧି ଘଟିପାରେ ବୋଲି ଆକଳନ କରାଯାଉଛି। ୨୦୨୪ ମସିହା ପରଠୁ ବଜ୍ରପାତଜନିତ ମୃତ୍ୟୁ ସଂଖ୍ୟା ସଂପର୍କିତ ତଥ୍ୟ ଉପଲବ୍ଧ ହୋଇନାହିଁ। ୨୦୨୬ ମେ' ମାସ ୧୩ ତାରିଖ ଦିନ ପୂର୍ବ ଓ ପଶ୍ଚିମ ଉତ୍ତରପ୍ରଦେଶରେ ହୋଇଥିବା ଅଣ-ମୌସୁମୀ ଝଡ଼ ବର୍ଷା ଓ ବଜ୍ରପାତ କାରଣରୁ ଅତି କମ୍‌ରେ ୧୧୧ ଜଣ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି। ଅଧିକାଂଶ ମୃତ୍ୟୁ ବଜ୍ରପାତ କାରଣରୁ ହିଁ ସଂଘଟିତ ହୋଇଅଛି। ବିଭିନ୍ନ ରାଜ୍ୟରେ ଚାଲିଥିବା ଧାରା ଅନୁଯାୟୀ ଏହା ପରିଦୃଷ୍ଟ ହୋଇଥାଏ ଯେ ବଜ୍ରପାତ କାରଣରୁ ହେଉଥିବା ଅଧିକାଂଶ ମୃତ୍ୟୁ ଉପଦ୍ୱୀପୀୟ ଅଞ୍ଚଳ ବାହାରେ ଥିବା ରାଜ୍ୟମାନଙ୍କରେ ହିଁ ଘଟିଥାଏ। ଉଦାହରଣ ସ୍ୱରୂପ, ୨୦୧୬ ମସିହାରେ ରିପୋର୍ଟ କରା ଯାଇଥିବା ୩୩୧୫ଟି ବଜ୍ରପାତଜନିତ ମୃତ୍ୟୁ ମଧ୍ୟରୁ ୬୦ ପ୍ରତିଶତ ମୃତ୍ୟୁ କେବଳ ମାତ୍ର ୪ଟି ରାଜ୍ୟ ଯଥା- ମଧ୍ୟପ୍ରଦେଶ (୬୩୯), ଝାଡ଼ଖଣ୍ଡ (୫୪୨), ଉତ୍ତରପ୍ରଦେଶ (୩୮୪) ଏବଂ ଓଡ଼ିଶା (୩୭୬)ରେ ସଂଘଟିତ ହୋଇଅଛି। ଠିକ୍ ସେହିଭଳି ଏକା ରକମର ଧାରା ୨୦୨୪ ମସିହାରେ ମଧ୍ୟ ଘଟିଅଛି। ୨୦୨୪ ମସିହାରେ ୨୮୨୫ଟି ବଜ୍ରପାତଜନିତ ମୃତ୍ୟୁ ମଧ୍ୟରୁ ୬୦ ପ୍ରତିଶତ ମୃତ୍ୟୁ କେବଳ ମାତ୍ର ୫ଟି ରାଜ୍ୟରେ ଯଥା- ମଧ୍ୟପ୍ରଦେଶ (୫୭୭), ବିହାର (୩୬୦), ଉତ୍ତରପ୍ରଦେଶ (୨୭୫), ଓଡ଼ିଶା (୨୪୯) ଓ ଛତିଶଗଡ଼ (୨୪୧)ରେ ପରିଦୃଷ୍ଟ ହୋଇଅଛି। ଭାରତୀୟ ଉଷ୍ଣ କଟିବନ୍ଧୀୟ ପାଣିପାଗ ବିଜ୍ଞାନ ସଂସ୍ଥା (Indian Institute of Tropical Meteorology) ଉଷ୍ଣ ମଣ୍ଡଳୀୟ ବର୍ଷା ପରିମାପ ମିଶନର ଇମେଜିଂ ସେନ୍‌ସର ଡାଟା ସେଟ୍ ବ୍ୟବହାର କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଛି ଯେ ଗତ ଦୁଇ ଦଶନ୍ଧି ଧରି ଭାରତବର୍ଷରେ ବଜ୍ରପାତର ଧାରାରେ କ୍ରମାଗତ ବୃଦ୍ଧି ପରିଲକ୍ଷିତ ହେଉଛି। ସେମାନେ କରିଥିବା ଷ୍ଟଡି ଉଲ୍ଲେଖ କରିଛି ଯେ ଉତ୍ତର-ପଶ୍ଚିମ ଭାରତବର୍ଷରେ ଋତୁଗତ ପରିବର୍ତ୍ତନ କାରଣରୁ ବର୍ଷା ଋତୁରେ ଅଧିକ ବଜ୍ରପାତ ପରିଲକ୍ଷିତ ହୋଇଥାଏ ଏବଂ ଉତ୍ତର-ପୂର୍ବ ଭାରତବର୍ଷରେ ବର୍ଷା ଋତୁ ପୂର୍ବରୁ ଅଧିକ ବଜ୍ରପାତ ହୋଇଥାଏ। ବଜ୍ରପାତରେ କ୍ରମାଗତ ଅଭିବୃଦ୍ଧିର ବୈଜ୍ଞାନିକ କାରଣ ହେଲା, ଆକାଶୀୟ ବାୟୁର ଉଷ୍ମତା ଓ ଘନତ୍ୱ ଯୋଗୁଁ ଉପୁଜୁଥିବା ଉପଲବ୍ଧ ଶକ୍ତିର ବୃଦ୍ଧି ବା ବାୟୁମଣ୍ଡଳ ଅସ୍ଥିର ହେବା (Rise in Convective Available Potential Energy), ନିମ୍ନସ୍ତରୀୟ ଆର୍ଦ୍ରତା ଓ ପୃଥିବୀ ପୃଷ୍ଠ ନିକଟବର୍ତ୍ତୀ ବାୟୁର ଉଷ୍ମତା ବା ଅଣ୍ଡାପଣ। ଉତ୍ତାପ ଓ ଆର୍ଦ୍ରତାରେ ଅଭିବୃଦ୍ଧିର କାରଣ ହେଲା, ଭାରତର ଭୂ-ବ୍ୟବହାର ଓ ଭୂ-ଆଚ୍ଛାଦନରେ ପରିବର୍ତ୍ତନ (Changes in Land Use and Land Cover- LUCU)। ବିପର୍ଯ୍ୟୟ ପୂର୍ବ-ସୂଚନା ପ୍ରଣାଳୀ ବିଶେଷଜ୍ଞ ବା ଆଗୁଆ ସତର୍କତା ବ୍ୟବସ୍ଥା ବିଶେଷଜ୍ଞ କୁମାର ମାର୍ଗାସହାୟମ୍ କୁହନ୍ତି ଯେ- ଏହା ପୃଥିବୀ ତାପମାତ୍ରା ବୃଦ୍ଧିର ଏକ ସିଧାସଳଖ ଫଳାଫଳ ଅଟେ, ଯେଉଁଠାରେ କି ଉଷୁମ ବା ଗରମ ପବନ ଏବଂ ହଠାତ୍ ଥଣ୍ଡା ହେବା କାରଣରୁ ଅଧିକ ସମ୍ବାହୀୟ ବଜ୍ରପାତ ବା କାଳ ବୈଶାଖୀ ସୃଷ୍ଟି କରିଥାଏ। ଏହା ବାରମ୍ବାର କାଳ ବୈଶାଖୀ ସହିତ ଝଡ଼ବର୍ଷା ଘଡ଼ଘଡ଼ି ଓ ବିଜୁଳିକୁ ଆବାହନ କରିଥାଏ।

ଭାରତୀୟ ପାଣିପାଗ ବିଭାଗ ସଂପ୍ରତି ବଜ୍ରପାତ ସହିତ ଝଡ଼ ବାତ୍ୟାର ପୂର୍ବାନୁମାନ ସର୍ବସାଧାରଣ ଜନତାଙ୍କୁ ଉପଲବ୍ଧ କରାଉଛି। ଅପର ପକ୍ଷରେ. ଭାରତୀୟ ଉଷ୍ଣ କଟିବନ୍ଧୀୟ ପାଣିପାଗ ବିଜ୍ଞାନ ସଂସ୍ଥା ବିଜୁଳି, ଘଡ଼ଘଡ଼ି ଓ ବଜ୍ରପାତଜନିତ ସଠିକ୍ ସମୟର ସୂଚନା ବା ତତ୍‌କ୍ଷଣାତ୍ ସତର୍କତା ମୋବାଇଲ ଆପ୍ଲିକେସନ୍ ଦାମିନୀ ମାଧ୍ୟମରେ ପ୍ରଦାନ କରିଥାଏ। ଏହି ଆପ୍ଲିକେସନ୍ ବଜ୍ରପାତ ସହିତ ଝଡ଼ ବାତ୍ୟା ସମୟରେ ସତର୍କତାମୂଳକ ନିର୍ଦ୍ଦେଶାବଳୀ ୨୩ଟି ଆଞ୍ଚଳିକ ଭାଷାରେ ଲୋକମାନଙ୍କୁ ସହଜରେ ଯୋଗାଇ ଦେଇଥାଏ, ଯାହାକି ନିରାପତ୍ତାଜନିତ ସୂଚନା ହାତପାଆନ୍ତାରେ ଉପଲବ୍ଧ ହୋଇଥାଏ। ବଜ୍ରପାତଜନିତ ମୃତ୍ୟୁ ସଂଖ୍ୟାରେ କ୍ରମାଗତ ଅଭିବୃଦ୍ଧି ଆମକୁ ଚେତେଇ ଦେଇଥାଏ ଯେ ବିଜୁଳି, ଘଡ଼ଘଡ଼ି, ବଜ୍ରପାତ, ଝଡ଼ ବର୍ଷା ସମୟରେ ଆମକୁ ଆହୁରି ଅଧିକ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ, ଯଦ୍ୱାରା ଆମେ ନିଜକୁ ଓ ଆମ ଆଖପାଖର ଲୋକମାନଙ୍କୁ ଉପଯୁକ୍ତ ସୁରକ୍ଷା ଯୋଗାଇ ଦେଇ ପାରିବା।



**ଯୁଗ୍ମ ମ୍ୟାନେଜିଂ ଟ୍ରଷ୍ଟି**
**କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ, ଭୁବନେଶ୍ୱର**
**ମୋ: ୯୩୩୮୨୦୪୯୯୩**
**crmishra49@yahoo.in**

# ମୁଁ କଳଙ୍କ ମୁକୁଟ ପିନ୍ଧିବି ନାହିଁ



**ସସ୍ମିତା ସ୍ୱାଇଁ**

ଜୀବନ କହିଲେ ମୃତ୍ୟୁଠାରୁ ଉଧାର ଆଣିଥିବା କିଛି ସମୟ ମାତ୍ର। ଏହି ସମୟକୁ ମନୁଷ୍ୟ ବିଭିନ୍ନ ଅବସ୍ଥା ଦେଇ ଅତିକ୍ରମ କରିଥାଏ। ଏହି ସମୟ ମଧ୍ୟରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ସମୟ ହେଉଛି ଶିଶୁ ଅବସ୍ଥାରୁ ଯୁବ ଅବସ୍ଥା ପର୍ଯ୍ୟନ୍ତ। ଦୃଢ଼ ଆତ୍ମବିଶ୍ୱାସ ବଳରେ ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରି ମହତ୍ ସଂକଳ୍ପକୁ ରୂପ ଦେଇ ପାରିଲେ ସିଦ୍ଧିର ଐଶ୍ୱର୍ଯ୍ୟ ଜୀବନରେ ପ୍ରତିଫଳିତ ହୁଏ। ଯେଉଁ ବ୍ୟକ୍ତି ବାହ୍ୟ ବିଷୟରୁ ସୁଖ ଅନ୍ୱେଷଣ ଅପେକ୍ଷା କଠୋର କର୍ତ୍ତବ୍ୟ ସମ୍ପାଦନରେ ଅଧିକ ଆନନ୍ଦ ପାଏ, ଯେ ଆଦର୍ଶ ରକ୍ଷା ନିମନ୍ତେ ଜୀବନକୁ ଅକାତରେ ବିସର୍ଜନ କରିବାକୁ ପ୍ରସ୍ତୁତ ଥାଏ। ସେହି ବ୍ୟକ୍ତିଙ୍କ ଦ୍ୱାରା ସମାଜରେ ମହତ କାର୍ଯ୍ୟ ସମ୍ପାଦିତ ହୁଏ। କେତେ ଜଣ ଏହିପରି ଭାବରେ ନିଜକୁ ଗଠନ କରିବାର ସୌଭାଗ୍ୟ ଲାଭ କରିଛନ୍ତି ? ସମ୍ପ୍ରତି ସମାଜରେ ଏଭଳି ଲୋକ ଖୁବ୍ କମ୍ ଦୃଷ୍ଟିଗୋଚର ହୁଅନ୍ତି।

ଗୋଟିଏ ମହତ ଚରିତ୍ରକୁ ଅନୁଧ୍ୟାନ କଲେ ତାହା ଅନ୍ୟ ଜୀବନରେ କିପରି ମୂର୍ତ୍ତ ହୋଇ ଫୁଟିଉଠେ, ତାହା ସମସ୍ତେ ଉପଲବ୍ଧି କରି ପାରନ୍ତି ନାହିଁ। ସାଧାରଣ ମନୁଷ୍ୟ ନିଜ ଇଚ୍ଛା ଅନୁସାରେ ସୁଖ କଳ୍ପନା କଲେ ବ୍ୟକ୍ତିଗତ ସ୍ୱାର୍ଥ ଓ ଇଚ୍ଛାରୁ ଲୋଭଗ୍ରସ୍ତ ହୁଏ। ଅତ୍ୟଧିକ ଲୋଭରୁ ଦୁର୍ନୀତିଗ୍ରସ୍ତ ହୋଇ, ଅବିବେକୀ ହୋଇ ସେ ତା'ର ସମସ୍ତ ଉତ୍କୃଷ୍ଟ ଇଚ୍ଛା ପୂରଣ କରି ଚାଲେ। ଅତ୍ୟନ୍ତ ବିଡ଼ମ୍ବନା ଓ ଆଶ୍ଚର୍ଯ୍ୟର କଥା ଯେ ପୂରଣ ହୋଇ ଯାଉଥିବା ନିଜର ଇଚ୍ଛାଗୁଡ଼ିକୁ ସେ ନିଜ କର୍ମର ଫଳ ବା ଭଗବାନଙ୍କ ଆଶୀର୍ବାଦ ବୋଲି ଭାବି ନିଏ। କିନ୍ତୁ ଶାସ୍ତ୍ର କୁହେ, 'କର୍ମଠାରୁ ଅଧିକ ଯେ ନିଏ, ଚୋର ସମାନ ଦଣ୍ଡ ପାଏ।'

ଅଧର୍ମରୁ ଉପାର୍ଜିତ ଧନରେ ଦୁନିଆ ଦାଣ୍ଡରେ ନିଜକୁ ବଡ଼ ବୋଲି ଦେଖାଇବା ବେଳେ ଦୁନିଆ ତାକୁ ଏକ ଭିନ୍ନ ଦୃଷ୍ଟିରେ ଦେଖେ। ଏକଥା ସେ ଆଦୌ ବୁଝିପାରେ ନାହିଁ। ପୂର୍ବପୁରୁଷଙ୍କଠାରୁ ଆମ ସମସ୍ତଙ୍କ କାନରେ ଊଣା ଅଧିକେ ଏହି କଥାଟି ନିଶ୍ଚୟ ବାଜିଥିବ: 'ଆୟ ଦେଖି ବ୍ୟୟ କର, ଶରୀର ଦେଖି ଧର୍ମ କର, ନିଜ ଯୋଗ୍ୟତା ଅନୁସାରେ କର୍ମ କର।' କର୍ତ୍ତବ୍ୟ ଓ ଆୟର ପନ୍ଥାକୁ ଦୃଷ୍ଟି ଦେଇ ସେଥିରୁ ନ୍ୟାୟୋଚିତ ଭାବରେ କେତେ ଟଙ୍କା ଉପାର୍ଜନ କରିହେବ, ତାହା ଦେଖି ନିଜ ବ୍ୟୟର ଟିପାଖାତା ପ୍ରସ୍ତୁତ କରିବା ଦରକାର।

ନିଜ ଆୟଠାରୁ ଅଧିକ ମୂଲ୍ୟର ଦ୍ରବ୍ୟ, ଜାଗା-ବାଡ଼ି, ଅଳଙ୍କାର କ୍ରୟ କରିବା ସମୟରେ 'ଅର୍ଥ କେଉଁଠୁ ଆସିଲା ?' ବୋଲି ଯଦି ସ୍ତ୍ରୀ-ପିଲା ପଚାରନ୍ତେ, ତେବେ ଦୁନିଆର ଚାକଚକ୍ୟ ଦେଖି ଲୋଭଗ୍ରସ୍ତ ବ୍ୟକ୍ତିଟି ହୁଏତ ଖସି ପଡୁଥିବା ଗୋଡ଼ ଦୁଇଟିକୁ ସଜାଡ଼ି ନିଅନ୍ତା। ଅପର ପକ୍ଷେ, ସ୍ତ୍ରୀ-ପୁତ୍ର-କନ୍ୟାମାନେ ସଜାଗ କରିବା ପରିବର୍ତ୍ତେ ଯଦି ନିଜ ରୋଜଗାରିଆ ସ୍ୱାମୀ ବା ପିତାଙ୍କ ରୋଜଗାରଠାରୁ ଅଧିକ ଆଶା କରି ତାଙ୍କ ଉପରେ ଚାପ ସୃଷ୍ଟି କରନ୍ତି, ତେବେ ତାଙ୍କ ଆଖି ଆଗରେ ଦୁର୍ନୀତିର ମାର୍ଗ ଜଳଜଳ ହୋଇ ଦେଖାଯିବା ସ୍ୱାଭାବିକ।



କିନ୍ତୁ ଯେଉଁ ବ୍ୟକ୍ତିଙ୍କର ଚେତନା ଥିବ, ସେ ଯେତେ ବାଧାବିଘ୍ନ ଆସିଲେ ମଧ୍ୟ ଗୋଡ଼ ନ ଖସାଇ ସ୍ଥିତପ୍ରଜ୍ଞ ଭାବରେ କାର୍ଯ୍ୟ କରିବେ। ସମୟ ସ୍ରୋତରେ ଭାସିଯିବେ ନାହିଁ। ସମୁଦ୍ର ତରଙ୍ଗ ବା ପଥଶ୍ରମ ଲାଘବ କରି ଥକ୍କା ମେଣ୍ଟାଉ ଥିବା ବୃକ୍ଷ ତଳର ପଥିକ ଭଳି ଏ ସଂସାରରେ ସ୍ତ୍ରୀ-ପୁତ୍ର-ବନ୍ଧୁ ସମସ୍ତେ କ୍ଷଣସ୍ଥାୟୀ। ସମୟ ଅନୁସାରେ ସମସ୍ତେ ଯେଝା ବାଟରେ ଚାଲିଯିବେ ବା ଆମକୁ ସେମାନଙ୍କୁ ଛାଡ଼ି ଚାଲିଯିବାକୁ ପଡ଼ିବ। ଏହି ଚେତନା ନ ଆସିବା ପର୍ଯ୍ୟନ୍ତ ବ୍ୟକ୍ତିଟିଏ ସ୍ତ୍ରୀ-ପୁତ୍ର-ବନ୍ଧୁବାନ୍ଧବଙ୍କୁ ଖୁସି ଦେବା ପାଇଁ ଅଧର୍ମ ପ୍ରଣୋଦିତ ହୋଇ ଫନ୍ଦିଫିକର କରି ଅର୍ଥ ଉପାର୍ଜନରେ ଲାଗିଥାଏ। ଥରେ ହେଲେ ଭାବେ ନାହିଁ ଯେ ଏସବୁ କର୍ମର ଫଳ ସ୍ତ୍ରୀ-ପିଲା ବା ବନ୍ଧୁଙ୍କ ଜୀବନର ଟିପାଖାତାରେ ଯୋଗ ହେବ ନାହିଁ, ବରଂ ଅଜାଣତରେ ନିଜ ଜୀବନର ଟିପାଖାତାରେ ହିଁ ଯୋଗ ହୋଇଯିବ। ଜୀବନର ଅନ୍ତିମ ସମୟରେ ଯେତେବେଳେ ଏହି ସତ୍ୟ ଉପଲବ୍ଧି ହୁଏ, ସେତେବେଳେ କେବଳ ପଶ୍ଚାତ୍ତାପ ଛଡ଼ା ଆଉ କିଛି ରୁହେ ନାହିଁ। ତେଣୁ ଶପଥ କରି କୁହନ୍ତୁ- ମୁଁ କଳଙ୍କ ମୁକୁଟ ପିନ୍ଧିବି ନାହିଁ।

**ବୋଧଖଣ୍ଡି ଜାଗିରି, ଶିଶିଲୋ**
**ଖୋର୍ଦ୍ଧା, ମୋ: ୯୮୬୧୦୬୯୮୨୯**

# ଚେତନା, ଅନୁଭବ ଓ ଜୀବନର ଆନନ୍ଦ



**ଶ୍ରୁତକୀର୍ତ୍ତି ତ୍ରିପାଠୀ**

ଥରେ ଦଳେ ଲୋକ ହିମାଳୟ ପର୍ବତ ଚଢ଼ିବାକୁ ଗଲେ। ସେମାନଙ୍କ ମଧ୍ୟରୁ କେତେ ଜଣ ପାହାଡ଼ର ସୁନ୍ଦରତା ଦେଖି ବିମୋହିତ ହେଲେ। ଖୁସିରେ ଆତ୍ମହରା ହେଲେ ସେଭଳି ଏକ ନୈସର୍ଗିକ ପରିବେଶ ଦେଖିବାର ସୁଯୋଗ ମିଳିଛି ବୋଲି। ମାତ୍ର ଆଉ କେତେ ଜଣଙ୍କୁ ସମାନ ଅନୁଭବ ହେଲା ନାହିଁ; ସେମାନେ କ୍ଳାନ୍ତ ଓ ନିରାଶ ହେଲେ। କିଛି ନା କିଛି ଚିନ୍ତାର ବଶବର୍ତ୍ତୀ ହୋଇ ଖୁସି ହୋଇ ପାରିଲେ ନାହିଁ। ସେମାନଙ୍କର ମାନସିକ ସ୍ଥିତି ଏପରି ଥିଲା ଯେ ଆଖି ଆଗରେ ଥିବା ହିମାଳୟ ପର୍ବତର ସୁନ୍ଦରତା ସେମାନଙ୍କୁ ଅଭିଭୂତ କଲା ନାହିଁ। ଏହା ପଛର କାରଣ କ'ଣ ବୋଲି ଯଦି ତର୍ଜମା କରାଯାଏ, ଶିଖିବାର ଆଗ୍ରହ, ଆନନ୍ଦ ଓ ପ୍ରେମର ଦୃଷ୍ଟିକୋଣ ସହ ସବୁ ପରିସ୍ଥିତିକୁ ଅଧିକ ଅନୁଭବ କରିହୁଏ ବୋଲି କୁହାଯାଇପାରେ।

ଉଦାହରଣ ସ୍ୱରୂପ, ଧରି ନିଅନ୍ତୁ ଆପଣ ଖାଦ୍ୟ ଖାଉଛନ୍ତି। ଯଦି ଆପଣ ଆନନ୍ଦ, କୃତଜ୍ଞତା ଓ ଆତ୍ମସନ୍ତୋଷର ସହ ଖାଦ୍ୟ ଗ୍ରହଣ କରୁଛନ୍ତି, ତେବେ ଆପଣ ଖାଇବା ସମୟକୁ ବହୁତ ଭଲ ଭାବରେ ଅନୁଭବ କରି ପାରିବେ। ଅପର ପକ୍ଷେ, କଳ୍ପନା କରନ୍ତୁ ଯେ ଆପଣଙ୍କ ଆଗରେ ଅନେକ ପ୍ରକାରର ସୁସ୍ୱାଦୁ ଭୋଜନ ପରଷି ଦିଆଯାଇଛି, କିନ୍ତୁ ମନରେ ଆପଣଙ୍କର ଅଛି କ୍ରୋଧ ଓ ଅଶାନ୍ତି। ଆଗରେ ରଖା ଯାଇଥିବା ବ୍ୟଞ୍ଜନଗୁଡ଼ିକର ସ୍ୱାଦକୁ କ'ଣ ଆପଣ ଅନୁଭବ କରି ପାରିବେ ? ଏଣୁ ଜରୁରୀ ନୁହେଁ ଯେ ଆପଣଙ୍କ ପାଖରେ କ'ଣ ଅଛି; ଜରୁରୀ ଅଟେ ଆପଣଙ୍କ ପାଖରେ ଥିବା ବସ୍ତୁ ଓ ସୁବିଧାଗୁଡ଼ିକର ପ୍ରୟୋଗ ଆପଣ କିଭଳି ଭାବରେ କରୁଛନ୍ତି।

ତେବେ ଆଲୋଚ୍ୟ ବିଷୟ ହେଉଛି, ବ୍ୟକ୍ତି ନିଜର ଅନୁଭବକୁ ସର୍ବାଧିକ ସ୍ତରକୁ ଆଣି ପାରିବ କେମିତି ? ଏହା ନିର୍ଭର କରେ ବ୍ୟକ୍ତିର ଦୃଷ୍ଟିକୋଣ ଉପରେ। ଯେ କୌଣସି ଅନୁଭବକୁ ସର୍ବୋତ୍ତମ କରିବା ପାଇଁ ସର୍ବପ୍ରଥମେ ଧ୍ୟାନ ମାଧ୍ୟମରେ ନିଜର ଅର୍ନ୍ତଦୃଷ୍ଟିକୁ ବିକଶିତ କରିବାକୁ ହେବ। ସବୁ ପରିସ୍ଥିତିକୁ କିଛି ଶିଖିବା, ଆନନ୍ଦ ପାଇବା ଦୃଷ୍ଟିରୁ ଗ୍ରହଣ କଲେ ଅନୁଭବ ଚରମ ସୀମାରେ ପହଞ୍ଚି ପାରିବ। ଜୀବନରେ ଆସୁଥିବା ସମସ୍ୟା ଓ କଷ୍ଟ ମଧ୍ୟ ଜୀବନକୁ ବୁଝିବାର, କିଛି ନୂଆ ଶିଖିବାକୁ ଅବସର ପ୍ରଦାନ କରେ। ଆବଶ୍ୟକତା ଅଛି ତା' ସହ ଯୁଝିବାର କଳାକୁ ଆୟତ୍ତ କରିବା। ଏହି ସତ୍ୟ ସହ ଅବଗତ ହେବାକୁ ହେବ ଯେ ଅତୀତ ହିଁ ଆମକୁ ବାନ୍ଧି ରଖିଛି। ଏଣୁ ଜୀବନରେ ଆସୁଥିବା ପରିବର୍ତ୍ତନକୁ ସହଜ ଭାବରେ ଗ୍ରହଣ କରି ଭବିଷ୍ୟତ ପାଇଁ ଧ୍ୟାନ କେନ୍ଦ୍ରିତ କରିବାକୁ ହେବ।

ଆମ ଅତୀତର ଜ୍ଞାନ, ବିଶ୍ଳେଷଣ, ମନ୍ତବ୍ୟ, ଦୁଃଖ ଓ କଷ୍ଟ ଆଦି ଆମ ଅନୁଭବକୁ ପୂର୍ଣ୍ଣ କରିବାରେ ବାଧା ସୃଷ୍ଟି କରେ। କାରଣ, ଏସବୁ ଆମର ଶୁଣିବା, ଚିନ୍ତା କରିବା ଏବଂ ଅନୁଭବ କରିବାର ପ୍ରକ୍ରିୟାକୁ ଗଭୀର ଭାବରେ ପ୍ରଭାବିତ କରେ। କାରଣ, ମଣିଷର ଅବଚେତନ ମନ ତା'ର ଜୀବନକୁ ଯନ୍ତ୍ରବତ୍ ପରିଚାଳନା କରେ। ସେଥିପାଇଁ ସତର୍କ ରହିବାକୁ ହେବ। ଯଦି ବ୍ୟକ୍ତି ସତର୍କ ହୁଏ, ତେବେ ସେ ତା'ର ଅବଚେତନ ମନ ପ୍ରତି ସଚେତନ ହୁଏ। ଫଳରେ ସେ ଏକ ତିକ୍ତ ଜୀବନ ନୁହେଁ, ବରଂ ଏକ ସକ୍ଷମ ଜୀବନ ବଞ୍ଚିବା ସମ୍ଭବ ହୁଏ।

ଆମର ପାରିବାରିକ ସମ୍ପର୍କ ହେଉ ବା ଧନ ସମ୍ପତ୍ତି; ଆମେ କହୁ 'ଏହା ମୋର'; ହେଲେ ବାସ୍ତବରେ ଯାହାକୁ ଆମେ ନିଜର ବୋଲି ଭାବୁ, ତାହା ନିଜର ହୋଇ ନଥାଏ। ସତ ହେଉଛି, ଆମେ ମଣିଷମାନେ ଖୁବ୍ ଚତୁରତାର ସହ ଏ ଦୁଇଟିର ବ୍ୟବହାର ନିଜର ଆବଶ୍ୟକତା ପୂରଣ କରିବା ପାଇଁ କରି ଚାଲିଛୁ। ନିଜର ସନ୍ତାନମାନଙ୍କଠାରୁ ଆମର ଅନେକ ଆଶା ରହିଥାଏ ନିଶ୍ଚୟ; ମାତ୍ର ସତ ମଧ୍ୟ ଏୟା ଯେ ସେମାନଙ୍କର ବି କିଛି ସ୍ୱପ୍ନ ଓ ଆଶା ଥିବ, ଯାହାକୁ ସେମାନେ ପୂରଣ କରିବାକୁ ଚାହୁଁଥିବେ। ଯାହାକୁ 'ମୋର, ମୋର' ବୋଲି କହି ଆମେ ଜୀବନ ବିତେଇ ଦେଉ, ତାହା କେବେ ବି ଆମଠାରୁ ଦୂରେଇ ଯାଇପାରେ। ହେଲେ ଯାହା ସବୁବେଳେ ପାଖରେ ରହିବ, ସେ ହେଉଛି ଆମର ଚେତନା। ବ୍ୟକ୍ତିର ଚେତନା ହିଁ କେବଳ ନିଜସ୍ୱ। ତେଣୁ ନିଜର ସମସ୍ତ ଉର୍ଜା ନିଜର ଚେତନାର ସ୍ୱରୂପକୁ ବୁଝିବାରେ ଲଗେଇବାକୁ ହେବ। ସେଥିରେ ହିଁ ଅଛି ଜୀବନର ପୂର୍ଣ୍ଣତା। ଯା ପରେ ମଣିଷ ତା'ର ପ୍ରତ୍ୟେକ ଅନୁଭବର ଭରପୂର ଆନନ୍ଦ ଉଠେଇ ପାରିବ।

**ଭୁବନେଶ୍ୱର**
**ମୋ: ୬୩୭୦୫୧୬୪୭୮**

# ମୌସୁମୀ ଓ ଏଲ୍ ନିନୋ

କେରଳମ୍ ବା କେରଳରେ ପହଞ୍ଚି ଗଲାଣି ଦକ୍ଷିଣ ପଶ୍ଚିମ ମୌସୁମୀ- ଏଇ ବାକ୍ୟଟି ଦେଶର ସବୁ ଲୋକଙ୍କ କାନକୁ ସୁମଧୁର ସଙ୍ଗୀତଟିଏ ଭଳି ଶୁଭିବା ସ୍ୱାଭାବିକ, କାରଣ ପ୍ରଥମତଃ ରୌଦ୍ରତାପ ଦଗ୍ଧ ଏକ ଭୂଇଁକୁ ଶୀତଳତାର ଆଗମନ ଅବଶ୍ୟ ଶରୀରରେ ସିହ୍ରଣ ସଞ୍ଚାର କରିବାର ଆଶା ଯଥେଷ୍ଟ ଏବଂ ଦ୍ୱିତୀୟରେ, କୃଷିପ୍ରଧାନ ଦେଶ ଭାରତରେ ଚାଷୀଭାଇମାନଙ୍କୁ ଜମିରେ ଫସଲ ଉପୁଜାଇବା ପାଇଁ ପ୍ରସ୍ତୁତ ହେବାକୁ ଏହା ବାର୍ତ୍ତାଟିଏ ପ୍ରଦାନ କରିଥାଏ। ତେଣୁ ଏହା ସମଗ୍ର ଦେଶ ପାଇଁ କେବଳ ଏକ ପାଣିପାଗଜନିତ ଘଟଣାଟିଏଠାରୁ ଢେର୍ ଅଧିକ ବୋଲି କୁହାଯାଇପାରେ। ଏହା ହେଉଛି ଏକ ସଙ୍କେତ, ଯାହା ଦେଶର କୃଷି-ଚକ୍ରକୁ ପ୍ରସ୍ତୁତି ପଥେ ଆଗେଇ ନିଏ, ଗ୍ରାମାଞ୍ଚଳର ଆୟ ପାଇଁ ପଥ ପ୍ରସ୍ତୁତ କରେ, ମୁଦ୍ରାସ୍ଫୀତି ଧାରାକୁ ରୂପରେଖ ପ୍ରଦାନ କରେ ଏବଂ ସର୍ବୋପରି ଏହା ଅର୍ଥନୀତିକ ଅଭିବୃଦ୍ଧିକୁ ପ୍ରଭାବିତ କରିଥାଏ। ତେବେ ଚଳିତ ବର୍ଷ ପ୍ରଶାନ୍ତ ମହାସାଗରରେ ଏଲ୍ ନିନୋ ଅବସ୍ଥା ସୃଷ୍ଟି ହେଉଥିବା ଯୋଗୁଁ ମୌସୁମୀର ପ୍ରଗତି ସମ୍ପର୍କରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ପୂର୍ବାନୁମାନ ସେଭଳି ଆଶାଜନକ ହେବାଠାରୁ ଢେର୍ ଦୂରରେ ରହିଛି। ଆଇଏମ୍‌ଡିର ପ୍ରାରମ୍ଭିକ ତ୍ରୁଟିର ପରିମାଣ ମାତ୍ର ଚାରି ଦିନ ପାଇଁ ହୋଇଥିବାକୁ ହିସାବକୁ ନେବା ପରେ, ମୌସୁମୀର ଆଗମନ ପ୍ରଭାବଶାଳୀ ଭାବରେ ପାଞ୍ଚ ଦିନ ବିଳମ୍ବିତ ହୋଇଛି, ଯାହା ବୃଷ୍ଟିପାତର ଅଭାବ ସମ୍ଭାବନାକୁ ଦୃଢ଼ୀଭୂତ କରିବା ସଙ୍ଗେ ସଙ୍ଗେ ଗୁରୁତ୍ୱପୂର୍ଣ୍ଣ ଖରିଫ୍ ଫସଲର ବିହନ ବୁଣା ଋତୁ ନିମନ୍ତେ ପ୍ରସ୍ତୁତ ହେବାକୁ ଚାଷୀମାନଙ୍କ ମଧ୍ୟରେ ଚିନ୍ତାର ଉଦ୍ରେକ କରାଇଛି। ୨୧ ବର୍ଷ ପୂର୍ବେ ଯେବେଠାରୁ ଆଇଏମ୍‌ଡି ଏହି ପ୍ରଥାକୁ ଆରମ୍ଭ କରିଛି, ସେବେଠାରୁ ଆଜିକା ଦିନ ମଧ୍ୟରେ ବିଭାଗ ସଠିକ୍ ଭାବରେ ମୌସୁମୀର ଆଗମନ ସମ୍ପର୍କରେ ଭବିଷ୍ୟବାଣୀ କରିବାରେ ଦ୍ୱିତୀୟ ଥର ପାଇଁ ବିଫଳ ହୋଇଛି। ୨୦୧୫ରେ ଯେତେବେଳେ ମୌସୁମୀର ଆଗମନ ତାରିଖ ବାବଦରେ ଆଇଏମ୍‌ଡିର ଭବିଷ୍ୟବାଣୀ ଦୁଇ ଦିନ ପାଇଁ ଭୁଲ୍ ସାବ୍ୟସ୍ତ ହୋଇଥିଲା, ଦେଶ ୧୫ ପ୍ରତିଶତ ବୃଷ୍ଟିପାତର ଅଭାବକୁ ସାମ୍ନା କରିଥିଲା ଏବଂ ମରୁଡ଼ିର ଯନ୍ତ୍ରଣା ଭୋଗ କରିଥିଲା। ଚଳିତ ବର୍ଷ ମଧ୍ୟ ଆଇଏମ୍‌ଡି ସ୍ୱାଭାବିକଠାରୁ ୧୦ ପ୍ରତିଶତ କମ୍ ବୃଷ୍ଟିପାତ ହେବା ସମ୍ପର୍କରେ ଭବିଷ୍ୟବାଣୀ କରିଛି।

ମୌସୁମୀର ଭବିଷ୍ୟବାଣୀ ଉପରେ ଆଧାର କରି ଚାଷୀମାନେ ବିହନ ଏବଂ ରାସାୟନିକ ସାର କ୍ରୟ ତଥା ଶ୍ରମିକ ମୁତୟନ ଏବଂ ଜଳସେଚନର ଯୋଜନା ଉପରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିମାନ ନେଇଥାନ୍ତି। ଯେତେବେଳେ ଭବିଷ୍ୟବାଣୀ ଏବଂ ପ୍ରକୃତ ପାଣିପାଗ ଶୈଳୀଗୁଡ଼ିକ ଉଲ୍ଲେଖନୀୟ ଭାବରେ ଭିନ୍ନ ଭିନ୍ନ ହୁଏ, ଏହି ନିଷ୍ପତ୍ତିଗୁଡ଼ିକ ଅଧିକ ବିପଜ୍ଜନକ ଏବଂ ଅଧିକ ବ୍ୟୟସାପେକ୍ଷ ହୋଇଥାଏ। ତେବେ ଏଲ୍ ନିନୋ ଭଳି ପ୍ରାକୃତିକ ଜଳବାୟୁ ଅବସ୍ଥା, ଯାହା କେନ୍ଦ୍ର ଏବଂ ପୂର୍ବ ଭୂମଧ୍ୟରେଖୀୟ ପ୍ରଶାନ୍ତ ମହାସାଗରରେ ଅସ୍ୱାଭାବିକ ଉତ୍ତାପ ସମ୍ପର୍କରେ ସୂଚନା ପ୍ରଦାନ କରିଥାଏ, ତାହା ବେଳେବେଳେ ଏହି ଭବିଷ୍ୟବାଣୀକୁ ଭୁଲ୍ ପ୍ରମାଣିତ କରିଥାଏ। ଯଦିଓ ଭାରତ ମହାସାଗରୀୟ ଡାଇପୋଲ୍ (ଆଇଓଡି) କୁହାଯାଉଥିବା ଜଳବାୟୁଗତ ପ୍ରକ୍ରିୟା ଏଲ୍ ନିନୋର ବିଦ୍ୟମାନତାର ପ୍ରଭାବକୁ ସରକାରୀ ଭାବରେ ବର୍ଷା ଋତୁ କୁହାଯାଉଥିବା ଋତୁର ଶେଷ ଆଡ଼କୁ ଆଚ୍ଛାଦିତ କରିବାର ସମ୍ଭାବନା ରହିଛି, ତେବେ ବୃଷ୍ଟିପାତର ଅଭାବଜନିତ ସୂଚନା ବହନ କରୁଥିବା ମୌସୁମୀ କୃଷି କ୍ଷେତ୍ରକୁ ପ୍ରତିକୂଳ ଭାବରେ ପ୍ରଭାବିତ କରିବ। ସ୍ୱଳ୍ପ ବର୍ଷା ଖାଦ୍ୟ ସାମଗ୍ରୀ ଉତ୍ପାଦନ କମାଇ ପାରେ, ଯାହା ସେଗୁଡ଼ିକର ମୂଲ୍ୟବୃଦ୍ଧି କରିବା ସଙ୍ଗେ ସଙ୍ଗେ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତିକୁ ତ୍ୱରାନ୍ୱିତ କରିବ। କେତେକ ଖାଦ୍ୟ ସାମଗ୍ରୀର ରପ୍ତାନୀ ଉପରେ କଟକଣା ଜାରି କରି ତଥା ଘରୋଇ ଉପଭୋଗ ବା କଞ୍ଜମ୍ପସନ୍ ଉପରେ ପ୍ରାଥମିକତା ଦେଇ ସରକାର ଯଦିଓ ଉପରୋକ୍ତ ସମସ୍ୟାର ସମାଧାନ କରିବାକୁ କେତେକ ପଦକ୍ଷେପ ନେଇଛନ୍ତି, ତେବେ ଯୁଦ୍ଧ, ଅଶୋଧିତ ତୈଳର ଅଭାବ ଏବଂ ଅର୍ଥନୀତିକ ଆହ୍ୱାନଗୁଡ଼ିକ ଦ୍ୱାରା ପରିଚିହ୍ନିତ ଏକ ବର୍ଷରେ ବୃଷ୍ଟିପାତର ଅଭାବଠାରୁ ଆଉ ଅଧିକ କିଛି କଦର୍ଯ୍ୟ କଥା ଥାଇ ନପାରେ।

କୃଷି ଭାରତୀୟ ଅର୍ଥନୀତିକୁ ହାରାହାରି ୧୮ ପ୍ରତିଶତ ଅବଦାନ ରଖିଥାଏ ଏବଂ ଦେଶରେ ଏବେ ବି ଏହି କ୍ଷେତ୍ର ହେଉଛି ସର୍ବବୃହତ୍ କର୍ମନିଯୁକ୍ତି ପ୍ରଦାନକାରୀ। ଗୋଟିଏ ଏକକ ବର୍ଷରେ ବିଫଳ ମୌସୁମୀ କ୍ଷୁଦ୍ର ଚାଷୀ, ବିଶେଷକରି ଯେଉଁମାନେ ପେଟ ପୋଷା ଚାଷକୁ ଆଗେଇ ନେଇଥାନ୍ତି, ସେମାନଙ୍କୁ ଋଣ ଯନ୍ତାରେ ପକାଇ ଦେବାର ସମ୍ଭାବନା ବହନ କରେ। ଭାରତ ଆମଦାନୀ କରାଯାଉଥିବା ଅଶୋଧିତ ତୈଳ ଉପରେ ନିର୍ଭରଶୀଳତା କମାଇବାକୁ ଚାହୁଁଥିବା ବେଳେ ଏହା ମଧ୍ୟ ବୃଷ୍ଟିପାତର ଉତ୍‌ଥାନ ପତନଜନିତ ବିପଦପ୍ରବଣତାକୁ ହ୍ରାସ କରିବା ଉଚିତ। ସରକାର ଗ୍ରାମାଞ୍ଚଳ-ଆଧାରିତ ଲଘୁ ଉଦ୍ୟୋଗ ପ୍ରତିଷ୍ଠାକୁ ଉତ୍ସାହିତ କରିବା ଉଚିତ, ଯାହା ଗ୍ରାମାଞ୍ଚଳର ଲୋକମାନଙ୍କୁ କର୍ମନିଯୁକ୍ତିର ବିକଳ୍ପ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଫସଲ ବିଫଳତାକୁ ସହ୍ୟ କରିବା ନିମନ୍ତେ ଜରୁରୀକାଳୀନ ପାଣ୍ଠି ନିର୍ମାଣ କରିବାରେ ସାହାଯ୍ୟ କରି ପାରିବ। ସେହିଭଳି ଜଳସେଚନ ଭିତ୍ତିଭୂମି, ମରୁଡ଼ି-ପ୍ରତିରୋଧୀ ଫସଲର ପ୍ରକାର, ପାଣିପାଗ-ଆଧାରିତ ଫସଲ ବୀମା, ଡିଜିଟାଲ ପରାମର୍ଶ ବ୍ୟବସ୍ଥା ଉପରେ ନିବେଶ କରାଯିବା ଏବଂ ଦୀର୍ଘକାଳୀନ ଭଣ୍ଡାରଣ ବ୍ୟବସ୍ଥାର ସାମର୍ଥ୍ୟ ବୃଦ୍ଧି ଜାତୀୟ କାର୍ଯ୍ୟ ହେବା ଉଚିତ। ଭାରତ ହେଉଛି ବିଶ୍ୱର ବୃହତ୍ତମ ଅର୍ଥନୀତିମାନଙ୍କ ମଧ୍ୟରୁ ଗୋଟିଏ, ଯାହାର ଜନସଂଖ୍ୟା ସମଗ୍ର ବିଶ୍ୱ ଜନସଂଖ୍ୟାର ଏକ-ଷଷ୍ଠାଂଶ ଏବଂ ଏହା ହେଉଛି ପୃଥିବୀର ଖୁବ୍ କମ୍ ତିଷ୍ଠି ରହିଥିବା ପ୍ରାଚୀନ ସଭ୍ୟତାର ଦେଶମାନଙ୍କ ମଧ୍ୟରୁ ଅନ୍ୟତମ। ଏହା ଯଦି ନିଜର ହୃତ ବୈଶ୍ୱିକ ଖ୍ୟାତିକୁ ଫେରାଇ ଆଣିବାକୁ ଚାହୁଁଥାଏ, ତା'ହେଲେ ବୃଷ୍ଟିପାତ ଏବଂ ଆମଦାନୀ କରାଯାଉଥିବା ଶକ୍ତି ଉପରେ ଅତ୍ୟଧିକ ନିର୍ଭରଶୀଳତାକୁ ହ୍ରାସ କରି ଆଭ୍ୟନ୍ତରୀଣ ଭାବରେ ଏହା ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବରେ ଉଭା ହେବା ଉଚିତ।

# ଏବେ ଲୁଟିନିଅ ଗୁରୁଙ୍କ ଧନ

ଗୁରୁ ସମସ୍ତ ଶିଷ୍ୟଙ୍କୁ ଡକାଇ କହିଲେ- 'ଆଉ ଦୁଇମାସ ପରେ ମୁଁ ଦେହତ୍ୟାଗ କରିବି।' ଶିଷ୍ୟମାନଙ୍କ ଭିତରେ ଶୋକର ଛାୟା ଖେଳିଗଲା। ସମସ୍ତେ ଜାଣିଥିଲେ ଗୁରୁ ହେଉଛନ୍ତି ଜଣେ ସିଦ୍ଧ ସାଧକ। ମହାନ ଗୁରୁ। ଗୁରୁଙ୍କ ବାକ୍ୟ କେବେ ଟଳେନାହିଁ। ସେବେଠାରୁ ଅନ୍ତେବାସୀମାନେ ଜାଣିଗଲେ ଗୁରୁଙ୍କ ଆୟୁଷ ଆଉ ବେଶି ଦିନ ନୁହେଁ। ଶେଷ ସମୟ ପାଖେଇ ଆସିଲାଣି। ପୂର୍ବରୁ ସେହି ଗୁରୁଙ୍କ ପାଖରୁ ଶିକ୍ଷାଲାଭ କରିଥିବା ଅନେକ ଶିଷ୍ୟ ମଧ୍ୟ ଦେଖା କରିବାକୁ ଆସୁଥିଲେ। ଗୁରୁ ମଧ୍ୟ ମନଖୋଲା କଥାବାର୍ତ୍ତା ହେଉଥିଲେ। ଏତିକି ବେଳେ ଜଣେ ପୂର୍ବ ପରିଚିତ ସନ୍ଥ ଆଶ୍ରମକୁ ଆସିଲେ। ଗୁରୁଜୀ ତାଙ୍କୁ ମଧ୍ୟ ଆଦର କଲେ। ସେଦିନ ସନ୍ଧ୍ୟାରେ ସତ୍‌ସଙ୍ଗର ଆୟୋଜନ କରାଗଲା। ଆଗନ୍ତୁକ ସନ୍ଥ ମହାତ୍ମା କହିଲେ- 'ଗୁରୁ ଏବେ ସୁସ୍ଥ ଅଛନ୍ତି। ଆଶ୍ରମ ପରିସରରେ ରହୁଛନ୍ତି। ତେବେ ସମସ୍ତ ଶିଷ୍ୟଙ୍କର କର୍ତ୍ତବ୍ୟ ହେଲା, ଗୁରୁଙ୍କର ସମ୍ପତ୍ତିକୁ ଲୁଟିନେବା ଉଚିତ୍। ଗୁରୁ ଥାଉ ଥାଉ ତାଙ୍କ ସମ୍ପତ୍ତି ଲୁଟିନେଲେ ଭଲରେ ରହିବ। ନହେଲେ ଏ ସୁଯୋଗ ହାତଛଡ଼ା କଲେ ଆଉ ପାଇବ ନାହିଁ।' ଜଣେ ଶିଷ୍ୟ କହିଲା- 'ଏତେ କଷ୍ଟ କରି ଗୁରୁ ସମ୍ପତ୍ତି ଯୋଗାଡ଼ କରିଛନ୍ତି, ଆମେ ଲୁଟିନେବୁ! ନା ନା, ସେକଥା ହେବନି। ଆମକୁ ପାପ ଲାଗିବ।' ଆଉ କିଛି ଶିଷ୍ୟ ଏକଥା ଶୁଣି ଖୁସି ହୋଇଗଲେ।'

ପରଦିନ ସକାଳୁ ଆଶ୍ରମ ଦ୍ୱାର ମୁହଁରେ ଲାଗିଥିଲା ଟ୍ରକ୍, ଟ୍ରାକ୍ଟର ଭଳି ଅନେକ ମାଲ୍ ବୋହିବା ଗାଡ଼ି। ଗୁରୁ ମଧ୍ୟ ଆଶ୍ଚର୍ଯ୍ୟ ହୋଇ ଚାହିଁଥିଲେ ସେହି ଲୋକମାନଙ୍କୁ, ଯେଉଁମାନେ ନିଜକୁ ଗୁରୁଙ୍କର ଶିଷ୍ୟ ବୋଲି ପରିଚୟ ଦେଉଥିଲେ। ସନ୍ଧ୍ୟା ବେଳକୁ ଗୁରୁଙ୍କ କୋଠରୀ ବ୍ୟତୀତ ଅନ୍ୟ ସବୁ ଘର ଫାଙ୍କା ହୋଇଗଲା। ଗୁରୁଙ୍କ ବିଛଣା ପାଖରେ ବସିଥିଲା ଶିଷ୍ୟଟିଏ। ଗୁରୁଙ୍କ ସହିତ କଥାବାର୍ତ୍ତା ହେଉଥିଲା। ଜଣେ ଶିଷ୍ୟ ଆସି କହିଲା- 'ସାଙ୍ଗ! ସମସ୍ତେ କିଛି କିଛି ଜିନିଷପତ୍ର ନେଇ ଗଲେଣି। ତୁମେ କିଛି ନେବନାହିଁ ?' ଶିଷ୍ୟ କହିଲା- 'ମୁଁ ବି ନେଉଛି।'

ନିର୍ଦ୍ଧାରିତ ସମୟରେ ଗୁରୁ ଦେହତ୍ୟାଗ କଲେ। ତାଙ୍କର କ୍ରିୟାକର୍ମ ମଧ୍ୟ ଯଥା ରୀତି ଶେଷ ହେଲା। କିଛି ଦିନ ପରେ ସମ୍ପତ୍ତି ନେଇଥିବା ଶିଷ୍ୟଙ୍କ ଭିତରେ ଅସନ୍ତୋଷ ଦେଖା ଦେଲା। କିଏ ବେଶି ସମ୍ପତ୍ତି ଆଣିଥିଲା ତ କିଏ କମ୍ ଆଣିଥିଲା। କାହାର ସମ୍ପତ୍ତି ଶେଷ ହୋଇ ଆସୁଥିଲା ତ କେହି ସୁରକ୍ଷା ଦେଇପାରୁ ନଥିଲା। ସବୁ ଦିଗରୁ ଅସନ୍ତୋଷ ଘେରି ରହିଥିଲା।

ସେଦିନ ଗୁରୁଙ୍କ ପାଖରେ ବସି କଥା ହେଉଥିବା ପିଲାଟିକୁ ଦେଖି ତା'ର ସାଙ୍ଗମାନେ କହିଲେ- 'ତୁମେ ତ ଆମ ଭଳି ଆଶ୍ରମରୁ କିଛି ସମ୍ପତ୍ତି ଆଣିନା। ତୁମେ କିପରି ଖୁସିରେ ଅଛ ?'

ଉତ୍ତର ଦେଲା ପିଲାଟି- 'ମୁଁ ଗୁରୁଙ୍କଠାରୁ ଯେଉଁ ସମ୍ପତ୍ତି ଆଣିଛି ତା'ର ବୃଦ୍ଧି ଅଛି ସିନା, କ୍ଷୟ ନାହିଁ। ତୁମେ ସଂଗ୍ରହ କରିଥିବା ସମ୍ପତ୍ତି ତୁମକୁ ଦୁଃଖ ଦେଉଛି। ମୋ ସମ୍ପତ୍ତି ମୋତେ ସୁଖ ଦେଉଛି। ତୁମ ସମ୍ପତ୍ତି ଧନ ଦୌଲତକୁ ନେଇ। ମୋ ସମ୍ପତ୍ତି ହେଲା ଗୁରୁଙ୍କର ଆଶୀର୍ବାଦ ଓ କିଛି ଜ୍ଞାନ। ତୁମ ସମ୍ପତ୍ତି- ବାହାରର। ଦେଖିହେବ। ମୋ ସମ୍ପତ୍ତି- ଭିତରର। ଅନୁଭବ କରିହେବ। ତେଣୁ ତୁମେ ଧନ ଲୁଟିଲା ବେଳେ ମୁଁ ଜ୍ଞାନ ଲୁଟୁଥିଲି।'

ନିତିଦିନ NITIDIN

## ଶିକ୍ଷାବିତ୍‌ଙ୍କ ବିୟୋଗରେ ଶୋକ

**ଅସ୍ତରଙ୍ଗ,୭।୬/ଏନ୍‌ଏନ୍‌ଏସ୍:** ଅସ୍ତରଙ୍ଗ ନିକଟସ୍ଥ ତରାସାହି ଗ୍ରାମର ଶିକ୍ଷାବିତ୍ ତଥା ତୋରିମରା ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ କୈଳାଶ ଚନ୍ଦ୍ର ମହାନ୍ତିଙ୍କ ବିୟୋଗରେ ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତ ମହାନ୍ତି ଜଣେ ପରୋପକାରୀ, ମିଷ୍ଟ ଭାଷୀ, ଛାତ୍ରବତ୍ସଳ, ସ୍ନେହୀ ଆଦର୍ଶଶିକ୍ଷକ ଭାବେ ସାରା ଅଞ୍ଚଳରେ ପରିଚିତ ଥିଲେ । ତାଙ୍କ ମୃତ୍ୟୁ ନିକଟରେ ପତ୍ନୀ ରେଣୁବାଳା, ଝିଅ ନିବେଦିତା, ଜ୍ୱାଇଁ ଅତସୀ, ପରିବାର ବନ୍ଧୁବର୍ଗ ଆତ୍ମୀୟ ସ୍ୱଜନ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।



### ଡାଇଭର୍ସନ ରାସ୍ତାକରି କାମ ସାରିଦେଇଛି ଠିକାଦାର

# ଝୁଲୁଛି କୁସୁମୀ ପୋଲ, ଅସୁବିଧା ଭୋଗୁଛନ୍ତି ଅଞ୍ଚଳବାସୀ



**ଓଡ଼ଗାଁ,୭।୬/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ଠାରୁ ବାହାଡ଼ାଖୋଲା ୧୦ କିଲୋମିଟର ଦୂରତା ମଧ୍ୟରେ କୁସୁମୀନଦୀ ରହିଛି । ଏହି ପୋଲ ଉପରେ ପ୍ରତିଦିନ ଶହଶହ ଲୋକଙ୍କ ଯାତାୟତ ହୋଇଥାଏ । ଏମିତିକି ପୋଲ ଆବୁଡା ଖାବୁଡା ହୋଇଥିଲେ ମଧ୍ୟ ସେଥିରେ ବସ, ଭିଆଇପି କାର ଓ ମାଲବାହୀ ଟ୍ରକ୍, ଟ୍ରାକ୍ଟର ଆଦି ଯିବାଆସିବା କରେ । କିନ୍ତୁ ଏହିପୋଲ ନିର୍ମାଣ ପାଇଁ କାହାରି ସତେ ଯେମିତି ଟିକେବି ଦୃଷ୍ଟି ନାହିଁ । ୩ବର୍ଷ ନୟାଗଡ ବିଧାୟକ ଡ଼.ଅରୁଣ କୁମାର ସାହୁ ଏହି ପୋଲ ନିର୍ମାଣର ବିନ୍ଧାଣୀ ସାଜିଥିଲେ । ରାଜ୍ୟ ସରକାର ୮କୋଟି ୨୦ ଲକ୍ଷ ଟଙ୍କା ବ୍ୟୟବରାଦ କରିବା ପରେ କାର୍ଯ୍ୟ ଆରମ୍ଭ ହେବାକଥା । ଅନୁଦାନ ମଞ୍ଜୁରୀକୁ ୩ବର୍ଷ ବିତି ଯାଇଥିଲେ ମଧ୍ୟ ପୋଲ କାମ ଆଦୌ ଆରମ୍ଭ ହୋଇନାହିଁ । ଓଡ଼ଗାଁ ସଦର ମହକୁମା ଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ କୁସୁମୀପୋଲ ରହିଥିଲେ ମଧ୍ୟ ଏଥିପ୍ରତି ଚରମ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି । ଏହି ରାସ୍ତାଦେଇ ଚାଷୀ ବାହାଡ଼ାଖୋଲା ହାଟକୁ ଯିବାଆସିବା କରୁଥିବାବେଳେ ବାହାଡ଼ାଖୋଲାରୁ ଦୈନିକ ଶହଶହ ଲୋକ ଓଡ଼ଗାଁକୁ ଆସିଥାନ୍ତି ।ଏସବୁକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ଏଠି ଜନସାଧାରଣଙ୍କ ସୁବିଧାକୁ ଗୁରୁତ୍ୱ ନଦେଇ ଠିକାଦାରଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦିଆଯାଉଛି । ଏଠି ପ୍ରଶ୍ନ ଉଠୁଛି ଠିକାଦାର କାମକୁ ଟେଣ୍ଡର ନେଇ ନକରିବା ପଛର କାରଣ କ'ଣ ପୂର୍ତ୍ତବିଭାଗ ଠିକାଦାର ବିରୋଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ନେଇଛି । ବିଭାଗ ପକ୍ଷରୁ ଠିକାଦାରକୁ କେତେଥର ନୋଟିସ କରିଛି ।ଯଦି ନୋଟିସ ହୋଇଥାଏ ତେବେ ଟେଣ୍ଡର ବାତିଲ କରାଯାଉନାହିଁ କାହିଁକି ବୋଲି ଅଭିଯୋଗ ହୋଇଛି । ଠିକାଦାର କେବଳ ଡ଼ାଇଭର୍ସନ କାମକରି ଗାଏବ ହୋଇଥିବାରୁ ଲୋକମାନେ ଆଗକୁ ଜମଯନ୍ତ୍ରଣା ଭୋଗିବେ ବୋଲି କୁହାଯାଉଛି । ବର୍ଷାଦିନ ଆସୁଥିବାରୁ ଲୋକଙ୍କ ପାଇଁ ପୋଲ ନିର୍ମାଣ ଜରୁରୀ ହୋଇପଡ଼ିଛି । ଯଦି ପୋଲ ଭୁଶୁଡ଼ିଯାଏ ତେବେ ଓଡ଼ଗାଁରୁ ବାହାଡ଼ାଖୋଲା ରାସ୍ତା ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବା ଘଟଣାକୁ ଏଡ଼ାଇ ଦିଆଯାଇନପାରେ । ଏହି ଘଟଣାରେ ପୂର୍ତ୍ତବିଭାଗ ଯନ୍ତ୍ରୀ ସୁଧାଂଶୁ ବେହେରା ପୋଲକାମ ଖୁବଶିଘ୍ର ଆରମ୍ଭ ହେବ । ଡ଼ିଜାଇନ୍ ଆସିବାରେ ବିଳମ୍ବ ହେଉଥିବାରୁ କାମ ଆରମ୍ଭ ନହୋଇ ପଡ଼ିରହିଛି ।ତଥାପି କିଛିଦିନ ମଧ୍ୟରେ ଆରମ୍ଭ କରାଯିବ ବୋଲି ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି ।

## ପରିତ୍ୟକ୍ତ ଗୃହ ଉପରେ ନୂତନ ଛାତ ନିର୍ମାଣକୁ ନେଇ ଗ୍ରାମବାସୀଙ୍କ ଅସନ୍ତୋଷ



**ଖଣ୍ଡପଡ଼ା,୭।୬/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ବ୍ଲକର କିଆଝର ପଞ୍ଚାୟତ ଅଧୀନ ମଙ୍ଗରାଜପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଦିର୍ଘ ବର୍ଷ ତଳେ ନିର୍ମାଣ ହୋଇଥିବା ଏକ ପୁରାତନ ଶ୍ରେଣୀଗୃହର କାନ୍ଥ ଉପରେ ନୂତନ କାନ୍ଥ ନିର୍ମାଣ କରାଯାଇ ଛାତ ପକାଇବାକୁ ମସୁଧା ଚାଲିଥିବା ଜଣା ପଡିବା ପରେ ଏହାକୁ ତୀବ୍ର ବିରୋଧ କରିଛନ୍ତି ସ୍ଥାନୀୟ ଗ୍ରାମର ବାସିନ୍ଦା । ଖଣ୍ଡପଡା ବ୍ଲକ ପ୍ରଶାସନର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏକ ପରିତ୍ୟକ୍ତ ଶ୍ରେଣୀଗୃହ ଉପରେ ନିର୍ମାଣ କରାଯାଉଥିବା ଏହି କାର୍ଯ୍ୟର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଉଛି । ଖଣ୍ଡପଡା ବ୍ଲକରେ କାର୍ଯ୍ୟରତ ଜନୈକ କନିଷ୍ଠ ଯନ୍ତ୍ରୀଙ୍କ ଜ୍ଞାତସାରରେ ଏହି କାର୍ଯ୍ୟ ଚାଲିଥିବା ବେଳେ ଗ୍ରାମବାସୀଙ୍କ ଅଭିଯୋଗ ପ୍ରତି ବ୍ଲକ ପ୍ରଶାସନ ନତୁବା ଜିଲ୍ଲା ପ୍ରଶାସନ ସେତେଟା ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ହେଉଛି । ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଗ୍ରାମବାସୀଙ୍କ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଗତ ୧୯୯୬ ମସିହାରେ ଉକ୍ତ ବିଦ୍ୟାଳୟ ପରିସରରେ ଉକ୍ତ ଶ୍ରେଣୀ ଗୃହର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଛାତ ପତନ ପର୍ଯ୍ୟନ୍ତ କାର୍ଯ୍ୟ ଶେଷ ହୋଇଥିଲା । ସେହିଦିନ ଠାରୁ ଉକ୍ତ ପୁରାତନ ଶ୍ରେଣୀଗୃହଟି ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଥିବା ଜଣାପଡିଛି । ତେବେ ଦୀର୍ଘ ୩୦ ବର୍ଷ ପରେ ପରିତ୍ୟକ୍ତ ଶ୍ରେଣୀ ଗୃହ ଉପରେ ଖଣ୍ଡପଡ଼ା ବିଧାୟକଙ୍କ ହାତପାଣ୍ଠି ଅନୁଦାନ ଅର୍ଥରେ କିଭଳି ନିର୍ମାଣ କାର୍ଯ୍ୟ ଚାଲିଛି ସେ ସଂପର୍କରେ ବ୍ଲକ କର୍ତ୍ତୃପକ୍ଷ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ନୟାଗଡ ଜିଲ୍ଲାପାଳ ଦୃଷ୍ଟି ଦେବାକୁ କିଆଝର ପଞ୍ଚାୟତ ସରପଞ୍ଚ ଦୀପାଞ୍ଜଳି ମହାନ୍ତି ଦାବି କରିବା ସହ ସେ ସଂପର୍କରେ ଲିଖିତ ଭାବେ ନୟାଗଡ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି । ତେବେ ପରିତ୍ୟକ୍ତ ଶ୍ରେଣୀଗୃହ ଉପରେ ନୂତନ ଛାତ କାହା ସ୍ୱାର୍ଥରେ ନିର୍ମାଣ କରାଯାଉଛି ସେ ସଂର୍ପକରେ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲା ପ୍ରଶାସନ ଓ ଭିଜିଲାନ୍ସ ବିଭାଗ ଦୃଷ୍ଟିଦେବାକୁ ମଙ୍ଗରାଜପୁର ଗ୍ରାମବାସୀ ଦାବି କରିଛନ୍ତି । ଅଭିଯୋଗ ସଂର୍ପକରେ ଖଣ୍ଡପଡ଼ା ବ୍ଲକ୍ ସହକାରୀ ନିର୍ବାହୀଯନ୍ତ୍ରୀ ସୁନିତା ଜେନାଙ୍କୁ ପଚାରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି ।

## ରଥଯାତ୍ରା ପୂର୍ବରୁ ପୁରୀ ପୁଲିସ ପକ୍ଷରୁ ଆଚରଣଗତ ପ୍ରଶିକ୍ଷଣ କର୍ମଶାଳା



**ପୁରୀ,୭।୬/ଏନ୍‌ଏନ୍‌ଏସ୍:** ବିଶ୍ୱପ୍ରସିଦ୍ଧ ରଥଯାତ୍ରା ୨୦୨୬କୁ ଦୃଷ୍ଟିରେ ରଖି ପୁରୀ ପୋଲିସ ପକ୍ଷରୁ ପୋଲିସ ଲାଇନ କନଫରେନ୍ସ ହଲ୍, ପୁରୀଠାରେ ଏକ ସ୍ୱତନ୍ତ୍ର ଆଚରଣଗତ ପ୍ରଶିକ୍ଷଣ କର୍ମଶାଳା ଆୟୋଜନ କରାଯାଇଥିଲା । ଏହି କର୍ମଶାଳାର ମୂଳ ଉଦ୍ଦେଶ୍ୟ ଥିଲା ରଥଯାତ୍ରା ଡ୍ୟୁଟିରେ ନିୟୋଜିତ ପୋଲିସ ଅଧିକାରୀ ଏବଂ କର୍ମଚାରୀ ମାନଙ୍କୁ ଜନସାଧାରଣ ଓ ଶ୍ରଦ୍ଧାଳୁ ମାନଙ୍କ ସହ ଅଧିକ ସୌହାର୍ଦ୍ଦ୍ୟପୂର୍ଣ୍ଣ, ସମ୍ବେଦନଶୀଳ ଏବଂ ସେବାଭାବପୂର୍ଣ୍ଣ ବ୍ୟବହାର କରିବା ସହିତ ବୃହତ୍ ଜନସମାଗମର ସୁଚାରୁ ପରିଚାଳନା ସମ୍ପର୍କରେ ପ୍ରଶିକ୍ଷିତ କରିବା । ଏହି କର୍ମଶାଳା ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ କମାଣ୍ଡାଣ୍ଟ ତପସ ରଞ୍ଜନ ଦାସ, ଅବସରପ୍ରାପ୍ତ ବରିଷ୍ଠ ପୋଲିସ ଅଧିକାରୀ ତଥା ପୂର୍ବତନ ଏସ୍.ପି. ଜ୍ଞାନରଞ୍ଜନ ମହାପାତ୍ର, ଏସ୍.ଏସ୍.ଏମ୍.ଏସ୍.ବି.ର ଡେପୁଟି କମାଣ୍ଡାଣ୍ଟ କୌଶିକ ନାୟକ, ଦୀପକ ଗଡ଼ନାୟକ, ମିସ ଅନାଖା କେ ବିଜୟଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ, ଏସ୍.ଏସ୍.ଏମ୍.ଏସ୍.ବି. ଅଧିକାରୀ ଏବଂ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ସହ ଜଡିତ ଅଧିକାରୀମାନେ ଉପସ୍ଥିତ ଥିଲେ । କର୍ମଶାଳାରେ ହାଇଟେକ୍ ମେଡିକାଲ୍ କଲେଜ ଓ ହସ୍ପିଟାଲ, ଭୁବନେଶ୍ୱରର ବିଶିଷ୍ଟ ବିଶେଷଜ୍ଞ ଡ଼ଃ ଅମିତ ପଟ୍ଟଯୋଶୀ ଏବଂ ଡ଼ଃ ଜ୍ୟୋତି ପ୍ରକାଶ ଆଚାର୍ଯ୍ୟ ରିସୋର୍ସ ପର୍ସନ୍ ଭାବେ ଯୋଗଦେଇଥିଲେ । ସେମାନେ ଜନଗହଳିର ମନସ୍ତତ୍ତ୍ୱ, ଚାପପୂର୍ଣ୍ଣ ପରିସ୍ଥିତିରେ ପୋଲିସର ଭୂମିକା, ଜନସାଧାରଣଙ୍କ ସହ ପ୍ରଭାବଶାଳୀ ଯୋଗାଯୋଗ, ସକାରାତ୍ମକ ବ୍ୟବହାର ଓ ମାନସିକ ସନ୍ତୁଳନ ବଜାୟ ରଖିବା ଭଳି ବିଷୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ବିଶେଷକରି ରଥଯାତ୍ରା ଭଳି ବୃହତ୍ ଧାର୍ମିକ ସମାବେଶରେ କିପରି ଧୈର୍ଯ୍ୟ, ସହନଶୀଳତା ଏବଂ ଭଲ ଆଚରଣ ମାଧ୍ୟମରେ ଜନଗହଳିକୁ ସଫଳତାର ସହ ପରିଚାଳନା କରାଯାଇପାରିବ ସେ ସମ୍ପର୍କରେ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ । ସଭାକୁ ସମ୍ବୋଧିତ କରି ପୁରୀ ଏସ୍‌ପି ଶ୍ରୀ ସିଂ କହିଥିଲେ ଯେ ରଥଯାତ୍ରା ସମୟରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ପୁରୀ ଆସିଥାନ୍ତି ଏବଂ ସେମାନଙ୍କ ସହ ପୋଲିସର ଆଚରଣ ହିଁ ପୁରୀ ପୋଲିସର ପ୍ରକୃତ ପରିଚୟ ବହନ କରିଥାଏ । ତେଣୁ ପ୍ରତ୍ୟେକ ପୋଲିସ କର୍ମଚାରୀଙ୍କୁ ଜନବନ୍ଧୁ ପୋଲିସିଂର ମନୋଭାବ ନେଇ କାର୍ଯ୍ୟ କରିବାକୁ ହେବ । ଶ୍ରଦ୍ଧାଳୁମାନଙ୍କ ସମସ୍ୟାକୁ ବୁଝିବା, ସେମାନଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରିବା ଏବଂ ସମ୍ମାନଜନକ ବ୍ୟବହାର ମାଧ୍ୟମରେ ପୁରୀ ପୋଲିସର ସକାରାତ୍ମକ ଭାବମୂର୍ତ୍ତିକୁ ଆହୁରି ସୁଦୃଢ଼ କରିବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ ।କର୍ମଶାଳାରେ ଜନଗହଳି ନିୟନ୍ତ୍ରଣ, ଜରୁରୀକାଳୀନ ପରିସ୍ଥିତିର ମୁକାବିଲା, ଭିଡ଼ ମଧ୍ୟରେ ହଜିଯାଇଥିବା ବ୍ୟକ୍ତିଙ୍କୁ ସହାୟତା, ବୃଦ୍ଧ, ମହିଳା ଓ ଦିବ୍ୟାଙ୍ଗ ଭକ୍ତଙ୍କ ପ୍ରତି ସମ୍ବେଦନଶୀଳ ବ୍ୟବହାର ଏବଂ ଦର୍ଶନ ବ୍ୟବସ୍ଥାକୁ ସୁଚାରୁ ରଖିବା ସମ୍ପର୍କରେ ବିଭିନ୍ନ ବ୍ୟବହାରିକ ପରାମର୍ଶ ପ୍ରଦାନ କରାଯାଇଥିଲା । ଅବସରପ୍ରାପ୍ତ ପୋଲିସ ଅଧିକାରୀ ଜ୍ଞାନରଞ୍ଜନ ମହାପାତ୍ର ନିଜ ଦୀର୍ଘ ପ୍ରଶାସନିକ ଅନୁଭୂତି ଆଧାରରେ ରଥଯାତ୍ରା ଭଳି ବିଶାଳ ଧାର୍ମିକ ଉତ୍ସବରେ ଜନସାଧାରଣଙ୍କ ସହ ଉତ୍ତମ ବ୍ୟବହାରର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ଭଲ ଆଚରଣ ଓ ମାନବିକ ଦୃଷ୍ଟିଭଙ୍ଗୀ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ବିଶ୍ୱାସ ଓ ସମ୍ପର୍କକୁ ଆହୁରି ଦୃଢ଼ କରିଥାଏ । ଏହି କର୍ମଶାଳାରେ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀ ରଥଯାତ୍ରା ସମୟରେ ଉତ୍ତମ ଆଚରଣ, ଦକ୍ଷ ଜନଗହଳି ପରିଚାଳନା ଏବଂ ଭକ୍ତମାନଙ୍କୁ ଉନ୍ନତ ସେବା ପ୍ରଦାନ ପାଇଁ ସଂକଳ୍ପବଦ୍ଧ ହୋଇଥିଲେ । ପୁରୀ ପୋଲିସ ଆସନ୍ତା ରଥଯାତ୍ରା ୨୦୨୬କୁ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ, ସୁଶୃଙ୍ଖଳ ଏବଂ ଭକ୍ତମାନଙ୍କ ପାଇଁ ସ୍ମରଣୀୟ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ରହିଛି ବୋଲି କହିଥିଲେ ।

## ରାଷ୍ଟ୍ରପତିଙ୍କୁ ଭେଟିଲେ ଶ୍ରୀମନ୍ଦିର ସେବାୟତ ଓ ପରିଚାଳନା କମିଟି ସଦସ୍ୟ



**ପୁରୀ,୭।୬/ଏନ୍‌ଏନ୍‌ଏସ୍:** ଶ୍ରୀଜଗନ୍ନାଥ ମନ୍ଦିରର ବିଭିନ୍ନ ସେବାୟତ, ପଦାଧିକାରୀ ଏବଂ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀଙ୍କ ସମେତ ନିମନ୍ତ୍ରିତ ପୁଷ୍ପାଳକମାନେ ମହାମହିମ ରାଷ୍ଟ୍ରପତିଙ୍କୁ ସୌଜନ୍ୟମୂଳକ ଭେଟ କରିଛନ୍ତି । ଏହି ଅବସରରେ ପୁରୀରୁ ନେଇଯାଇଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ରାଷ୍ଟ୍ରପତିଙ୍କୁ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା । ରାଷ୍ଟ୍ରପତିଙ୍କ ସ୍ନେହ, ଆନ୍ତରିକତା ଏବଂ ଆତିଥ୍ୟରେ ସେବାୟତମାନେ ଭାବବିହ୍ୱଳ ହୋଇପଡ଼ିଥିବା ବେଳେ, ତାଙ୍କ ସହ ଭେଟ ସମୟର ଅନୁଭୂତିକୁ ସ୍ମରଣ କରି କେତେକ ସେବକଙ୍କ ଆଖିରେ ଲୁହ ଆସିଯାଇଥିଲା ବୋଲି ସେମାନେ କହିଥିଲେ । ସୂଚନା ଅନୁଯାୟୀ, ମହାମହିମ ପୂର୍ବରୁ ଶ୍ରୀମନ୍ଦିର ଗସ୍ତ ସମୟରେ ସେବାୟତମାନଙ୍କୁ ନିମନ୍ତ୍ରଣ କରିଥିଲେ । ସେହି ନିମନ୍ତ୍ରଣ କ୍ରମେ ଏହି ସୌଜନ୍ୟମୂଳକ ସାକ୍ଷାତକାର ଅନୁଷ୍ଠିତ ହୋଇଥିଲା । ଭେଟ ସମୟରେ ଶ୍ରୀମନ୍ଦିରର ବିଭିନ୍ନ ପାରମ୍ପରିକ ନୀତିକାନ୍ତି, ରଥଯାତ୍ରା ସମ୍ପର୍କିତ ପ୍ରସଙ୍ଗ, ଏବଂ ଓଡ଼ିଶା ଓ ପୁରୀ ସହରର ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି । ଏହି ସାକ୍ଷାତକାରକୁ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଶ୍ରୀମନ୍ଦିର ପରମ୍ପରା ପ୍ରତି ରାଷ୍ଟ୍ରପତିଙ୍କ ଆନ୍ତରିକ ଆଗ୍ରହର ଏକ ଉଦାହରଣ ବୋଲି ସେବାୟତମାନେ ମତ ପ୍ରକାଶ କରିଥିଲେ ।

## ଅଣ୍ଡିଆ ମୌଜାର ୮ଟି ଖାତା ସରକାରୀ ଖାତାକୁ ଯିବା ବିରୁଦ୍ଧରେ ବିକ୍ଷୋଭ



**ନିମାପଡ଼ା,୭।୬/ଏନ୍‌ଏନ୍‌ଏସ୍:** ନିମାପଡ଼ା ତହସିଲ ଅଧିନ ଅଣ୍ଡିଆ ମୌଜାର ୮ଟି ଖାତା ସରକାରୀ ଖାତାକୁ ଚାଲିଯିବା ହେତୁ ଶତାଧିକ ଲୋକ ଶୁକ୍ରବାର ନିମାପଡ଼ା ଚକବନ୍ଦୀ କାର୍ଯ୍ୟାଳୟ ଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସରକାରୀ ଖାତାକୁ ଚାଲି ଯାଇଥିବା ଖାତା ଗୁଡ଼ିକ ହେଲା ୫୦୭, ୫୦୮, ୫୩୬, ୭୬, ୬୩୫, ୪୦, ୬୭ ଓ ୫୦୬ । ଉପରୋକ୍ତ ଖାତାରେ ଥିବା ଶହେ ଏକର ପ୍ଲଟ୍‌ରେ ପ୍ରାୟତଃ ଏକ ହଜାର ଲୋକ ସ୍ଥାୟୀ ଭାବରେ ଘରଦ୍ୱାର କରି ବସବାସ କରୁଛନ୍ତି । ଦୀର୍ଘ ୪୦ ବର୍ଷ ହେବ ଲୋକମାନେ ଉକ୍ତ ଖାତାର ପ୍ଲଟ୍ ଗୁଡ଼ିକୁ ରେଜିଷ୍ଟ୍ରି କରି ମ୍ୟୁଟେସନ୍ ସାଙ୍ଗକୁ ଘରବାରୀ କରିବା ସହିତ ଅନେକ ଲୋକ ପାର୍ଚ୍ଚା ମଧ୍ୟ ପାଇ ସାରିଛନ୍ତି । ୧୯୨୭-୨୮ ମସିହାରେ ଉକ୍ତ ମୌଜାର ଫାଇନାଲ ସେଟେଲ୍‌ମେଣ୍ଟ୍ କରାଯାଇ ପଟ୍ଟା ବଂଟନ କରାଯାଇଥିଲା । ତତ୍‌ପରେ ୧୯୬୨ ମସିହାରେ ଚକବନ୍ଦୀରେ ଲୋକମାନଙ୍କ ନାମରେ ରେକର୍ଡ଼ ପ୍ରସ୍ତୁତ କରାଯାଇଥିଲା । ହଠାତ୍ ୨୦୧୧ ମସିହାରେ ସ୍ଥାନୀୟ ତହସିଲଦାର ଉକ୍ତ ଖାତା ଗୁଡ଼ିକୁ ସରକାରୀ ଖାତାକୁ ନେବା ପାଇଁ ସୁପାରିଶ କରି ଦେଇଥିଲେ । ତେବେ ଠାରୁ ସ୍ଥାନୀୟ ବାସିନ୍ଦାଙ୍କ ଚିନ୍ତା ବଢ଼ିଯାଇଛି । ହଜାର ସଂଖ୍ୟାରେ ଲୋକ ଏବେ ଭିଟାମାଟି ପାଇଁ ଲଢ଼େଇ ଜାରି ରଖିଛନ୍ତି । ସ୍ଥାନୀୟ ଚକବନ୍ଦୀ କାର୍ଯ୍ୟାଳୟ ଲୋକ ମାନଙ୍କୁ ସାର୍ଟିଫାଏ ନକଲ ମଧ୍ୟ ପ୍ରଦାନ କରୁ ନାହିଁ । ଯାହା ବିରୁଦ୍ଧରେ ସମସ୍ତ ଲୋକ କାର୍ଯ୍ୟାଳୟ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ ସହିତ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ରାଜସ୍ୱ ସଚିବ, ପୁରୀ ଜିଲ୍ଲାପାଳଙ୍କୁ ପତ୍ର ଯୋଗେ ଗୁହାରି କରିଛନ୍ତି । ସେମାନଙ୍କର ଜମିକୁ ସ୍ଥାୟିତ୍ୱ କରିବା ସହିତ ପଟ୍ଟା ପ୍ରଦାନ ପାଇଁ ଦାବି କରିଛନ୍ତି ।

## ଚଢ଼ଉ ସତ୍ତ୍ୱେ ବେଧଡ଼କ ଚାଲିଛି ଚୋରା ବାଲି ଚାଲାଣ

**କଣ୍ଟିଲୋ,୭।୬/ଏନ୍‌ଏନ୍‌ଏସ୍:** ଚୋରା ବାଲି ଚାଲାଣ ରୋକିବା ପାଇଁ ନୟାଗଡ଼ ଜିଲ୍ଲାପାଳ ଓ ଏସପି ଉଭୟ ମିଳିତ ଅଚାନକ ଚଢ଼ାଉ କରି ବେନିୟମ ଓ ବିନା ଡକ୍ୟୁମେଣ୍ଟସରେ ଚୋରା ବାଲି ଚାଲାଣ କରୁଥିବା ହାଇଓ୍ୱା, ଟ୍ରାକ୍ଟର, ବାଲି ଉତ୍ତୋଳନ କରୁଥିବା ପ୍ରୋକ୍ଲେନ ମେସିନ ଓ ମୋଟର ସାଇକେଲ ପ୍ରଭୃତି ଜବତ କରିବାର୍ ମାତ୍ର ଅଳ୍ପ କେଇଟା ଦିନ ମଧ୍ୟରେ ପୁଣି ବେଧଡକ ଭାବେ ଚୋରା ବାଲି ଚାଲାଣ ଦିନ ରାତି ୨୪ ଘଣ୍ଟା ଚାଲିଛି । ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି । ସୂଚନାରୁ ପ୍ରକାଶ ଯେ, ନୟାଗଡ଼ ଜିଲ୍ଲାର ଗଣିଆ, ଖଣ୍ଡପଡ଼ା ଓ ଭାପୁର ବ୍ଲକର ବିଭିନ୍ନ ଗ୍ରାମ ଦେଇ ବହି ଯାଉଥିବା ମହାନଦୀ ଘାଟରୁ ଯଥା ପୂର୍ଣ୍ଣଚନ୍ଦ୍ରପୁର୍, ସିଧାମୂଳା, ପଥର ଚକଡ଼ା, ମାଧପୁର ପ୍ରଭୃତି ବାଲି ଘାଟରୁ ଚୋରାରେ ବାଲି ନେଉ ଥିବା ବେଳେ ଗତ ମେ ମାସ ୧୩ ତାରିଖ ରାତ୍ର ମାନନୀୟା ନୟାଗଡ଼ ଜିଲ୍ଲାପାଳ ମଧୁ ମିତା ରଥ ଓ ଆରକ୍ଷୀ ଅଧିକ୍ଷକ ଏସ ସୁଶ୍ରୀ ଉଭୟ ମିଳିତ ଚଢ଼ାଉ କରି ୪ଟି ହାଇଓ୍ୱା, ୨ଟି ଟ୍ରାକ୍ଟର, ୫ଟି ବାଲି ଉତ୍ତୋଳନ୍ କରୁଥିବା ପ୍ରୋକ୍ଲେନ ମେସିନ, ୩ଟି ମୋଟର ସାଇକେଲ ଜବତ କରିବା ସହିତ ୧୪ଜଣଙ୍କୁ ଫତେଗଡ଼ ଥାନାରେ ଅଟକ ରଖି ପଚରାଉଚରା କରାଯାଇଥିଲା । ହେଲେ, ସେହି ଭୟ ଓ ଆଶଙ୍କା ମନରୁ ଲିଭି ନଥିବା ବେଳେ, ବାଲି ମାଫିଆ ମାନେ କୌଣସି ନୀତିନିୟମ, କଟକଣା, ଆଇନ କାନୁନ୍ କୁ ଭ୍ରୁକ୍ଷେପ ନକରି ନିର୍ଭୟରେ, ଅବାଧରେ, ନିଧୋକରେ ଦିନ ରାତି ୨୪ ଘଣ୍ଟା ପୁଣି ଚୋରା ବାଲି ଚାଲାଣ କରୁଥିବା ଅଭିଯୋଗ ହେଉଛି ଓ ତା'ର ଜ୍ୱଳନ୍ତ ପ୍ରମାଣ ମଧ୍ୟ ମିଳିଛି । ହାଇଓ୍ୱା ଓ ଅନ୍ୟ ଟ୍ରକ୍‌ମାନଙ୍କରେ ଚାଲାଣ ହେଉଥିବା ବାଲୀ ପାଇଁ ମାନନିୟା ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ସମୟ ଅନୁସାରେ ନ ନେଇ, ୨୪ଘଣ୍ଟା ଅନବରତ ବଜାର ଘାଟ, ଜନଗହଳି ପୂର୍ଣ୍ଣ ସ୍ଥାନ, ସ୍କୁଲ କଲେଜ୍, ମେଡିକାଲ ପ୍ରଭୃତି ସ୍ଥାନମାନଙ୍କରେ ଡ୍ରାଇଭରମାନଙ୍କ ବେପରୁଆ ଗାଡ଼ି ଚାଳନା ପାଇଁ ଜନ ଅସନ୍ତୋଷ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି । ଯଥାଶୀଘ୍ର ଜିଲ୍ଲା ପ୍ରଶାସନ ଚୋରା ବାଲି ଚାଲାଣ କରୁଥିବା ବାଲିମାଫିଆମାନଙ୍କ ବିରୁଦ୍ଧରେ ଦୃଢ଼ ପଦକ୍ଷେପ ନେବା ସହିତ ସକାଳ ୬ରୁ ରାତ୍ର ୯ଘଣ୍ଟା ପର୍ଯ୍ୟନ୍ତ ବାଲି ଗାଡି ଚଳାଚଳ ନ କରିବା ପାଇଁ କଟକଣା ଜାରି କରିବା ପାଇଁ କଣ୍ଟିଲୋ ଅଞ୍ଚଳର ହଜାର ହଜାର ସାଧାରଣ ଜନତା ଓ ବୁଦ୍ଧିଜୀବୀ ନୟାଗଡ଼ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

### ଦେବୋତ୍ତର ବିଭାଗର ବହୁ ଜମି ଜବରଦଖଲକାରୀଙ୍କ କବ୍‌ଜାରେ

## ପ୍ରଶାସନ ପକ୍ଷରୁ ଧବଳେଶ୍ୱର ମହାପ୍ରଭୁଙ୍କ ଜବରଦଖଲ ଜମି ଉଚ୍ଛେଦ



**ଆଠଗଡ଼,୭।୬/ଏନ୍‌ଏନ୍‌ଏସ୍:** ଆଠଗଡ ଦେବୋତ୍ତର ବିଭାଗ ଅଧୀନରେ ଥିବା ଠାକୁର ଠାକୁରାଣୀଙ୍କ ଜମିବାଡ଼ି ଜବରଦଖଲଙ୍କ କବଳରେ ରହିଛି । ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ବିଭାଗରେ ଥିବା କିଛି ଅସାଧୁ କର୍ମଚାରୀଙ୍କ ସହିତ ମିଶି ଦେବୋତ୍ତର ବିଭାଗୀୟ ଜମି ବାଡିକୁ ଜବରଦଖଲ କରିରଖିଛନ୍ତି । ଏହି ଜବରଦଖଲକାରୀ ଅଥବା ପୁଞ୍ଜିପତିମାନେ ଠାକୁରଙ୍କ ଜମିକୁ ଜବରଦଖଲ କରିବା ସହିତ ଅଟ୍ଟାଳିକା ନିର୍ମାଣ କରିଥିବା ଅଭିଯୋଗ ହୋଇଛି । ଏହି କ୍ରମରେ ବ୍ଲକର ମଞ୍ଚେଶ୍ୱର ପଞ୍ଚାୟତ ବାବା ଧବଳେଶ୍ୱରଙ୍କ ଜାଗାକୁ ମଧ୍ୟ କିଛି ମୁଷ୍ଟିମେୟ ଲୋକ ଜବରଦଖଲ କରିଥିଲେ । ଆଉ ଏହି ଖବର ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ପରେ ଆଜି ଉଚ୍ଛେଦ କାର୍ଯ୍ୟ କରାଯାଇଛି । ଧବଳେଶ୍ୱରଙ୍କ ଜମି ଗତ କିଛି ଦିନ ତଳେ ସ୍ଥାନୀୟ ଅଞ୍ଚଳର କିଛି ଲୋକ ଓ ବିଲଡରଙ୍କ ଦ୍ୱାରା ଜବରଦଖଲ କରିଥିଲେ । ଅଭିଯୋଗ ପରେ ଆଠଗଡ଼ ପ୍ରଶାସନ ପକ୍ଷରୁ ଆଜି ଜବରଦଖଲ ଉଚ୍ଛେଦ କରାଯାଇଥିବା ଜଣାପଡିଛି । ରାଜ୍ୟର ପ୍ରସିଦ୍ଧ ଶୈବପୀଠ ତଥା ଆଠଗଡ଼ର ଆରାଧ୍ୟ ଶ୍ରୀ ଶ୍ରୀ ଧବଳେଶ୍ୱରଙ୍କ ଅନେକ ଭୂସଂପତ୍ତି ଦୀର୍ଘ ଦିନ ଧରି ଜବରଦଖଲକାରୀଙ୍କ କବ୍‌ଜାରେ ରହିଥିବା ଅଭିଯୋଗ ହୋଇଆସୁଛି । ମଞ୍ଚେଶ୍ୱର ଗ୍ରାମ ପଞ୍ଚାୟତ ଅଧିନସ୍ଥ ପାଇକେରାପୁରରେ ପ୍ରାୟ ୯ଏକରରୁ ଉର୍ଦ୍ଧ୍ୱ ଜମି କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଓ ବିଲଡର ସଂସ୍ଥା ଦ୍ୱାରା ଜବରଦଖଲ କରି ରଖିଥିଲେ । ଲୋକଙ୍କ ଅଭିଯୋଗ ପରେ ଏ ସଂପର୍କରେ ଦେବୋତ୍ତର ବିଭାଗ ପକ୍ଷରୁ ଆଠଗଡ଼ ଉପ ଜିଲ୍ଲାପାଳଙ୍କ ଅଦାଲତରେ ଏକ ମାମଲା ବିଚାରାଧୀନ ରହିଥିଲା । ଉକ୍ତ ମାମଲାର ବିଚାରକରି ଦେବୋତ୍ତର ଜମି ଉପରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ଆଦେଶ ଦେଇଥିଲେ । ଆଦେଶ ଅନୁଯାୟୀ ଆଠଗଡ଼ ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ସୌମେନ୍ଦ୍ର କୁମାର ଭଟ୍ଟ, ରାଜସ୍ୱ ନିରୀକ୍ଷକ ସତ୍ୟବ୍ରତ ସାହୁଙ୍କ ସମେତ ସୁରକ୍ଷା ପାଇଁ ଚୌଦ୍ୱାର ଆରକ୍ଷୀ ଅଧିକ୍ଷକ ଉମାକାନ୍ତ ନାୟକ ଓ ଗୁରୁଡିଝଟିଆ ଥାନା ଅଧିକାରୀ ଶୁଭେନ୍ଦୁ କୁମାର ମିଶ୍ର ଏକ ପ୍ଲାଟୁନ ସଶସ୍ତ୍ର ପୋଲିସ ବାହିନୀଙ୍କ ଉପସ୍ଥିତିରେ ଜମି ଉପରେ ନିର୍ମିତ ହୋଇଥିବା ବେଆଇନ ରାସ୍ତା ଓ ମାଙ୍କଡା ପଥର ସବୁ ଉଠାଯାଇ ଜବରଦଖଲ ମୁକ୍ତ କରାଯାଇଥିଲା । ଆଉ ଆଠଗଡରେ ଅନେକ ଦେବୋତ୍ତର ଜମିକୁ ଜବରଦଖଲ କରିଥିବା ଜମିବାଡ଼ିକୁ ତୁରନ୍ତ ଉଚ୍ଛେଦ କରିବା ଦେବୋତ୍ତର ବିଭାଗୀୟ ଅଧିକାରୀଙ୍କ ସହିତ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି ଉଚ୍ଛେଦ ପାଇଁ ଜନଜାଗରଣ ମଞ୍ଚ ଦାବି କରିଛି ।

## ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ



**ଅସ୍ତରଙ୍ଗ,୭।୬/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ଗୌରବ ଅର୍ଜନ କରିଥିବାରୁ ଉକ୍ତ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟ କ୍ରମ ମହାସମାରୋହରେ ଆୟୋଜନ ହୋଇଯାଇଛି । ଆଭାସୀ କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କାକଟପୁର ବ୍ଲକ୍‌ର ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଉକ୍ତ ଗୌରବମୟ ସମାରୋହରେ କାକଟପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକ, ବରିଷ୍ଠ ଜନନେତା ବାଇଧର ମଲ୍ଲିକ, ସରପଞ୍ଚ ଅଭୟ କୁମାର ସେଠି, ସାଂସଦଙ୍କ ପ୍ରତିନିଧି କୈଳାଶ ଚନ୍ଦ୍ର ନାୟକ, ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ, ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ଅଧିକାରୀ ବରୋଦା ପ୍ରସନ୍ନ ରାଉତ, ସମାଜସେବୀ କାଳନ୍ଦି ଦୀକ୍ଷିତ, ଆଲୁମ୍ନି କମିଟିର ଅଧ୍ୟକ୍ଷ ପୀତବାସ ଦିକ୍ଷିତ, ପରିଚାଳନା କମିଟିର ଉପାଧ୍ୟକ୍ଷ ସୁରେନ୍ଦ୍ର ନାଥ ମାଣିକ, ନୋଡାଲ ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ରଥ ସହ ବ୍ଲକ ଶିକ୍ଷାଧିକାରୀ ବ୍ରହ୍ମାନନ୍ଦ କାଣ୍ଡି, ମଲ୍ଲିକ ଜାକିର ହୋସେନ ଖାନ ପ୍ରମୁଖ ଉପସ୍ଥିତ ଥିଲେ । କାକଟପୁର ବ୍ଲକ୍‌ର ବିଭିନ୍ନ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ, ଶିକ୍ଷକ ଓ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକଙ୍କ ସମେତ ପ୍ରାୟ ଶତାଧିକ ଛାତ୍ରଛାତ୍ରୀଙ୍କ ସମାବେଶରେ କାର୍ଯ୍ୟକ୍ରମ ବେଶ ଉପଭୋଗ୍ୟ ହୋଇଥିଲା । ମାଧ୍ୟମିକ ଶିକ୍ଷାପରିଷଦ ଦ୍ୱାରା ପରିଚାଳିତ ଚଳିତ ବାର୍ଷିକ ହାଇସ୍କୁଲ ପରୀକ୍ଷାର ଏ-୧ରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାଳୟର ରୁଦ୍ରନାରାୟଣ ବିଶ୍ୱାଳ ଓ ସୂର୍ଯ୍ୟନାରାୟଣ ଲେଙ୍କା ବିଦ୍ୟାଳୟ ତରଫରୁ ଅତିଥି ମାନଙ୍କ ସହିତ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ସହ ଭାଗ୍ୟ ହୋଇଥିଲେ । ମଞ୍ଚ ପରିଚାଳନା କରିଥିଲେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରତାପ କୁମାର ରାଉତ । କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସରୋଜନି ହାଁସଦା, ଗୀତାଞ୍ଜଳି ବେହେରା, କାବେରୀ ସେଠି, ସ୍ୱପ୍ନାମୟୀ ମହାପାତ୍ର, ସ୍ୱର୍ଣ୍ଣଲତା ପାଣି, ବେବିନା ବିଶ୍ୱାଳ, ଜ୍ୟୋସ୍ନାରାଣୀ ପାଲ, ସାଗରିକା ମଲ, ପ୍ରିୟଦର୍ଶିନୀ ସ୍ୱାଇଁ, ପ୍ରଗତି ପୁଷ୍ଟି, ବିଜୟଲକ୍ଷ୍ମୀ ପରିଡା, ଜୟଶ୍ରୀ ନାୟକ, ପ୍ରମିଳା ବିଶ୍ୱାଳ, ନିରୋଜିନୀ ସାହୁ, ରଶ୍ମିତା ସେଠି, ଶିକ୍ଷକ ସତ୍ୟନାରାୟଣ ସେଠି, ମହମଦ ସମର ଦିନ ସନତ ପ୍ରଧାନ, ରଞ୍ଜନ କୁମାର ଦାଶ, ହେମନ୍ତ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିବା ବେଳେ ଦମୟନ୍ତୀ ପଟ୍ଟ ନାୟକ, ଚିତ୍ତରଞ୍ଜନ ମିଶ୍ର, ରୁକ୍‌ସାନା ବେଗମ, ସରୋଜିନୀ ରାଉତ ପ୍ରମୁଖ ପରିଚାଳନା କରିଥିଲେ ।

## ପ୍ରଥମ ପୃଷ୍ଠାରୁ

### ପିଲା ପାଇବେ ଗୁଣାତ୍ମକ ...

ସମସ୍ୟାର ସମାଧାନ କରିପାରିବେ ଏବଂ ସୃଜନଶୀଳ ହେବେ ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଶିକ୍ଷା କ୍ଷେତ୍ରରେ ସର୍ବାଙ୍ଗୀନ ବିକାଶ ଆମର ସର୍ବୋଚ୍ଚ ପ୍ରାଥମିକତା। ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ, ପି.ଏମ୍ ଶ୍ରୀ, ଶିଶୁ ବାଟିକା, ଐତିହ୍ୟ ବିଦ୍ୟାଳୟ ଯୋଜନା, ଜନଜାତି ଛାତ୍ରଛାତ୍ରୀଙ୍କ ଡ୍ରପ୍-ଆଉଟ୍ ହାର ରୋକିବା ପାଇଁ ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ମଧ୍ୟାହ୍ନ ଭୋଜନ ଆଦି ଅନେକ ଯୋଜନା ଓ କାର୍ଯ୍ୟକ୍ରମ ଆଜି ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିଛି। ରାଜ୍ୟର ଶିକ୍ଷକ ଅଭାବ ସମସ୍ୟାକୁ ଗମ୍ଭୀରତାର ସହ ନେଇ ବିଗତ ୨ ବର୍ଷ ମଧ୍ୟରେ ୨୬,୬୧୫ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଆଗାମୀ ୩ ବର୍ଷ ମଧ୍ୟରେ ୪୫,୦୦୦ ଶିକ୍ଷକଙ୍କ ନିଯୁକ୍ତି ପାଇଁ ଆମେ ପଦକ୍ଷେପ ନେଉଛୁ। ଚାଇଲ୍ଡ ଟ୍ରାକିଂ ସର୍ଭେ ଓ 'ଆସ ସ୍କୁଲ୍ ଯିବା' ଅଭିଯାନ ମାଧ୍ୟମରେ ବିଦ୍ୟାଳୟ ବାହାରେ ଥିବା ଛାତ୍ରଛାତ୍ରୀଙ୍କୁ ସ୍କୁଲକୁ ପୁଣି ଫେରାଇ ଅଣାଯାଇପାରୁଛି। ଆମର ଏହିସବୁ କାର୍ଯ୍ୟକ୍ରମ ରାଜ୍ୟରେ କେବଳ ଶିକ୍ଷାର ଭିତ୍ତିଭୂମିକୁ ସଦୃଢ଼ କରିବ ନାହିଁ, ବରଂ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ ପାଇଁ ମାର୍ଗ ପ୍ରଶସ୍ତ କରୁଛି ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଭାସୀ ଜରିଆରେ ମୟୂରଭଞ୍ଜ ଜିଲ୍ଲା ଦେଉଳୀ ସ୍କୁଲର ଛାତ୍ରୀ ଅଭିଲିପ୍ସା ସିଂ, କୋରାପୁଟ ଜିଲ୍ଲା ମାଛକୁଣ୍ଡ ସରକାରୀ ଉଚ୍ଚ ବିଦ୍ୟାଳୟର ବିଦ୍ୟାର୍ଥୀ ସତ୍ୟପ୍ରକାଶ ଭୂୟାଁ ଓ ରାଧିକା, ବାଲେଶ୍ୱର ଜିଲ୍ଲା ଗେଙ୍ଗୁଟି ପ୍ରାଥମିକ ବିଦ୍ୟାଳୟର ଛାତ୍ର ଆୟୁଷ କୁମାର ଘଡା ଏବଂ ନୂଆପଡା ଜିଲ୍ଲାର ଶିକ୍ଷୟିତ୍ରୀ ପ୍ରମିଳା କୁଣ୍ଡୁଙ୍କ ସହିତ ସେମାନଙ୍କର ପାଠପଢ଼ା ଓ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଲେ ଯେ, ଯେଉଁ ଜାତି ତା'ର ଶିକ୍ଷା ବ୍ୟବସ୍ଥାକୁ ଯେତେ ବିକଶିତ କରିଛି, ସେ ଜାତି ଆଗକୁ ବଢିଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଐତିହାସିକ ଯୋଜନା ଆଗାମୀ ଦିନରେ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣି ରାଜ୍ୟକୁ ସମୃଦ୍ଧି ପଥରେ ଆଗେଇ ନେବ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ପିଲାମାନେ ଭଲ ଶିକ୍ଷା ଗ୍ରହଣ କଲେ, ସେମାନେ ନିଜର ଭବିଷ୍ୟତ ଗଠନ କରିବା ସହ ଦେଶ ଓ ରାଜ୍ୟର ପ୍ରଗତିରେ ଯୋଗଦାନ ଦେବେ। ଏହାକୁ ଦୃଷ୍ଟିରେ ରଖି ଆମ ସରକାର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ରାଜ୍ୟର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ବିକାଶ ଦିଗରେ ପୂର୍ବରୁ କୌଣସି ସରକାର ଆନ୍ତରିକତାର ସହ କାମ କରୁନଥିଲେ। ଗୋଦାବରୀଶ ମିଶ୍ରଙ୍କ ନାମରେ ଏହି ଯେଉଁ ଅଭିନବ ଯୋଜନା ଆରମ୍ଭ ହୋଇଛି, ଆଗାମୀ ଦିନରେ ଏହା ମାଧ୍ୟମରେ ଓଡିଶାର ଶିକ୍ଷା ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆସିବ। ରାଜ୍ୟର ଶିକ୍ଷା ବ୍ୟବସ୍ଥାର ଉନ୍ନତି ପାଇଁ ୨ ବର୍ଷ ମଧ୍ୟରେ ୨୬,୦୦୦ ସ୍କୁଲକୁ ରାଜସ୍ୱ ବିଭାଗ ପକ୍ଷରୁ ପଟ୍ଟା ପ୍ରଦାନ କରାଯାଇଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବ, ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନ ସିଂଙ୍କ ସମେତ ଖୋର୍ଦ୍ଧା ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଡକ୍ଟର ଏନ୍. ତିରୁମାଲା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଧନ୍ୟବାଦ ଦେଇଥିଲେ।

### ଟ୍ରକ୍ ଧକ୍କାରେ ...

ବାଲେଶ୍ୱର-ଭୁବନେଶ୍ୱର ରାଜପଥ କିଛି ସମୟ ବନ୍ଦ ରହିଥିଲା। ସୋର ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ସୋର ଡାକ୍ତରଖାନା ପଠାଇବା ସହ ଟ୍ରକ୍‌କୁ ଜବତ କରିଛି।

### ବନ୍ଧା ହେଲେ କୁବେର ...

ଅଧିକ ନଗଦ ଟଙ୍କା ଓ ୫୦୦ ଗ୍ରାମର ସୁନା ଜବତ କରାଯାଇଛି। ସେହିପରି ସେ ବ୍ୟାଙ୍କରେ ୪୫ ଲକ୍ଷ ଟଙ୍କା ଜମା ରଖିଛନ୍ତି। ତା' ସହିତ ଅନ୍ୟାନ୍ୟ ସମ୍ପତ୍ତି ଠାବ କରାଯାଇଛି। ତାଙ୍କର ୫ଟି କୋଠା ମଧ୍ୟରୁ ୪ଟି ଭୁବନେଶ୍ୱରରେ ରହିଛି। ସେ ରହୁଥିବା ଘରର ଇଣ୍ଟେରିଅର ଦେଖିଲେ ଯେ କେହି ବି ଚକିତ ହୋଇଯିବେ। ତେବେ ସେ କିଭଳି ଏତେ ସମ୍ପତ୍ତି ଠୁଳ କଲେ, ତା'ର କୌଣସି ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ତାଙ୍କୁ ଭିଜିଲାନ୍ସ ଗିରଫ କରିଛି। ଅନ୍ୟପକ୍ଷରେ ବୈକୁଣ୍ଠ ନାଥ ବେହେରାଙ୍କ ପତ୍ନୀଙ୍କ ନାମରେ ଥିବା ଏକ ଲକରକୁ ଏଯାଏ ଖୋଲାଯାଇନଥିବା ଭିଜିଲାନ୍ସ କହିଛି।

### ଓଡ଼ିଶା ଆଡ଼କୁ ଅଗ୍ରସର ...

ଜିଲ୍ଲାକୁ ଉଷ୍ମ ଓ ଆର୍ଦ୍ର ସ୍ଥିତି ପାଇଁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ସେପଟେ ଏହି ଅସହ୍ୟ ତାତି ଓ ଗୁଳୁଗୁଳିରୁ କାଳବୈଶାଖୀ ସାମାନ୍ୟ ମୁକ୍ତି ଦେଉଥିବା ବେଳେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦେଓଗଡ, ସମ୍ବଲପୁର, ସୋନପୁର, ବରଗଡ଼ ଓ ଝାରସୁଗୁଡ଼ାକୁ ବାଦ୍ ଦେଇ ୨୫ ଜିଲ୍ଲା ପାଇଁ ଚେତାବନୀ ଜାରି ହୋଇଛି। ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁରରେ ବଜ୍ରପାତ ସହ ବର୍ଷା ଓ ୫୦ରୁ ୬୦ କିମି ଝଟକା ପବନ ବହିବାର ସମ୍ଭାବନାକୁ ନେଇ ଅରେଞ୍ଜ ଆଲର୍ଟ ଜାରି କରିଛି ବିଭାଗ। ଅବଶିଷ୍ଟ ୧୭ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ଓ ୪୦ରୁ ୫୦ କିମି ଝଟକା ପବନର ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ଆସନ୍ତାକାଲି ଦେଓଗଡ଼, ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡ଼ାକୁ ବାଦ ଦେଇ ୨୬ ଜିଲ୍ଲା ପାଇଁ ସତର୍କତା ରହିଛି। ୧୩ ତାରିଖ ଯାଏଁ କାଳବୈଶାଖୀ ବର୍ଷା ପାଇଁ ପାଣିପାଗ ବିଭାଗ ସତର୍କତା ଜାରି କରିଛି।

### ମାଗଣା ୟୁପିଏସ୍‌ସି ...

ପାଇଛି। ଆବେଦନକାରୀମାନେ ଆପ୍ଲିକେସନ ଫି' ବାବଦରେ ୧୦୦ଟଙ୍କା ଡିପୋଜିଟ୍ କରିବେ। ତେବେ ୟୁପିଏସ୍‌ସି ସିଲାବସ୍ ଅନୁଯାୟୀ ମନୋନୀତ ଛାତ୍ରଛାତ୍ରୀଙ୍କୁ ୧୧ମାସ ମାଗଣାରେ କୋଚିଂ ଦିଆଯିବ। ପାଠପଢ଼ା ସହିତ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଖାଇବା ସହ ଅନ୍ୟ ସୁବିଧା ରାଜ୍ୟ ସରକାର ଯୋଗାଇବେ।

### ୨ ବାଘ ଛାଲ ଜବତ ...

ଶନିବାର ଦିନ ପ୍ରାୟ ୧.୧୦ ସମୟରେ ଜରଡା ପୁଲିସ୍ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଉପର ବୁରାତାଲ ଅଞ୍ଚଳକୁ ସନ୍ଧାନରେ ବାହାରିଥିଲା। ପୁଲିସ୍‌କୁ ଦେଖି ଦୁଇ ଜଣ ବ୍ୟକ୍ତି ପାହାଡ଼ ଅଞ୍ଚଳରେ ଥିବା ଜଙ୍ଗଲ ଆଡକୁ ଦୌଡ଼ିଥିଲେ। ପୁଲିସ ଟିମ୍ ଗୋଡ଼ାଇ ଗୋଡ଼ାଇ ଦୁଇ ଜଣଙ୍କୁ ଧରିଥିଲା। ଅନ୍ୟପକ୍ଷରେ ଅଭିଯୁକ୍ତମାନେ ଖଣ୍ଡା ବାହାର କରି ପୁଲିସ କର୍ମଚାରୀଙ୍କୁ ଧମକାଇବା ପାଇଁ ଚେଷ୍ଟା କରିଥିବାବେଳେ ଉଭୟ ଅଭିଯୁକ୍ତଙ୍କୁ ପୁଲିସ ଧରିବାରେ ସକ୍ଷମ ହୋଇଥିଲା। ଖୋଲତାଡ ବେଳେ ଅଭିଯୁକ୍ତଙ୍କ ନିକଟରୁ ପୁଲିସ୍ ଚିତାବାଘର ଦୁଇଟି ପୂର୍ଣ୍ଣ ଆକାରର ଚମଡା, ବନ୍ଧୁକ ବ୍ୟାଗ, ଜୀବନ୍ତ ବୋମା, ଗୋଟିଏ ଖଣ୍ଡା ଜବତ କରିଛି। ଏନେଇ କେସ୍ ନମ୍ବର ୧୮୬/୨୬ରେ ମାମଲା ରୁଜୁ ହୋଇଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଏସ୍‌ପି ସୂଚନା ଦେଇଛନ୍ତି।

### ଟ୍ରମ୍ପଙ୍କ ସହ ବୈଠକକୁ ...

ମଧ୍ୟ ଇରାନ ବୈଦେଶିକ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ଆମେରିକାର ପ୍ରତିବନ୍ଧକ ଓ ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ସଂଘର୍ଷ ଯୋଗୁଁ ବର୍ତ୍ତମାନ ପରିପ୍ରେକ୍ଷୀରେ କୌଣସି ବାର୍ତ୍ତାଳାପ ସହଜ ନୁହେଁ। ତେହେରାନ କୌଣସି ସର୍ବସାଧାରଣ ସ୍ପେକୁଲେସନ୍ ବା ଅନୁମାନ ବଦଳରେ କେବଳ ରାଜନୈତିକ ବାସ୍ତବତା ଆଧାରରେ ହିଁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛି।

### କ୍ରୀଡ଼ାର ବିକାଶ ନ ହେଲେ ...

୪୦ ଡିଗ୍ରୀ ଖରାରେ ହେବ। ବଣ ମଲ୍ଲୀ ଆଉ ବଣରେ ଫୁଟି ଝଡିଯିବ ନାହିଁ, ଏବେ ସମୟ ଆସିଛି ବଣ ମଲ୍ଲୀ ବିଶ୍ୱ ଦରବାରରେ ମହକିବ। ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ତଥା ହକି ଇଣ୍ଡିଆର ସଭାପତି ଦିଲ୍ଲୀପ ତିର୍କୀ, ବିଭାଗୀୟ କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ , କ୍ରୀଡ଼ା ନିର୍ଦ୍ଦେଶକ ଡ଼ା ୟେଦୁଲା ବିଜୟଙ୍କ ସମେତ, କ୍ରୀଡ଼ା ବିଶେଷଜ୍ଞ, ପ୍ରଶାସକ ଓ କ୍ରୀଡ଼ାବିତ୍ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ ଧନ୍ୟବାଦ ଜଣାଇଥିଲେ।

# ଲୋକଙ୍କୁ ମିଳୁନି ସିଲିଣ୍ଡର୍, ଚୋରା ବେପାରୀ ମାଲାମାଲ୍

## ପ୍ରଶାସନିକ ଚଢ଼ଉରେ ୨୫ ସିଲିଣ୍ଡର୍ ଜବତ

**ରେଢ଼ାଖୋଲ,୭।୬/ଏନ୍‌ଏନ୍‌ଏସ୍:** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଓ ନାକଟିଦେଉଳ ଅଞ୍ଚଳରେ ଦିନକୁଦିନ ବେଆଇନ୍ ଗ୍ୟାସ୍ ଚୋରା କାରବାର ବଢ଼ିବାରେ ଲାଗିଛି। ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ମଧ୍ୟ ଚୋରା ବେପାରୀଙ୍କ ଖାତିର୍ ନାହିଁ। ସବୁଠୁ ବଡ଼ କଥାଟି ହେଲା ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ସରକାର ପ୍ରତିଟି ବିପିଏଲ୍ କାର୍ଡଧାରୀଙ୍କୁ ଗ୍ୟାସ୍ ସିଲିଣ୍ଡର୍ ଯୋଗାଇ ଦେଉଥିବାବେଳେ ଗ୍ୟାସ୍ ବ୍ୟବହାର ତଥା କିଣି ପାରୁନଥିବାରୁ ସେହି ହିତାଧିକାରୀଙ୍କଠୁ ଏହି ଚୋରା ବେପାରୀମାନେ ସିଲିଣ୍ଡର୍ କିଣି ସେଥିରେ ଲୁକ୍କାୟିତ ଭାବେ ଗ୍ୟାସ୍ ଭରି ଏବେ ଚଢ଼ା ଦରରେ ବିକ୍ରି କରି ମାଲାମାଲ୍ ହେଉଥିବା ଜଣାଯାଇଛି। ତେବେ ଲୋକଙ୍କୁ ଚଢ଼ା ଦରରେ ସିଲିଣ୍ଡର୍ ବିକ୍ରି କରାଯାଉଥିବା ନେଇ ପୁଲିସ୍ ନିକଟରେ ଅଭିଯୋଗ ହୋଇଆସୁଥିଲା। ଏହିକ୍ରମେ କୌଣସି ସୂତ୍ରରୁ ଖବରପାଇ ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ନାକଟିଦେଉଳ ବ୍ଲକ୍ ଅନ୍ତର୍ଗତ ଶିମିଳିପାଳର ୨ଟି ବେଆଇନ୍ ଗ୍ୟାସ୍ ଦୋକାନରେ ଚଢ଼ଉ କରି ଦେବାର୍ଚ୍ଚନ ପ୍ରଧାନଙ୍କଠୁ ୧୫ଟି ଓ ଧରଣୀଧର ସାହୁଙ୍କଠାରୁ ୧୦ଟି ଖୋଲା ଓ ଭର୍ତ୍ତି ସିଲିଣ୍ଡର୍ ଜବତ କରିଥିଲେ। ଇସି ଆକ୍ଟ ଅନୁସାରେ ଜବତ ଗ୍ୟାସ୍ ସିଲିଣ୍ଡର୍‌କୁ ପାଖରେ ଥିବା ଦିଶା ଇଣ୍ଡିଆନ୍‌କୁ ହସ୍ତାନ୍ତର କରାଯାଇଛି। ଯୋଗାଣ ଅଧିକାରୀଙ୍କ କହିବାନୁସାରେ, ରେଢ଼ାଖୋଲ ଅଞ୍ଚଳରେ ଦିଶା ଇଣ୍ଡିଆନ୍‌କୁ ଛାଡ଼ି କୌଣସି ପଞ୍ଜିକୃତ ଗ୍ୟାସ୍ ଯୋଗାଣ ସଂସ୍ଥା ନାହିଁ। ସେଥିପାଇଁ କିଛି ବେଆଇନ୍ କାରବାର୍‌ରେ ଲିପ୍ତ ଥିବା ବେପାରୀ ଏହି ଗରିବ ବିପିଏଲ୍ ହିତାଧିକାରୀଙ୍କଠୁ ଗ୍ୟାସ୍ ଓ ଗ୍ୟାସ୍ କାର୍ଡ କିଣି ସେଗୁଡ଼ିକ ଆଧାରରେ ଏମାନେ ମୋର ଗ୍ରହିତା ଏବଂ ମୋ ସଂସ୍ଥା ପଞ୍ଜିକୃତ କହି ଲୋକଙ୍କୁ ଭୁଆଁ ବୁଲାଇ ଏହି କାରବାର୍ କରୁଥିବା ଜଣାଯାଇଛି। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାସହ ଆଗକୁ ଏହି କାରବାର୍ ଉପରେ ନଜର ରଖିବ। ଏଭଳି କାରବାର୍‌ରେ ଜଡ଼ିତ ଥିବା ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।



## ମାଁ ମାଣିକେଶ୍ୱରୀ ପୂଜାରୀ ସଂଘର ବୈଠକ



**ଲାଞ୍ଜିଗଡ଼,୭।୬/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ଲାଞ୍ଜିଗଡ଼ ମାଁ ମାଣିକେଶ୍ୱରୀ ପୂଜାରୀ ମହାସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଜମ୍ବେଶ୍ୱର ପୂଝାରୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରାୟଗଡ଼ା ଜିଲ୍ଲା ବୈଦ୍ୟ ସଂଘ ଜିଲ୍ଲା ସମ୍ପାଦକ ମାଧବ ପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସୁରେଶ ମାଳ ଦୋରା ଯୋଗଦେଇ ସଂଘ କେମିତି ସୁଦୃଢ଼ ରହିବ ଏବଂ କେମିତି ନୂତନ ସଦସ୍ୟ ଯୋଡ଼ିବେ ସେନେଇ ଦିଗ୍‌ଦର୍ଶନ ଦେଇଥିଲେ। ସେହିପରି ସଂଘ ସଭାପତି ଜମ୍ବେଶ୍ୱର ପୂଝାରୀ ଓ ସମ୍ପାଦକ ସରୋଜ ମାଝୀ ଅଭିଭାଷଣ ରଖିଥିବାବେଳେ ଲାଞ୍ଜିଗଡ଼ ବ୍ଲକ୍‌ର ଶତାଧିକ ବୈଦ୍ୟ, ପୂଜକ ଓ ପୂଝାରିଣୀ ଯୋଗ ଦେଇଥିଲେ। ଉକ୍ତ ବୈଠକକୁ ରାଘବ ପାତ୍ର ପରିଚାଳନା କରିଥିବାବେଳେ ଜମ୍ବେଶ୍ୱର ପୂଜାରୀ ସଭାସାଙ୍ଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁନୀଲ ପ୍ରଧାନୀ, ପିତାମ୍ବର ପୂଝାରୀ, ଚିତ୍ର ମାଝୀ, ଅଭିମନ୍ୟୁ ପାତ୍ର, କୁଶ ବାଗ, ବିରଞ୍ଚି ଦୋରା, ପଦ୍ମା ଗୌଡ଼, ସଞ୍ଜୟ ସାହୁ, ଅଜୟ ହରିଜନ, ଲକ୍ଷ୍ମୀଗୌଡ଼, ଦଇତାରି ଗୌଡ଼, ସୁଲଚନା ଗୌଡ଼, କନ୍ଦ ଗୌଡ଼, ଦଶରଥ ଚଣ୍ଡୀ, ଦୀନବନ୍ଧୁ ମାଳି, ମହନ ପ୍ରଧାନୀ, ଯଶବନ୍ତ ଦଣ୍ଡସେନା, ସୁବାସ କଟା, ଉମାକାନ୍ତ ଦଣ୍ଡସେନା, ଯୁଜେଷ୍ଟି ଘଡ଼େଇ, ସୁଦ୍ରା ଗୌଡ଼, ସୁଲଚନା ଗୌଡ଼, ଲେସୁନ ଗୌଡ଼, ମନହର ଭାଟ, ସୁନ୍ଦର ଚଣ୍ଡୀ, କୁମାରୀ ଚଣ୍ଡୀ, ପାଞ୍ଜେ ମାଝୀ, ଗୌରୀ ଚଣ୍ଡୀ, ସେମାସୀ ଦୋରା ଓ ଅସା ଦୋରାଙ୍କ ସମେତ ସଂଘର ସମସ୍ତ ସଦ୍ୟସ ଉପସ୍ଥିତ ଥିଲେ।

## ଭୋଟରଙ୍କୁ ସଚେତନ କରିବା ପାଇଁ 'ଚୁନାବ ପାଠଶାଳା'




**ମାଲକାନଗିରି,୭।୬/ଏନ୍‌ଏନ୍‌ଏସ୍:** ଆଗାମୀ ନିର୍ବାଚନକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ମାରାଥନ୍ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ବଡ଼ ଧରଣର ସମୀକ୍ଷା ବୈଠକ ସହ ଭୋଟର୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୋଟରଙ୍କୁ ସଚେତନ କରିବା ପାଇଁ ୧୪୬-ମାଲକାନଗିରି ନିର୍ବାଚନମଣ୍ଡଳୀର ଉପଜିଲ୍ଲାପାଳ ତଥା ଇଆରଓ ଦୁର୍ଯ୍ୟୋଧନ ଭୋଇ ନିଜେ ମଇଦାନକୁ ଓହ୍ଲାଇଛନ୍ତି। ମାଲକାନଗିରିର ଏକ୍ସ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ବି ବି ଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚୁନାବ ପାଠଶାଳା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ଭୋଟର୍ ପଞ୍ଜୀକରଣ ଏବଂ ଗଣତନ୍ତ୍ରରେ ସେମାନଙ୍କ ଅଧିକାର ବିଷୟରେ ଶିକ୍ଷା ଦିଆଯାଇଛି। ସେହିପରି ୧୪୭-ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀର ନିର୍ବାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଇଆରଓ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ଭୋଟର୍ ତାଲିକାଭୁକ୍ତ ଫର୍ମ ବଣ୍ଟନ ଓ ସ୍ପେଶାଲ୍ ଇନଫରମେସନ୍ ରେଜିଷ୍ଟ୍ରେସନ୍‌ର ଅଗ୍ରଗତି ସମୀକ୍ଷା କରାଯିବା ସହ କ୍ଷେତ୍ର କର୍ମଚାରୀଙ୍କ ସମସ୍ତ ସନ୍ଦେହ ଦୂର ପାଇଁ ଏକ ଡାଉଟ୍ କ୍ଲିଓର୍ ସେସନ୍ କରାଯାଇଥିଲା। ଏହି ବୈଠକରେ ମାଥିଲି ବିଡିଓ, ସହକାରୀ ଜିଲ୍ଲାପାଳ ନିର୍ବାଚନ ଓ ନୋଡାଲ୍ ଅଫିସର୍‌ମାନେ ସାମିଲ୍ ଥିଲେ। ତେବେ ଯେଉଁ ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ସୁପରଭାଇଜର୍‌ଙ୍କ ପ୍ରଦର୍ଶନ ୫୦ ପ୍ରତିଶତରୁ କମ୍ ରହିଥିଲା ସେମାନଙ୍କୁ ନେଇ ଚିତ୍ରକୋଣ୍ଡା ବିଡିଓ, ତହସିଲଦାର୍ ଓ ଅତିରିକ୍ତ ତହସିଲଦାର୍ ଏକ କଡ଼ା ଆଭିମୁଖ୍ୟ ସହ ସମୀକ୍ଷା କରିଛନ୍ତି ଏବଂ କାର୍ଯ୍ୟରେ ତୁରନ୍ତ ସୁଧାର ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ସ୍ନାତକୋତ୍ତର ପରୀକ୍ଷାରେ ଯୁବୋଦୟର ସଫଳତା



**ବଲାଙ୍ଗୀର,୭।୬/ଏନ୍‌ଏନ୍‌ଏସ୍:** ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରୀକ୍ଷା ଫଳାଫଳ ପ୍ରକାଶ ପାଇଥିବାବେଳେ ବଲାଙ୍ଗୀର ଜିଲ୍ଲାର ସକମାସ୍ଥିତ ଯୁବୋଦୟ କଲେଜ ଅଫ୍ ଆଡଭାନ୍ସଡ୍ ଟେକ୍ନୋଲୋଜି ସଫଳତା ହାସଲ କରିଛି। ଏହି କଲେଜର ଛାତ୍ରୀ ଦେବଜାନୀ ଖମାରୀ ୯.୪୬ ସିଜିପିଏ ହାସଲ କରି ସମଗ୍ର ବିଶ୍ୱବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଏହି କଲେଜର ଅନ୍ୟଜଣେ ମେଧାବୀ ଛାତ୍ରୀ ଶିଖା ମଞ୍ଜରୀ କଠାର ୯.୩୭ ସିଜିପିଏ ସହ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଦେବଜାନୀ ଜୀବବିଜ୍ଞାନରେ ବିଶ୍ୱବିଦ୍ୟାଳୟସ୍ତରରେ ଶୀର୍ଷ ସ୍ଥାନ ଅଧିକାର କରିଥିବାବେଳେ ଶିଖା ଭୌତିକ ବିଜ୍ଞାନରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ପରେ କଲେଜ ପକ୍ଷରୁ ଉଭୟ ଛାତ୍ରୀଙ୍କୁ ଶୁଭେଚ୍ଛା ଏବଂ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭକାମନା ଜଣାଯାଇଛି। ଏହି ଅବସରରେ ଅନୁଷ୍ଠାନର ନିର୍ଦ୍ଦେଶକ ଆମ୍ବରୀଶ ଦାଶ କହିଛନ୍ତି ଯେ ଯୁବୋଦୟର ଛାତ୍ରଛାତ୍ରୀଙ୍କୁ କେବଳ ଗୁଣାତ୍ମକ ଶିକ୍ଷା ନୁହେଁ ବରଂ ବ୍ୟବହାରିକ ଜ୍ଞାନ, ବ୍ୟକ୍ତିତ୍ୱ ବିକାଶ ଓ ଦୃଷ୍ଟିଭଙ୍ଗୀର ଉନ୍ନତି ପାଇଁ ବିଭିନ୍ନ ସୁଯୋଗ ପ୍ରଦାନ କରାଯାଏ। ଏହାସହ ନିଶୁଳ୍କ ଚାକିରିମୁଖୀ ପ୍ରଶିକ୍ଷଣ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ କର୍ମ କ୍ଷେତ୍ର ପାଇଁ ପ୍ରସ୍ତୁତ କରାଯାଉଛି।

## ସାମ୍ବାଦିକଙ୍କ ମାତୃ ବିୟୋଗ



**ରାୟଗଡ଼ା,୭।୬/ଏନ୍‌ଏନ୍‌ଏସ୍:** ରାୟଗଡ଼ା ଜିଲ୍ଲାର ବରିଷ୍ଠ ସାମ୍ବାଦିକ ରଶ୍ମିରଞ୍ଜନ ଦୋରାଙ୍କ ମାଆ ମନୋରମା ଦୋରାଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ପରିବାରବର୍ଗ, ଆତ୍ମୀୟ ସ୍ୱଜନ ଓ ଶୁଭେଚ୍ଛୁଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ବଡ଼ପୁଅ ଜଗଦୀଶ ଚନ୍ଦ୍ର ଦୋରା, ସାନପୁଅ ରଶ୍ମିରଞ୍ଜନ ଦୋରା, ଦୁଇ ବୋହୂ, ନାତିନାତୁଣୀ ଓ ଅନ୍ୟାନ୍ୟ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ମନୋରମାଙ୍କ ମୃତ୍ୟୁ ଖବରପାଇ ବହୁ ସାମ୍ବାଦିକ, ପରିଜନ ଓ ଶୁଭେଚ୍ଛୁ ତାଙ୍କ ଘରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ମରଶରୀରକୁ ରାୟଗଡ଼ାସ୍ଥିତ ବ୍ରାହ୍ମଣ ସାହି ଶ୍ମଶାନକୁ ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମନୋରମା ଜଣେ ପରୋପକାରୀ ଓ ଧର୍ମପରାୟଣ ମହିଳା ଭାବେ ନିଜ ଗ୍ରାମ କୋଲନରା ଓ ରାୟଗଡ଼ାରେ ବେଶ୍ ପରିଚିତ ଥିଲେ। ମନୋରମାଙ୍କ ବିୟୋଗରେ ବଡ଼ଖବର ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସ, ଧରିତ୍ରୀ ଖବରକାଗଜ ସମ୍ପାଦକ ତଥାଗତ ଶତପଥୀ, ବିଧାୟକ କାଡ୍ରାକା ଆପାଲାସ୍ୱାମୀ, ବରିଷ୍ଠ ନେତା ସୁନିଲ ପଣ୍ଡା, ଦୁର୍ଗା ପଣ୍ଡା, ସରକାରୀ ଅଧିକାରୀ, ସାମ୍ବାଦିକ ଓ ସମାଜସେବୀ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ସ୍କୁଲ୍‌ର ଭିତ୍ତିପ୍ରସ୍ତର ସ୍ଥାପନ



**କନ୍ଧମାଳ,୭।୬/ଏନ୍‌ଏନ୍‌ଏସ୍:** ରାଜ୍ୟର ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଓ ଆଧୁନିକ ଶିକ୍ଷାନୁକୂଳ ପରିବେଶ ସୃଷ୍ଟି ଲକ୍ଷ୍ୟରେ ଚାଲିଥିବା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ (ଜିଏମ୍‌ଏପିଭି) ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଅଧୀନରେ ବୌଦ୍ଧ ଜିଲ୍ଲାର ୩ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟର ୨୦୪ଟି ଚୟନୀତ ବିଦ୍ୟାଳୟର ଏକକାଳୀନ ଭାବେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବୌଦ୍ଧ ଜିଲ୍ଲା ସଦର ବ୍ଲକ୍‌ର ଶଗଡ଼ା ପଞ୍ଚାୟତ କୁରୁମୁଣ୍ଡା ସରକାରୀ ୟୁପି ସ୍କୁଲ୍‌ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ବୌଦ୍ଧ ବିଡିଓ ଯୁଗଳ କିଶୋର ବିଶ୍ୱାଳ, ବୌଦ୍ଧ ଗୋଷ୍ଠୀ ଶିକ୍ଷାଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ, ବୌଦ୍ଧ ଏଡିଇଓ ଭାସ୍କର ଲେଙ୍କା, ସ୍ଥାନୀୟ ସରପଞ୍ଚ ସନ୍ଧ୍ୟାରାଣୀ ମହାକୁଡ଼, ସମିତିସଭ୍ୟ କୁନୁ ଦନ୍ତା ଓ ପରିଚାଳନା କମିଟି ସଭାପତି ଲକ୍ଷ୍ମଣ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଆଖପାଖ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ସ୍କୁଲ୍ ପରିଚାଳନା କମିଟି ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ସ୍ଥାନୀୟ ଜନପ୍ରତିନିଧି ଓ ପୂର୍ବତନ ଛାତ୍ରଛାତ୍ରୀଙ୍କ ସମେତ ଅଞ୍ଚଳର ବହୁ ଜନସାଧାରଣ ଯୋଗ ଦେଇଥିଲେ। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ମାଧ୍ୟମରେ ବିଦ୍ୟାଳୟ ଗୁଡ଼ିକରେ ଉନ୍ନତ ଭିତ୍ତିଭୂମି, ଆଧୁନିକ ଶ୍ରେଣୀଗୃହ ଓ ଉନ୍ନତ ଶିକ୍ଷା ବ୍ୟବସ୍ଥା ସହ ଭିତ୍ତିଭୂମିର ବିକାଶ ଆଦି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୌଦ୍ଧ ବ୍ଲକ୍ ଶିକ୍ଷାଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ବୌଦ୍ଧ ବ୍ଲକ୍ ସହଗୋଷ୍ଠୀ ଶିକ୍ଷାଧିକାରୀ କମଳାକାନ୍ତ ଦଳବେହେରା ଧନ୍ୟବାଦ ଦେଇଥିଲେ।

# ଡଙ୍ଗରିଆଙ୍କୁ ରୋଜଗାର ଯୋଗାଉଛି ଚମ୍ପେଇତ



**ରାୟଗଡ଼ା,୭।୬/ଏନ୍‌ଏନ୍‌ଏସ୍:** ନିୟମଗିରି ପାହାଡ଼ରେ ବସବାସ କରୁଥିବା ଆଦିମ ଜନଜାତି ଡଙ୍ଗରିଆମାନେ ଜୀବନ ଜୀବିକା ପାଇଁ ସବୁବେଳେ ସଂଘର୍ଷ କରିଆସୁଛନ୍ତି। ସେମାନେ ମୁଖ୍ୟତଃ ପ୍ରକୃତି ଉପରେ ନିର୍ଭର କରି ଜୀବନ ଚଳାନ୍ତି। ଋତୁ ଅନୁଯାୟୀ ସେମାନେ ନିୟମଗିରି ପାହାଡ଼ ଅଞ୍ଚଳରେ ସପୁରି, କମଳା, ପଣସ, ହଳଦୀ ଓ ଆମ୍ବ ଆଦି ଚାଷ କରିଥାନ୍ତି ଏବଂ ସେଗୁଡ଼ିକୁ ବଜାରରେ ବିକ୍ରି କରି ଜୀବନ ନିର୍ବାହ କରନ୍ତି। ଏହି ସମସ୍ତ ଫଳ ମଧ୍ୟରୁ ଆମ୍ବ ଅନ୍ୟତମ ମୁଖ୍ୟ ଆୟ ଉତ୍ସ। ପ୍ରତିବର୍ଷ ଏପ୍ରିଲ୍‌ରୁ ଜୁନ୍ ମଧ୍ୟରେ ଡଙ୍ଗରିଆମାନେ ପାହାଡ଼ରୁ ଆମ୍ବ ସଂଗ୍ରହ କରି ସେଥିରୁ ଚମ୍ପେଇତ ପ୍ରସ୍ତୁତ କରି ରୋଜଗାର କରୁଥାନ୍ତି। ନିୟମଗିରିର ଆମ୍ବ ଯେପରି ସ୍ୱାଦିଷ୍ଟ, ସେଥିରୁ ତିଆରି ହୋଇଥିବା ଚମ୍ପେଇତ ମଧ୍ୟ ସେପରି ସ୍ୱାଦିଷ୍ଟ। ସାଧାରଣତଃ ଲୋକେ ଆମ୍ବରୁ ଆମ୍ବୁଲ ଓ ଆଚାର ପ୍ରସ୍ତୁତ କରନ୍ତି। କିନ୍ତୁ ଅଧା ପାଚିଲା ଆମ୍ବରୁ ଆମ୍ବସଢ଼ା ଓ ଚମ୍ପେଇତ ତିଆରି କରାଯାଏ। ଚମ୍ପେଇତ ପ୍ରସ୍ତୁତି ପ୍ରକ୍ରିୟା ଟିକେ ଭିନ୍ନ। ପ୍ରଥମେ ଅଧା ପାଚିଲା ଆମ୍ବ ସଂଗ୍ରହ କରି ତା'ର ଚୋପା ବାହାର କରାଯାଇ ଖରାରେ ଶୁଖାଯାଏ। ଏଭଳି ଭାବେ ପୁରା ଶୁଖିଗଲେ ଚମ୍ପେଇତ ପ୍ରସ୍ତୁତ ହୁଏ। ନିୟମଗିରିର ଡଙ୍ଗରିଆଙ୍କ ତିଆରି ଚମ୍ପେଇତର ବଜାରରେ ଭଲ ଚାହିଦା ରହିଛି। ଏହାର ଦର କିଲୋ ପ୍ରତି ପ୍ରାୟ ୫୦ ଟଙ୍କା। ସ୍ଥାନୀୟ ଅଞ୍ଚଳ ସହିତ ବଲାଙ୍ଗୀର ଓ କଳାହାଣ୍ଡିରେ ମଧ୍ୟ ଏହାର ଚାହିଦା ଥିବା ବ୍ୟବସାୟୀମାନେ କୁହନ୍ତି। ତଥାପି ରାତିରୁ ଉଠି ଆମ୍ବ ସଂଗ୍ରହ ଓ ଚମ୍ପେଇତ ପ୍ରସ୍ତୁତିରେ ଖୁବ୍ ସମୟ ଓ ପରିଶ୍ରମ ଲାଗୁଥିବା ସତ୍ତ୍ୱେ ସେହି ଅନୁପାତରେ ଆୟ ହେଉନଥିବା ଡଙ୍ଗରିଆମାନେ ଦୁଃଖପ୍ରକାଶ କରୁଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସହଯୋଗର ହାତ ବଢ଼େଇଲେ ଡଙ୍ଗରିଆମାନେ ଚମ୍ପେଇତ ବଜାରରେ ବିକ୍ରି କରି ଉଚିତ୍ ଦର ପାଇପାରନ୍ତେ।

## ଓଡ଼ିଶା ପୁଲିସରେ ବ୍ୟାପକ ଅଦଳବଦଳ

# ଏକାସଙ୍ଗେ ୪୩ ଇନ୍ସପେକ୍ଟରଙ୍କ ବଦଳି

**ଭୁବନେଶ୍ୱର,୭।୬/ଏନ୍ଏନ୍ଏସ୍:** ଓଡ଼ିଶା ପୁଲିସ ପ୍ରଶାସନରେ ଏକ ବଡ଼ ଧରଣର ଅଦଳବଦଳ ଦେଖିବାକୁ ମିଳିଛି । ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତିକୁ ଅଧିକ ସୁଦୃଢ଼ କରିବା ଏବଂ ପ୍ରଶାସନିକ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବା ଲକ୍ଷ୍ୟରେ ରାଜ୍ୟ ପୁଲିସ ମୁଖ୍ୟାଳୟ ପକ୍ଷରୁ ଏକାସଙ୍ଗେ ୪୩ ଜଣ ପୁଲିସ ଇନ୍ସପେକ୍ଟରଙ୍କୁ ବିଭିନ୍ନ ସ୍ଥାନକୁ ବଦଳି କରାଯାଇଛି । ବିଭିନ୍ନ ଅଞ୍ଚଳରେ ଦୀର୍ଘ ଦିନ ହେବ ଖାଲି ପଡ଼ିଥିବା ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକୁ ପୂରଣ କରିବା ସହ ଜନସେବାକୁ ଅଧିକ ବ୍ୟବସ୍ଥିତ ଓ ପ୍ରାଥମିକତା ପ୍ରଦାନ କରିବା ପାଇଁ ଏହି ବଡ଼ ନିଷ୍ପତ୍ତି ନିଆଯାଇଥିବା ସରକାରୀ ସୂତ୍ରରୁ ସ୍ପଷ୍ଟ ପ୍ରକାଶ ପାଇଛି । ଏହି ବ୍ୟାପକ ବଦଳି ପ୍ରକ୍ରିୟାରେ ଇନ୍ସପେକ୍ଟର ଲିଜା ମଲ୍ଲିକଙ୍କୁ ନୟାଗଡ଼ରୁ କେନ୍ଦ୍ରାପଡ଼ା ଜିଲ୍ଲାକୁ ବଦଳି କରାଯାଇଥିବା ବେଳେ ଇନ୍ସପେକ୍ଟର ହେମକାନ୍ତି ଛତ୍ରିଆଙ୍କୁ ବରଗଡ଼ରୁ ନୂଆପଡ଼ା ଜିଲ୍ଲାକୁ ଏବଂ ଇନ୍ସପେକ୍ଟର ଅଶୋକ କୁମାର ହାଁସଦାଙ୍କୁ କନ୍ଧମାଳରୁ କେନ୍ଦୁଝର ଜିଲ୍ଲାକୁ ବଦଳି କରାଯାଇ ନୂତନ ଦାୟିତ୍ୱ ଅର୍ପଣ କରାଯାଇଛି । ସେହିପରି ଇନ୍ସପେକ୍ଟର ଜ୍ୟୋତି ଶଙ୍କର ସାମଲଙ୍କୁ ପୁରୀରୁ ଭୁବନେଶ୍ୱର ସ୍ଥିତ ଗୁରୁତ୍ୱପୂର୍ଣ୍ଣ ସ୍ପେଶାଲ ବ୍ରାଞ୍ଚକୁ ପଠାଯାଇଥିବା ବେଳେ ସ୍ପେଶାଲ ବ୍ରାଞ୍ଚରେ କାର୍ଯ୍ୟରତ ଇନ୍ସପେକ୍ଟର ଜୟନ୍ତ କୁମାର ସେଠୀଙ୍କୁ ପୁରୀ ଜିଲ୍ଲାକୁ ବଦଳି କରାଯାଇଛି । ଏହା ବ୍ୟତୀତ କଟକ, ସମ୍ବଲପୁର, ଗଞ୍ଜାମ, ଖୋର୍ଦ୍ଧା, ମୟୂରଭଞ୍ଜ, ଅନୁଗୁଳ, ଯାଜପୁର, ଭଦ୍ରକ, ଝାରସୁଗୁଡ଼ା, ସୁନ୍ଦରଗଡ଼, ବଲାଙ୍ଗୀର ଏବଂ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାରେ କାର୍ଯ୍ୟରତ ବହୁ ଇନ୍ସପେକ୍ଟରଙ୍କର ମଧ୍ୟ ପଦବୀ ପରିବର୍ତ୍ତନ କରାଯାଇଛି । ବିଶେଷ କରି ଆର୍ଥିକ ଅପରାଧ ଶାଖା, ସ୍ପେଶାଲ ବ୍ରାଞ୍ଚ, ପୁଲିସ କମିଶନରେଟ୍, ବିପିଏସପିଏ ଏବଂ ରାଜ୍ୟ ପୁଲିସ ମୁଖ୍ୟାଳୟ ଭଳି ପ୍ରମୁଖ ବିଭାଗଗୁଡ଼ିକରେ ମଧ୍ୟ ବହୁ ଅଧିକାରୀଙ୍କ ପୋଷ୍ଟିଂ ପରିବର୍ତ୍ତନ କରାଯାଇଛି । ଏହି ବଡ଼ ଧରଣର ଅଦଳବଦଳ ଆଗାମୀ ଦିନରେ ରାଜ୍ୟର ଆଭ୍ୟନ୍ତରୀଣ ସୁରକ୍ଷା ଓ ଅପରାଧ ନିୟନ୍ତ୍ରଣ ପ୍ରକ୍ରିୟାକୁ ଆହୁରି କ୍ରିୟାଶୀଳ କରିବ ବୋଲି ଆଶା ପ୍ରକାଶ ପାଇଛି ।

# ମୈତ୍ରେୟୀ ସଂଗଠନର ବାର୍ଷିକ ଉତ୍ସବ



**ଭୁବନେଶ୍ୱର,୭।୬/ଏନ୍ଏନ୍ଏସ୍:** ସ୍ଥାନୀୟ ରେଡ଼କ୍ରସ ଭବନ ପରିସରରେ ଆଜି ମୈତ୍ରେୟୀ ସଂଗଠନର ବାର୍ଷିକ ଉତ୍ସବ ଅତ୍ୟନ୍ତ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ଏହି ଗୌରବମୟ ଅବସରରେ ପ୍ରଥମ 'ପ୍ରଫେସର ଧରଣୀଧର ସାହୁ' ସ୍ମୃତି ପୁରସ୍କାର ସ୍ୱନାମଧନ୍ୟ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅରବିନ୍ଦ ବେହେରାଙ୍କୁ ପ୍ରଦାନ କରାଯାଇଛି । ମୈତ୍ରେୟୀ ସଂଗଠନର ସହଯୋଗରେ ଆୟୋଜିତ ଏହି ସାରସ୍ୱତ ସମାରୋହରେ ପ୍ରଫେସର ଧରଣୀଧର ସାହୁଙ୍କ ପତ୍ନୀ ତଥା ବିଶିଷ୍ଟ ଅନୁବାଦିକା କନକ ମଞ୍ଜରୀ ସାହୁ ଉପସ୍ଥିତ ରହି ବେହେରାଙ୍କୁ ଏହି ସମ୍ମାନଜନକ ପୁରସ୍କାର ଅର୍ପଣ କରିଥିଲେ । ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି ଯେ, ପ୍ରଫେସର ସାହୁଙ୍କ ସ୍ମୃତିରେ ଏହି ସାରସ୍ୱତ ପୁରସ୍କାର ପ୍ରଦାନ ପ୍ରକ୍ରିୟା ଆଗାମୀ ଦିନରେ ପ୍ରତିବର୍ଷ ନିରନ୍ତର ଭାବେ ଜାରି ରହିବ । ଏହି ବାର୍ଷିକ ଉତ୍ସବରେ ବହୁ ସଂଖ୍ୟାରେ ବୁଦ୍ଧିଜୀବୀ, ସାହିତ୍ୟିକ ଓ ସଂଗଠନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ ।

# ବାଲ ଓ ଯୁବ ସଂସ୍କାର ନିର୍ମାଣ ଶିବିର ସମ୍ପନ୍ନ



**ଭୁବନେଶ୍ୱର,୭।୬/ଏନ୍ଏନ୍ଏସ୍:** ଭାରତୀୟ ଯୋଗ ସଂସ୍ଥାନ, ନୂଆ ଦିଲ୍ଲୀ ଦ୍ୱାରା ସମଗ୍ର ଓଡ଼ିଶାରେ ବାଲ ସଂସ୍କାର ଓ ଯୁବ ସଂସ୍କାର ନିର୍ମାଣ ଶିବିରର ଆୟୋଜନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶା ପ୍ରାନ୍ତ ବରମୁଣ୍ଡା ଯୋଗ ଜିଲ୍ଲା ଦ୍ୱାରା ଦୁଇଟି ପର୍ଯ୍ୟାୟରେ ଦୁଇ ଦିନିଆ ବାଲ ସଂସ୍କାର ଓ ଯୁବ ସଂସ୍କାର ନିର୍ମାଣ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ଯୁବ ସଂସ୍କାର ଶିବିର ଗତ ମେ ୩୦ ଓ ୩୧ ତାରିଖରେ ବରମୁଣ୍ଡା ସ୍ଥିତ ମହାନଗର ନିଗମ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ବାଲ ସଂସ୍କାର ଶିବିର ଜୁନ ୬ ଓ ୭ ତାରିଖରେ ପ୍ରୟାସ ପାର୍କ, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବିଭିନ୍ନ ସ୍କୁଲ ଓ କଲେଜର ୯୦ରୁ ଉର୍ଦ୍ଧ୍ୱ ୧୦ ରୁ ୧୯ ବର୍ଷର ଛାତ୍ରଛାତ୍ରୀ ଯୋଗ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାନ୍ତ ସଦସ୍ୟା ମଞ୍ଜୁଳା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ ଦେଇ ପିଲାଙ୍କର ଦିନଚର୍ଯ୍ୟା, ଭୋଜନ, ଅନୁଶାସନ, ଯୋଗ ଓ ପ୍ରାଣାୟମର ଶରୀର ଓ ମନ ଉପରେ ତାର ପ୍ରଭାବ ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ । ଶିବିରରେ ତାଡାସନ, ବୃକ୍ଷାସନ, କଟିଚକ୍ରାସନ, ଅର୍ଦ୍ଧଚକ୍ରାସନ, କୋଣାସନ, ସିଂହଗର୍ଜନାସନ, ହାସ୍ୟାସନ, ଉଷ୍ଟ୍ରାସନ, ଅନୁଲୋମ-ବିଲୋମ ପ୍ରାଣାୟାମ, ଭ୍ରାମରୀ ପ୍ରାଣାୟାମ ଓ ଧ୍ୟାନ ଆଦିର ଅଭ୍ୟାସ କରାଯାଇଥିଲା । ଏହାସହିତ ବେଦମନ୍ତ୍ର ଉଚ୍ଚାରଣ, ଚିତ୍ରାଙ୍କନ, ନୃତ୍ୟ କ୍ଷେତ୍ରରେ ଶିଶୁମାନଙ୍କର ପ୍ରଦର୍ଶନ ଅତ୍ୟନ୍ତ ଚମତ୍କାର ଓ ପ୍ରଶଂସନୀୟ ଥିଲା । ସମ୍ପଦ ମହାପାତ୍ରଙ୍କ ଦ୍ୱାରା ପରିଚାଳିତ ଷ୍ଟୋରୀଗାମି ଅଧିବେଶନକୁ ଶିଶୁମାନେ ବହୁତ ଆନନ୍ଦର ସହ ଉପଭୋଗ କରିଥିଲେ ଏବଂ ଏଥିରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ । ଏହି ଶିବିର ଜିଲ୍ଲା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ଜୟଶ୍ରୀ ପଣ୍ଡା ଓ ଜ୍ୟୋତିର୍ମୟୀ ମହାପାତ୍ରଙ୍କ ଅଧକ୍ଷତାରେ ଏବଂ କ୍ଷେତ୍ରାଧିକାରୀ ସନ୍ଧ୍ୟାପ୍ରଭା ପଟ୍ଟନାୟକ, ଇତିଶ୍ରୀ ପଣ୍ଡା, ଶୁଭଲକ୍ଷ୍ମୀ ରଥ, ଗୀତାଞ୍ଜଳି ସାହୁ, ଅରୁଣା ସାହୁ ଓ ହରପ୍ରିୟା ମହାନ୍ତିଙ୍କ ସହଯୋଗିତାରେ ସଫଳତାର ସହିତ ସମାପ୍ତ ହୋଇଛି ।

## ଗୁରୁ ଦୟାନିଧି ଦାସଙ୍କ ଶତତମ ଜୟନ୍ତୀ ଉତ୍ସବ ସମ୍ପନ୍ନ

# ଓଡ଼ିଶୀ ନୃତ୍ୟ ଜଗତକୁ ତାଙ୍କ ଅବଦାନ ଅତୁଳନୀୟ



**ଭୁବନେଶ୍ୱର,୭।୬/ଏନ୍ଏନ୍ଏସ୍:** ଓଡ଼ିଶୀ ନୃତ୍ୟ ଜଗତର ଅନନ୍ୟ ସାଧକ ଗୁରୁ ଦୟାନିଧି ଦାସଙ୍କ ଶତତମ ଜୟନ୍ତୀ ଉତ୍ସବ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ବହୁ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ଦୟାନିଧି ସ୍ମୃତି କଳା ପରିଷଦ ଏବଂ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ବିଭାଗର ମିଳିତ ଉଦ୍ୟମରେ ଏହି ଜୟନ୍ତୀ ପ୍ରତିବର୍ଷ ସଫଳତାର ସହ ପାଳିତ ହୋଇଆସୁଛି । ଏହି ଭବ୍ୟ ଉତ୍ସବରେ ପୁରୀର ଲୋକସଭା ସଦସ୍ୟ ଡକ୍ଟର ସମ୍ବିତ୍ ପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଡ. ସୌମ୍ୟ ରଞ୍ଜନ ପଟ୍ଟନାୟକ ମୁଖ୍ୟବକ୍ତା ରୂପେ ଯୋଗଦେଇ ଗୁରୁଙ୍କ ସ୍ମୃତି ଚାରଣ କରିଥିଲେ ।

ସେହିପରି ସମ୍ମାନିତ ଅତିଥି ରୂପେ ଓଡ଼ିଶୀ ଏବଂ ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ତଥା ଗବେଷକ ପଣ୍ଡିତ ଗୋପାଳ ଚନ୍ଦ୍ର ପଣ୍ଡା, ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଚିସ୍ମିତା ମନ୍ତ୍ରୀ ଏବଂ ଡ. ପ୍ରିୟମ୍ବଦା ନାୟକ ଉପସ୍ଥିତ ରହିଥିଲେ । ଏହି ଅବସରରେ ଓଡ଼ିଶୀ ଗବେଷଣା କେନ୍ଦ୍ରର ଅବସରପ୍ରାପ୍ତ କର୍ମଚାରୀ ବୁଦ୍ଧ ଦେବ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଡ. ପ୍ରିୟମ୍ବଦା ନାୟକ ଅନୁଷ୍ଠାନର ଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଦୟାନିଧି ସ୍ମୃତି କଳା ପରିଷଦର ଉପସଭାପତି ନରସିଂହ ମହାପାତ୍ର ସମସ୍ତଙ୍କୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଜୟନ୍ତୀ ସଭାରେ ଉପସ୍ଥିତ ଅତିଥିମାନେ ନିଜ ନିଜ ମନ୍ତବ୍ୟରେ ପ୍ରକାଶ କରିଥିଲେ ଯେ ଓଡ଼ିଶୀ ନୃତ୍ୟ ଜଗତକୁ ଗୁରୁ ଦୟାନିଧି ଦାସଙ୍କ ଅବଦାନ ଅତୁଳନୀୟ ଏବଂ ସେ କେବଳ ଜଣେ ମହାନ ଗୁରୁ ନଥିଲେ, ବରଂ ଜଣେ ସ୍ୱନାମଧନ୍ୟ ଶିକ୍ଷକ, ନାଟ୍ୟକାର, ସାହିତ୍ୟିକ, ସଂଗଠକ ତଥା ସମାଜସେବୀ ଥିଲେ । କଳା ବିକାଶ କେନ୍ଦ୍ର ପ୍ରତିଷ୍ଠା ଏବଂ ଓଡ଼ିଶୀ ନୃତ୍ୟ ଶିକ୍ଷାଦାନ କ୍ଷେତ୍ରରେ ସେ ହେଉଛନ୍ତି ପ୍ରଥମ ଉଦ୍ୟୋକ୍ତା, ଯାହାଙ୍କଠାରୁ ଓଡ଼ିଶୀ ନୃତ୍ୟର ଆନୁଷ୍ଠାନିକ ଶିକ୍ଷାଦାନ ଆରମ୍ଭ ହୋଇଥିଲା । ସେ ଶିକ୍ଷାଦାନ ନିମନ୍ତେ ସର୍ବପ୍ରଥମେ ପାଠ୍ୟକ୍ରମ ପ୍ରସ୍ତୁତ କରି ଏହାକୁ 'ଓଡ଼ିଶୀ ନୃତ୍ୟ' ନାମ ଦେଇଥିଲେ ଏବଂ ସେ କଳା ବିକାଶ କେନ୍ଦ୍ରର ପ୍ରଥମ ନୃତ୍ୟ ଗୁରୁ ଥିଲେ । ତାଙ୍କ ପରେ ଆସିଥିବା ଗୁରୁ ମାୟାଧର ରାଉତ ଏବଂ ଗୁରୁ କେଳୁ ଚରଣ ମହାପାତ୍ରଙ୍କ ସହଯୋଗ ନେଇ ସେ ପ୍ରଥମ ପାଠ୍ୟକ୍ରମ ପ୍ରସ୍ତୁତ କରିଥିଲେ । ସେ ସମୟର ସମସ୍ତ ନୃତ୍ୟଗୁରୁଙ୍କ ମଧ୍ୟରେ ସେ ଉଚ୍ଚ ଶିକ୍ଷିତ ଥିଲେ ଏବଂ ସମସ୍ତଙ୍କୁ ଏକାଠି କରି ସେ 'ଜୟନ୍ତିକା' ନାମକ ଅନୁଷ୍ଠାନ ଗଢ଼ି ସେଠାରେ ଗବେଷଣା କାର୍ଯ୍ୟ ପରିଚାଳନା କରିଥିଲେ, ଯାହା ଫଳରେ ଓଡ଼ିଶୀ ନୃତ୍ୟ ଭାରତର ଶାସ୍ତ୍ରୀୟ ନୃତ୍ୟ ରୂପେ ମୁଣ୍ଡ ଟେକି ଉଠିଥିଲା । ଏହି ସାରସ୍ୱତ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦୟାନିଧି ସ୍ମୃତି କଳା ପରିଷଦର ସଭାପତି ଡ. ପ୍ରଫୁଲ୍ଲ କୁମାର ଦାଶ ସୁଚାରୁରୂପେ ପରିଚାଳନା କରିଥିଲେ । ଉତ୍ସବ ଅବସରରେ ଅନୁଷ୍ଠାନର କୃତୀ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସମବେତ କଣ୍ଠ ସଙ୍ଗୀତ, ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ, ମୀରା ଭଜନ, ଓଡ଼ିଶୀ ନୃତ୍ୟ, ଶିଶୁ ନୃତ୍ୟ ରୂପକ, ପଲ୍ଲୀ ନୃତ୍ୟ, ଆଧୁନିକ ନୃତ୍ୟ ଏବଂ ଚିତ୍ତାକର୍ଷକ ନାଟକ ପରିବେଷିତ ହୋଇ ସମସ୍ତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । କାର୍ଯ୍ୟକ୍ରମର ଏହି ସମସ୍ତ ବ୍ୟବସ୍ଥା ଓ ପ୍ରକ୍ରିୟାକୁ ଦୟାନିଧି ସ୍ମୃତି କଳା ପରିଷଦର ସମ୍ପାଦିକା ଡକ୍ଟର ବିଜୟ ଲକ୍ଷ୍ମୀ ଦାସ ସଫଳତାର ସହ ସମ୍ପାଦନ କରିଥିଲେ ।



'ଚିନ୍ତନ ଶିବିର'ର ଉଦ୍ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡ଼ା ଏବଂ ଯୁବସେବା ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ ।

## ରାଜ୍ୟସ୍ତରୀୟ ଚିନ୍ତନ ଶିବିର

# ଉତ୍କର୍ଷତା ଏକ ଗନ୍ତବ୍ୟସ୍ଥଳ ନୁହେଁ, ବରଂ ଏକ ନିରନ୍ତର ଯାତ୍ରା: ରାଜ୍ୟପାଳ

**ଭୁବନେଶ୍ୱର,୭।୬/ଏନ୍ଏନ୍ଏସ୍:** କ୍ରୀଡ଼ା କେବଳ ଉଚ୍ଚ ପ୍ରଦର୍ଶନର ଏକ ମାଧ୍ୟମ ନୁହେଁ, ବରଂ ଯୁବପିଢ଼ି ମଧ୍ୟରେ ଚରିତ୍ର, ନେତୃତ୍ୱ, ଅନୁଶାସନ ଏବଂ ସାମାଜିକ ଦାୟିତ୍ୱବୋଧ ଗଢ଼ିବାର ଏକ ଶକ୍ତିଶାଳୀ ମାଧ୍ୟମ ହେବା ଉଚିତ ବୋଲି ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟି କହିଛନ୍ତି । ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦ୍ୱାରା ଆୟୋଜିତ ଦୁଇ ଦିନିଆ ରାଜ୍ୟସ୍ତରୀୟ ଚିନ୍ତନ ଶିବିର ୨୦୨୬କୁ ଉଦ୍‌ଘାଟନ କରିବା ଅବସରରେ ରାଜ୍ୟପାଳ ଏହା କହିଛନ୍ତି ।

ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ତୃଣମୂଳସ୍ତରରେ କ୍ରୀଡାକୁ ସୁଦୃଢ଼ କରିବା, ଯୁବ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ଯୁବ ଖେଳାଳିମାନଙ୍କ ପାଇଁ ସେମାନଙ୍କର ପୂର୍ଣ୍ଣ ସମ୍ଭାବନାକୁ ସାକାର କରିବା ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବା ନିମନ୍ତେ କ୍ରୀଡା ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାକୁ ଉପଯୋଗ କରିବା ନିତାନ୍ତ ଆବଶ୍ୟକ । ଏହି ଚିନ୍ତନ ଶିବିରକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ବୋଲି ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ ଚିନ୍ତନ ଶିବିର କେବଳ ଏକ ଅନୁଷ୍ଠାନ ନୁହେଁ, ଏହା ଅଭିଜ୍ଞତା, ବିଶେଷଜ୍ଞତା ଏବଂ ନୂତନ ଚିନ୍ତାଧାରାକୁ ଏକତ୍ରିତ କରି ପ୍ରତିଷ୍ଠାନଗୁଡ଼ିକୁ ମଜବୁତ କରିବା ଏବଂ ନିରନ୍ତର ଉନ୍ନତି ସାଧନ କରିବାର ଏକ ମାଧ୍ୟମ । ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ତାଙ୍କ ଟିମ୍‌କୁ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ରାଜ୍ୟପାଳ ଅଭିନନ୍ଦନ ଜଣାଇଛନ୍ତି । ନୀତି ନିର୍ମାତା, କ୍ରୀଡ଼ା ପ୍ରଶାସକ, କ୍ରୀଡ଼ାବିତ୍, ଶିଳ୍ପପତି, କ୍ରୀଡ଼ା ବିଜ୍ଞାନ ବିଶେଷଜ୍ଞ ଏବଂ ବିଦ୍ୱାନ୍‌ମାନଙ୍କ ଅଂଶଗ୍ରହଣ ଓଡ଼ିଶାରେ କ୍ରୀଡ଼ାର ବିକାଶ ପାଇଁ ସମ୍ମିଳିତ ପ୍ରତିବଦ୍ଧତାର ପ୍ରତୀକ ବୋଲି ରାଜ୍ୟପାଳ ବର୍ଣ୍ଣନା କରିଥିଲେ । ନବସୃଜନ ଏବଂ ନିରନ୍ତର ଉନ୍ନତିର ଗୁରୁତ୍ୱ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ଉତ୍କର୍ଷତା କେବେ ଏକ ଗନ୍ତବ୍ୟସ୍ଥଳ ନୁହେଁ ବରଂ ଏକ ନିରନ୍ତର ଯାତ୍ରା । ପ୍ରକୃତ ସଫଳତା ସେମାନଙ୍କର ଯେଉଁମାନେ ନିରନ୍ତର ଭଲ ଉପାୟ ଅବଲମ୍ବନ କରନ୍ତି । ଅଭିଜ୍ଞତାରୁ ଶିଖିଲେ, ତ୍ରୁଟିଗୁଡ଼ିକୁ ଦୂର କଲେ ଏବଂ ନୂତନ ଚିନ୍ତାଧାରା ଗ୍ରହଣ କଲେ ଉନ୍ନତି ହୁଏ ବୋଲି ରାଜ୍ୟପାଳ ମତ ପ୍ରକାଶ କରିଥିଲେ । କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶାର ସଫଳତାକୁ ପ୍ରଶଂସା କରି ରାଜ୍ୟପାଳ କହିଥିଲେ ଯେ ରାଜ୍ୟ ଭିତ୍ତିଭୂମିରେ ନିରନ୍ତର ନିବେଶ, ତୃଣମୂଳସ୍ତରରେ ପ୍ରତିଭା ବିକାଶ ଏବଂ ପ୍ରମୁଖ ଜାତୀୟ ଏବଂ ଅନ୍ତର୍ଜାତୀୟ ଇଭେଣ୍ଟଗୁଡ଼ିକର ସଫଳ ଆୟୋଜନ ମାଧ୍ୟମରେ ଓଡ଼ିଶା ଏକ ଅଗ୍ରଣୀ କ୍ରୀଡା ଗନ୍ତବ୍ୟସ୍ଥଳ ଭାବରେ ଉଭା ହୋଇଛି । ଚିନ୍ତନ ଶିବିରର ଆଲୋଚନା ଓଡ଼ିଶାର କ୍ରୀଡ଼ା ଓ ଯୁବ ବିକାଶ କ୍ଷେତ୍ରରେ ମୂଲ୍ୟବାନ ପରାମର୍ଶ ଓ ସୁପାରିଶ ପ୍ରଦାନ କରିବ ବୋଲି ରାଜ୍ୟପାଳ ଆଶା ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ କ୍ରୀଡ଼ା ଓ ଯୁବ ସେବା ବିଭାଗର ସଚିବ ଭୁପେନ୍ଦ୍ର ସିଂହ ପୁନିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ୱାର୍ଲ୍ଡ ଆଥଲେଟିକ୍ସର ଉପାଧ୍ୟକ୍ଷ ଆଦିଲ୍ଲେ ସୁମାରିୱାଲା, ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ସ୍ୱିମିଂ ଫେଡେରେସନ୍ ଅଫ୍ ଇଣ୍ଡିଆର ଜେନେରାଲ୍ ସେକ୍ରେଟାରୀ ମୋନାଲ୍ ଚୋକ୍ସି ଏବଂ ପଦ୍ମଶ୍ରୀ ଦୀପା ମଲିକ ପ୍ରମୁଖ ମଞ୍ଚାସୀନ ଥିଲେ ।

## ଓଡ଼ିଶା ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ

# 'ଭିଜନ୍ ଡକ୍ୟୁମେଣ୍ଟ ସହ ସମନ୍ୱୟ ରଖି ଋଣ ପ୍ରଦାନ କର'

**ଭୁବନେଶ୍ୱର,୭।୬/ଏନ୍ଏନ୍ଏସ୍:** ସମସ୍ତ କ୍ଷେତ୍ରରେ ସନ୍ତୁଳିତ ଓ ସମାବେଶୀ ଅଭିବୃଦ୍ଧି ପାଇଁ ଋଣ ପ୍ରବାହକୁ ଅଧିକ ସୁଦୃଢ଼ କରିବା ଦରକାର । ଓଡ଼ିଶାର ଭିଜନ୍ ଡକ୍ୟୁମେଣ୍ଟ ସହ ସମନ୍ୱୟ ରଖି ସମସ୍ତ କ୍ଷେତ୍ରକୁ ଋଣ ପ୍ରଦାନ କରାଯିବା ସହ ପର୍ଯ୍ୟଟନ, କୃଷି ଉଦ୍ୟୋଗୀକରଣ, ଗଭୀର ସମୁଦ୍ର ମତ୍ସ୍ୟଚାଷ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଭଳି ନୂତନ କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଦିଆଯିବ । ମାର୍ଚ୍ଚ ୨୦୨୬ ତ୍ରୈମାସିକ ଶେଷ ପର୍ଯ୍ୟନ୍ତ କାର୍ଯ୍ୟଦକ୍ଷତାର ସମୀକ୍ଷା ପାଇଁ ଓଡ଼ିଶା ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସ୍ଏଲ୍‌ବିସି)ର ୧୮୩ତମ ବୈଠକ ୬ ଜୁନ୍ ୨୦୨୬ରେ ଭୁବନେଶ୍ୱରସ୍ଥିତ ହୋଟେଲ ତାଜ୍ ବିବାନ୍ତାରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ କହିଛନ୍ତି ଯେ ରାଜ୍ୟର ପରବର୍ତ୍ତୀ ପର୍ଯ୍ୟାୟର ବିକାଶରେ ସେବା କ୍ଷେତ୍ରକୁ ବିଶେଷ ଗୁରୁତ୍ୱ ଦେଇ ଋଣ ବିସ୍ତାର କରାଯିବ । ନିବେଶ ଓ ଉଦ୍ୟୋଗ ବୃଦ୍ଧିକୁ ପ୍ରୋତ୍ସାହନ ଦେବା ପାଇଁ 'ଇଜ୍ ଅଫ୍ ଡୁଇଂ ବିଜନେସ୍' ବା 'ବ୍ୟବସାୟ ଅନୁକୂଳ ପରିବେଶ' ସୃଷ୍ଟି କରିବା ପରି ପଦକ୍ଷେପଗୁଡ଼ିକୁ ଅଧିକ ସକ୍ରିୟ ଭାବେ କାର୍ଯ୍ୟକାରୀ କରାଯିବ । ମହିଳା ଉଦ୍ୟୋଗୀମାନଙ୍କୁ ଅଧିକ ଋଣ ସହାୟତା ପ୍ରଦାନ କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀ ଠାରୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଦିଗକୁ ସେମାନଙ୍କର ଅଗ୍ରଗତିକୁ ପ୍ରୋତ୍ସାହନ ଦିଆଯିବ । ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ସମ୍ପୂର୍ଣ୍ଣ ଭାବେ ସିକେୱାଇସି ପ୍ରଣାଳୀର ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ସମସ୍ତ ବ୍ୟାଙ୍କକୁ ଗ୍ରାମାଞ୍ଚଳରେ ବ୍ୟାଙ୍କିଙ୍ଗ ନେଟୱାର୍କ ବିସ୍ତାର କରିବା ପାଇଁ ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ, କୃଷି ଓ କୃଷକ ସଶକ୍ତୀକରଣ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ, ଗଝଗର ଏବଂ ମିଶନ ଶକ୍ତି ବିଭାଗର ସଚିବବୃନ୍ଦ, ବିଭିନ୍ନ ବିଭାଗର ନିର୍ଦ୍ଦେଶକ ଓ ବରିଷ୍ଠ ସରକାରୀ ଅଧିକାରୀମାନେ, ୟୁକୋ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସମେତ ସମସ୍ତ ବ୍ୟାଙ୍କର ମୁଖ୍ୟ ନିୟନ୍ତ୍ରକବୃନ୍ଦ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ତିନୋଟି ବ୍ୟାଙ୍କ୍ ଏବଂ ତିନୋଟି ଜିଲ୍ଲାକୁ ପୁରସ୍କୃତ କରାଯାଇଥିଲା ।

## ଦିବ୍ୟଜ୍ଞାନ ପୀଠ ମଳୟଗିରି ମନ୍ଦିରରେ ତାଲା

# ମନ୍ଦିରରୁ ମୂର୍ତ୍ତି ଉଭାନ, ପୁନରୁଦ୍ଧାର ପାଇଁ ଦାବି

**ଭୁବନେଶ୍ୱର,୭।୬/ଏନ୍ଏନ୍ଏସ୍:** ଲିଙ୍ଗରାଜ ମନ୍ଦିର ଭିତରେ ଥିବା ଦିବ୍ୟଜ୍ଞାନ ପୀଠ ମଳୟଗିରି ମନ୍ଦିର ଦୀର୍ଘ ଦିନ ହେବ ବନ୍ଦ ହୋଇ ରହିବା ସହିତ ତାଲା ପଡ଼ିଛି । ଦୁଇଟି ମନ୍ଦିର ଭିତରେ ପୂଜା ପାଉଥିବା ମୂର୍ତ୍ତି କେଉଁ ଆଡେ ଉଭାନ ହୋଇଯାଇଛି । ଏହାର ପୁନଃରୁଦ୍ଧାର ପାଇଁ ଦାବି କରିଛି ମାଟିବଂଶ ଅଭିଧାନ ସମାଜ । ମାଟିବଂଶ ଅଭିଧାନ ସମାଜ ଅଭିଯୋଗ ଅନୁସାରେ କେଉଁ ଆବାହନ କାଳ (ପ୍ରାୟତଃ ଯଯାତି କେଶରୀ ରାଜାଙ୍କ ସମୟ)ରୁ ଲିଙ୍ଗରାଜ ମନ୍ଦିରର ମୁଖ୍ୟ ଫାଟକ ଦେଇ ବେଢା ଭିତରକୁ ପ୍ରବେଶ କରିବା ମାତ୍ରେ ବାମ ପାର୍ଶ୍ୱରେ ମଳୟଗିରି ନାମରେ ଦିବ୍ୟଜ୍ଞାନ ପୀଠ ଥିଲା । ଏହି ପୀଠରେ ଦୁଇଟି ମନ୍ଦିର ରହିଥିଲା । ଡାହାଣ ପାର୍ଶ୍ୱ ମନ୍ଦିରରେ ଦେବଗୁରୁ ବାସୁଦେବ ବିଦ୍ୟାବନ୍ତଙ୍କର ମୂର୍ତ୍ତି ଓ ବାମ ପାର୍ଶ୍ୱ ମନ୍ଦିରରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ବାଲୁତ ଅବସ୍ଥାର ତ୍ରିମୂର୍ତ୍ତି ପୂଜା ପାଉଥିଲେ । ପ୍ରତିବର୍ଷ ଅଶୋକାଷ୍ଟମୀରେ ମାଟିବଂଶ ଅବଦାନ କୂଳ ଆସି ମଳୟଗିରିରେ ବୈଠକ କରିବା ସହିତ ପୂଜାର୍ଚ୍ଚନା କରୁଥିଲେ । ବର୍ତ୍ତମାନ ଏହି ମନ୍ଦିରରେ ତାଲା ପଡ଼ିବା ସହିତ ମନ୍ଦିର ଭିତରେ ମୂର୍ତ୍ତି ନାହିଁ । ଏହାର ରକ୍ଷଣାବେକ୍ଷଣ କରାଯାଉନାହିଁ । ଏନେଇ ମାଟିବଂଶ ଅଭିଧାନ ସମାଜ ପକ୍ଷରୁ ରାଜ୍ୟ ସରକାର, ଏଏସ୍ଆଇ ଓ ମନ୍ଦିର ଟ୍ରଷ୍ଟ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ସମାଜ ସଭାପତି ଅଭିରାମ ନାୟକ କହିଛନ୍ତି । ଏହାର ପୁନଃରୁଦ୍ଧାର କରାଯିବା ସହିତ ମୂର୍ତ୍ତି ସ୍ଥାପନ କରିବା ପାଇଁ ମାଟିବଂଶ ଅଭିଧାନ ସମାଜ ଓ ଧାର୍ମିକ ବ୍ୟକ୍ତି ବିଶେଷ ଦାବି କରିଛନ୍ତି ।

## ଓଡ଼ିଶାରେ ଏସ୍ଆଇଆର୍

# ୯ ଦିନରେ ୨ କୋଟିରୁ ଉର୍ଦ୍ଧ୍ୱ ଭୋଟର୍‌ଙ୍କୁ ଫର୍ମ ବଣ୍ଟନ

**ଭୁବନେଶ୍ୱର,୭।୬/ଏନ୍ଏନ୍ଏସ୍:** ରାଜ୍ୟରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ଓଡ଼ିଶା ଏକ ବଡ଼ ସଫଳତା ହାସଲ କରିଛି । ଏହି ସ୍ୱତନ୍ତ୍ର ଅଭିଯାନର ମାତ୍ର ୯ମ ଦିନ ସୁଦ୍ଧା ରାଜ୍ୟର ୨ କୋଟିରୁ ଅଧିକ ଭୋଟରଙ୍କ ନିକଟରେ ସମ୍ପୃକ୍ତ ଫର୍ମ ପହଞ୍ଚାଇବା କାର୍ଯ୍ୟ ସଫଳତାର ସହ ଚାଲିଛି । ମିଳିଥିବା ସୂଚନା ଅନୁଯାୟୀ, ଆଜି ସୁଦ୍ଧା ରାଜ୍ୟର ପ୍ରାୟ ୭୦ ପ୍ରତିଶତ ଭୋଟରଙ୍କୁ ଏହି ଫର୍ମ ବଣ୍ଟନ କରାଯାଇ ସାରିଛି । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ସମସ୍ତ ନିର୍ବାଚନ ମଣ୍ଡଳୀରେ ଭୋଟର ସୂଚୀକୁ ଅଧିକ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ କରିବା ପାଇଁ ଏହି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି । ମାତ୍ର ୯ ଦିନ ଭିତରେ ୨ କୋଟି ୩୧ଲକ୍ଷ ୭୭ ହଜାର ୮୪ ଜଣ ଭୋଟରଙ୍କ ପାଖରେ ପହଞ୍ଚିବା ପ୍ରଶାସନର ଦ୍ରୁତ କାର୍ଯ୍ୟଦକ୍ଷତା ଓ ସୁପରିଚାଳନାକୁ ଦର୍ଶାଉଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ପ୍ରକ୍ରିୟାର କଡ଼ା ଅନୁଧ୍ୟାନ କରାଯାଉଥିବା ବେଳେ ବୁଥ୍ ସ୍ତରୀୟ ଅଧିକାରୀମାନେ ଅତ୍ୟନ୍ତ ନିଷ୍ଠାର ସହ ଏହି ଦାୟିତ୍ୱ ନିର୍ବାହ କରୁଛନ୍ତି । ଯେଉଁ ଯୋଗ୍ୟ ଭୋଟର୍‌ମାନେ ଏପର୍ଯ୍ୟନ୍ତ ନିଜର ପରିଗଣନା ଫର୍ମ ବୁଥ୍ ସ୍ତରୀୟ ଅଧିକାରୀଙ୍କ ପାଖରେ ଦାଖଲ କରିନାହାନ୍ତି, ସେମାନେ ତୁରନ୍ତ ଏହାକୁ ଜମା କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ଫର୍ମ ଦାଖଲ ନକଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରୁ ବାଦ୍ ପଡ଼ିବାର ଆଶଙ୍କା ରହିଛି । ସାଧାରଣ ଲୋକଙ୍କ ସୁବିଧା ପାଇଁ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଭୋଟରମାନେ ଚାହିଁଲେ ବିଏଲ୍ଓଙ୍କ ପାଖକୁ ନଯାଇ ସିଧାସଳଖ ଅନ୍‌ଲାଇନ୍ ମାଧ୍ୟମରେ ମଧ୍ୟ ନିଜର ଫର୍ମ ଦାଖଲ କରିପାରିବେ । ସମସ୍ତ ଯୋଗ୍ୟ ଭୋଟର ନିଜର ବିଏଲ୍ଓଙ୍କ ସହ ତୁରନ୍ତ ଯୋଗାଯୋଗ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ତଥ୍ୟ ସହ ପରିଗଣନା ଫର୍ମ ଦାଖଲ କରି ଏହି ପ୍ରକ୍ରିୟାରେ ନିଜର ନାମ ଅନ୍ତର୍ଭୁକ୍ତ ସୁନିଶ୍ଚିତ କରିବାକୁ କୁହାଯାଇଛି । ଭୋଟର ତାଲିକାରେ ନାମ ସାମିଲ, ସଂଶୋଧନ କିମ୍ବା ଏହି ସମ୍ପର୍କିତ ଯେ କୌଣସି ଜନସାଧାରଣ ସୂଚନା ଓ ସହାୟତା ପାଇଁ ନିର୍ବାଚନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ମାଗଣା ହେଲ୍‌ପଲାଇନ୍ ନମ୍ବର ୧୯୫୦କୁ କଲ୍ କରି ସବିଶେଷ ସୂଚନା ପାଇପାରିବେ । ରାଜ୍ୟର କୌଣସି ବି ଯୋଗ୍ୟ ଭୋଟର ଯେପରି ଏହି ପ୍ରକ୍ରିୟାରୁ ବଞ୍ଚିତ ନ ହେବେ, ସେଥିପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଆଗାମୀ କିଛି ଦିନ ମଧ୍ୟରେ ବାକି ରହିଯାଇଥିବା ୩୦ ପ୍ରତିଶତ ଭୋଟରଙ୍କ ନିକଟରେ ଫର୍ମ ପହଞ୍ଚାଇ ୧୦୦ ପ୍ରତିଶତ ଲକ୍ଷ୍ୟ ପୂରଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଶତପ୍ରତିଶତ ସଫଳ କରିବା ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି ।

## ମହାକାଶରେ ଅପରୂପ ମିଳନ

# ଆଜିଠୁ ଦୁଇ ଦିନ ପାଖାପାଖି ଦେଖାଯିବେ ଶୁକ୍ର ଓ ବୃହସ୍ପତି

**ଭୁବନେଶ୍ୱର,୭।୬/ଏନ୍ଏନ୍ଏସ୍:** ଚଳିତ ବର୍ଷର ସବୁଠାରୁ ଆକର୍ଷଣୀୟ ତଥା ରୋମାଞ୍ଚକର ମହାକାଶୀୟ ଘଟଣାକ୍ରମ ଚଳିତ ମାସ ୮ ଏବଂ ୯ ତାରିଖ ସନ୍ଧ୍ୟାରେ ଦେଖିବାକୁ ମିଳିବ । ସୌରମଣ୍ଡଳର ଦୁଇଟି ପ୍ରମୁଖ ଉଜ୍ଜ୍ୱଳ ଗ୍ରହ ଶୁକ୍ର ଏବଂ ବୃହସ୍ପତି ପରସ୍ପରର ଅତି ନିକଟତର ହେବାକୁ ଯାଉଛନ୍ତି, ଯାହାକୁ

## ସୃଷ୍ଟି ହେବ ଦ୍ୱିଗୁରୁ ଯୋଗ



ଜ୍ୟୋତିର୍ବିଜ୍ଞାନ ଭାଷାରେ ଗ୍ରହ ସଂଯୋଗ ବୋଲି କୁହାଯାଏ । ବିଶେଷ କରି ଜୁନ୍ ୯ ତାରିଖ ସନ୍ଧ୍ୟାରେ ପଶ୍ଚିମ ଆକାଶରେ ଏହି ଦୁଇ ଗ୍ରହଙ୍କ ଦୂରତା ମାତ୍ର ୧.୫ ଡିଗ୍ରୀ ରହିବ, ଯାହା ପୂର୍ଣ୍ଣ ଚନ୍ଦ୍ର ବ୍ୟାସର ପ୍ରାୟ ୩ ଗୁଣ ଅଞ୍ଚଳ ମଧ୍ୟରେ ସୀମିତ । ସୂର୍ଯ୍ୟାସ୍ତ ପରେ ପ୍ରାୟ ଏକରୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ, ଅର୍ଥାତ୍ ସନ୍ଧ୍ୟା ୭ଟାରୁ ରାତି ୮ଟା ମଧ୍ୟରେ ଏହି ଦୃଶ୍ୟ ଖାଲି ଆଖିରେ ଅତ୍ୟନ୍ତ ସ୍ପଷ୍ଟ ଭାବେ ଦୃଶ୍ୟମାନ ହେବ । ଆକାଶ ମେଘମୁକ୍ତ ରହିଲେ ଓଡ଼ିଶା ସମେତ ସମଗ୍ର ଭାରତବାସୀ ଏହି ଅଲୌକିକ ଦୃଶ୍ୟର ଆନନ୍ଦ ନେଇପାରିବେ । ଏଥିରେ ସବୁଠାରୁ ଅଧିକ ଚମକୁଥିବା ଶୁକ୍ର ଗ୍ରହ ଉପର ଭାଗରେ ଏବଂ ତା' ତଳକୁ ସାମାନ୍ୟ କମ୍ ଉଜ୍ଜ୍ୱଳ ଥିବା ସୌରମଣ୍ଡଳର ସର୍ବବୃହତ୍ ଗ୍ରହ ବୃହସ୍ପତି ଶୋଭା ପାଇବେ । ବାସ୍ତବରେ ମହାକାଶରେ ଶୁକ୍ର ସୂର୍ଯ୍ୟଠାରୁ ୧୧ କୋଟି କିଲୋମିଟର ଏବଂ ବୃହସ୍ପତି ୭୮ କୋଟି କିଲୋମିଟର ଦୂରରେ ରହିଥିଲେ ମଧ୍ୟ ପୃଥିବୀ, ଶୁକ୍ର ଓ ବୃହସ୍ପତି ଗୋଟିଏ ସରଳ ରେଖାରେ ଅବସ୍ଥାପିତ ହେଉଥିବାରୁ ଏମାନେ ପରସ୍ପରର ନିକଟତର ଥିବା ଭଳି ଭ୍ରମ ସୃଷ୍ଟି ହେବ । ବିଜ୍ଞାନ ବ୍ୟତୀତ ପ୍ରାଚୀନ ଜ୍ୟୋତିଷ ଶାସ୍ତ୍ରରେ ମଧ୍ୟ ଏହି ବିରଳ ସଂଯୋଗର ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଛି । ଜ୍ୟୋତିଷ ଗଣନା ଅନୁସାରେ ବୃହସ୍ପତି ହେଉଛନ୍ତି ଦେବଗୁରୁ ଏବଂ ଶୁକ୍ର ହେଉଛନ୍ତି ଦୈତ୍ୟଗୁରୁ । ଅନେକ ବର୍ଷ ପରେ ଏହି ଦୁଇ ଗୁରୁଙ୍କର ଏକତ୍ରିକରଣ ହେଉଥିବାରୁ ଏହାକୁ 'ଦ୍ୱିଗୁରୁ ଯୋଗ' କୁହାଯାଏ, ଯାହା ସମାଜରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବ । ଜ୍ୟୋତିର୍ବିଦମାନଙ୍କ ମତରେ ଏହି ଶୁଭଙ୍କର ଘଟଣା ପ୍ରଭାବରେ ଜୀବିକା, ବ୍ୟବସାୟ, ସେୟାର ବଜାର ଏବଂ ଆର୍ଥିକ କ୍ଷେତ୍ରରେ ବଡ଼ ସଫଳତା ମିଳିବାର ସମ୍ଭାବନା ରହିଛି । ପୂର୍ବରୁ ଏହିଭଳି ଦୃଶ୍ୟ ୨୦୨୩ ମାର୍ଚ୍ଚ ୧ ତାରିଖରେ ଦେଖାଯାଇଥିବା ବେଳେ ଆଗାମୀ ଦିନରେ ପୁଣି ୨୦୨୭ ଅଗଷ୍ଟ ୨୬ ସନ୍ଧ୍ୟାରେ ଏହାର ପୁନରାବୃତ୍ତି ହେବ । ତେଣୁ ଚଳିତ ଜୁନ୍ ୮ ଓ ୯ ତାରିଖ ସନ୍ଧ୍ୟାରେ ଆକାଶକୁ ଅନାଇ ବିଜ୍ଞାନ ଓ ଜ୍ୟୋତିଷର ଏହି ଅପୂର୍ବ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ଆହ୍ୱାନ କରାଯାଇଛି ।

## ଆଜିର ଇତିହାସ

- ୧୯୩୬-ଭାରତର ସରକାରୀ ନେଟୱର୍କର ନାମ ପରିବର୍ତ୍ତନ କରି ଅଲ ଇଣ୍ଡିଆ ରେଡିଓ ରଖାଗଲା ।
- ୧୯୪୮-ଏୟାର ଇଣ୍ଡିଆ ଭାରତ ଓ ବ୍ରିଟେନ ମଧ୍ୟରେ ଉଡ଼ାଣ ସେବା ଆରମ୍ଭ କଲା ।
- ୧୯୫୭-ଅଭିନେତ୍ରୀ ଡିମ୍ପଲ କାପାଡ଼ିଆଙ୍କ ଜନ୍ମଦିନ ।
- ୨୦୦୪-ଭାରତ ସମେତ ଅନେକ ଦେଶରେ ୧୨୨ ବର୍ଷ ପରେ ଶୁକ୍ର ପାରଗମନର ଅଦ୍ଭୁତ ଦୃଶ୍ୟ ଦେଖିବାକୁ ମିଳିଥିଲା ।
- ୨୦୦୯-ପ୍ରସିଦ୍ଧ ପଟ୍ଟକଥା ଲେଖକ, ନାଟ୍ୟ ନିର୍ଦ୍ଦେଶକ, କବି ଓ ଅଭିନେତା ହବିବ୍ ତନ୍ୱୀରଙ୍କ ନିଧନ ।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - ନୂଆ ଲୋକଙ୍କ ସହିତ ସାକ୍ଷାତ ହେବ । ପାରିବାରିକ ସମ୍ବନ୍ଧକୁ ମହତ୍ତ୍ୱ ଦେବେ । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ । ପୈତୃକ ନିବାସକୁ ଯାତ୍ରା କରିପାରନ୍ତି । ନିଜକୁ ଉଦାର ରଖିଲେ ସମସ୍ୟା କମ୍ ହେବ ।

**ବୃଷ** - ପ୍ରେମ ଜୀବନ ଖୁବ୍ ଭଲରେ ଚାଲିବ । ଦିନଟି ଆପଣଙ୍କ ପାଇଁ ଲାଭଦାୟୀ ପ୍ରମାଣିତ ହେବ । ଚାକିରି କରୁଥିବା ଲୋକଙ୍କୁ ଉଚ୍ଚାଧିକାରୀଙ୍କ ସହଯୋଗ ମିଳିବ । ମାନ-ସମ୍ମାନ ବୃଦ୍ଧି ହେବ । କ୍ୟାରିୟର ଦୃଷ୍ଟିରୁ ଦିନଟି ଅନୁକୂଳ ।

**ମିଥୁନ** - ଦିନଟିରେ ଅଧିକ ଖର୍ଚ୍ଚ ହେବ । ମନ ଚିନ୍ତିତ ରହିବ । ସମାଜରେ ମାନ-ସମ୍ମାନ ବୃଦ୍ଧି ହେବ । ବ୍ୟବସାୟୀମାନେ ଲାଭାନ୍ୱିତ ହେବେ । ଅଟକିଥିବା ଧନ ଫେରିପାଇବେ ।

**କର୍କଟ** - ଆଜି ମନ ପ୍ରସନ୍ନ ରହିବ । ଆତ୍ମବିଶ୍ୱାସ ବୃଦ୍ଧି ହେବ । ପରିବାର ଲୋକଙ୍କ ସ୍ୱାସ୍ଥ୍ୟର ଧ୍ୟାନ ରଖିବେ । ଶିକ୍ଷା ସହିତ ଜଡ଼ିତ ଲୋକମାନେ ସାବଧାନ ରହିବେ । ଆତ୍ମନିର୍ଭରଶୀଳ ହୋଇପାରନ୍ତି ।

**ସିଂହ** - ଆଜି ମନ ଅଶାନ୍ତ ରହିବ । ମାତାପିତାଙ୍କ ସ୍ୱାସ୍ଥ୍ୟରେ ସୁଧାର ହେବ । କାରବାରରେ ବୃଦ୍ଧି ଯୋଗ ରହିଛି । ଚାକିରି କରୁଥିବା ଲୋକମାନଙ୍କ ସ୍ଥାନ ପରିବର୍ତ୍ତନ ହୋଇପାରେ । ଆର୍ଥିକ ସ୍ଥିତି ମଜଭୁତ ହେବ ।

**କନ୍ୟା** - ଆପଣଙ୍କ ବାଣୀରେ ମଧୁରତା ରହିବ । ମାତାପିତାଙ୍କ ସହଯୋଗ ପାଇବେ । ସନ୍ତାନ ସୁଖ ବୃଦ୍ଧି ହେବ । କାରବାରରେ ବ୍ୟସ୍ତତା ବଢ଼ିବ । ଆର୍ଥିକ ଲାଭର ଅବସର ପାଇବେ । ଚାକିରି କ୍ଷେତ୍ରରେ ସ୍ଥାନ ପରିବର୍ତ୍ତନ ହୋଇପାରେ ।

**ତୁଳା** - ଆଜି ଆପଣଙ୍କୁ ଭାଗ୍ୟର ସହଯୋଗ ମିଳିବ । ପରିବାରର ସଦସ୍ୟମାନେ ଆପଣଙ୍କ ସାଥିରେ ରହିବେ । ସନ୍ତାନଙ୍କ ସ୍ୱାସ୍ଥ୍ୟରେ ସୁଧାର ହେବ । କାରବାରରେ ବୃଦ୍ଧି ଯୋଗ ରହିଛି । ଭାଗ୍ୟ ବୃଦ୍ଧି ହେବ । ଧନ ଲାଭର ସଂକେତ ମିଳୁଛି ।

**ବିଛା** - ଆପଣଙ୍କ ମନ ଆଜି ଚିନ୍ତିତ ରହିବ । ସ୍ୱାସ୍ଥ୍ୟର ଧ୍ୟାନ ରଖିବା ଜରୁରୀ । ମାତାପିତାଙ୍କ ସହଯୋଗରୁ ବିବାହ ସ୍ଥିର ହୋଇପାରେ । କାରବାରରେ ଲାଭ ମିଳିବ । ପରିବାରରେ ସୁଖର ଆଗମନ ହୋଇପାରେ ।

**ଧନୁ** - ଜୀବନ ଆଜି ଉତ୍ଥାନ-ପତନ ଭରା ରହିବ । କାରବାରରେ ଲାଭର ଅବସର ରହିଛି । କିଛି କାମରେ ଧନ ଖର୍ଚ୍ଚ କରିବାକୁ ପଡ଼ିବ । ପରିବାରର ସହଯୋଗ ପାଇବେ । ମନ ଅଶାନ୍ତ ରହିପାରେ ।

**ମକର** - ଆତ୍ମବିଶ୍ୱାସ ବୃଦ୍ଧି ହେବ । କଳା, ସଙ୍ଗୀତ ଆଦି ସହିତ ଜଡ଼ିତ ଲୋକମାନଙ୍କର ଉନ୍ନତିର ଅବସର ରହିଛି । ମିତ୍ରଙ୍କ ସହଯୋଗରୁ ଚାକିରି ମିଳିପାରେ । ଭାଗ୍ୟ ବୃଦ୍ଧି ଯୋଗ ରହିଛି । ବ୍ୟାପାରୀଙ୍କୁ ବିସ୍ତାରର ଅବସର ମିଳିବ ।

**କୁମ୍ଭ** - ଆଜି ଆପଣଙ୍କ ଦିନଟି ସୁଖମୟ ରହିବ । ଆତ୍ମବିଶ୍ୱାସ ବୃଦ୍ଧି ହେବ । ଜୀବନସାଥୀର ସହଯୋଗ ପାଇବେ । ପାଠପଢ଼ା କ୍ଷେତ୍ରରେ ବିଦ୍ୟାର୍ଥୀଙ୍କ ମନ ଲାଗିବ । ନୂଆ ଚାକିରିର ଅବସର ମିଳିପାରେ ।

**ମୀନ** - ଦିନଟି ଆଜି ଅନୁକୂଳ ରହିବ । ପରିବାରରେ ଚାଲିଥିବା ସମସ୍ୟାର ଅନ୍ତ ହେବ । ବ୍ୟାପାରୀମାନେ ଫଣ୍ଡ ଜୁଟେଇବାରେ ସଫଳ ହେବେ । ପରିବାରରେ ଅତିଥିଙ୍କ ଆଗମନ ହୋଇପାରେ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ ।

## ଶ୍ରୀମଦ୍ ଭଗବଦ୍ଗୀତା



**ଶରୀରବାଙ୍ମନୋଭିର୍ଯତ୍ କର୍ମ ପ୍ରାରଭତେ ନରଃ ।
ନ୍ୟାଯ୍ୟଂ ବା ବିପରୀତଂ ବା ପଞ୍ଚୈତେ ତସ୍ୟ ହେତବଃ । (୧୮/୧୫)**

ମନୁଷ୍ୟ ଶରୀର, ବାକ୍ୟ ଓ ମନ ଦ୍ୱାରା ନ୍ୟାୟସଙ୍ଗତ ଓ ଅନ୍ୟାୟସଙ୍ଗତ ଯେଉଁ କର୍ମ କରେ ପୂର୍ବୋକ୍ତ ପାଞ୍ଚଟି ତାହାର କାରଣ । ଏହାର ଅର୍ଥ ହେଉଛି ଯେ ମନୁଷ୍ୟ ଶରୀର, ମନ ସହିତ ଇନ୍ଦ୍ରିୟ ଓ ବୁଦ୍ଧି ପାଇଛି, ତାହା ଦ୍ୱାରା ସେ ଭଲ କାମ ବି କରେ । ମନ୍ଦ କାମ ବି କରେ । ଯେଉଁ ପାଞ୍ଚଟି କାରଣ ଦର୍ଶାଯାଇଛି ତାହାରି ଯୋଗୁ ସେ ଏତାଦୃଶ ଭଲ ମନ୍ଦ କାର୍ଯ୍ୟ କରିଥାଏ ।

# ଭାରତର ଆମେରିକା



ଅତୀତ କାଳର ଯାତ୍ରାର ମଜା ଉଠାଇବାକୁ ଯଦି ଚାହୁଁଛନ୍ତି ତେବେ ମଧ୍ୟପ୍ରଦେଶରେ ରହିଛି ଅନେକଗୁଡ଼ିଏ ଭ୍ରମଣଯୋଗ୍ୟ ସ୍ଥାନ । ଏଥିମଧ୍ୟରୁ ଭୀମବେଟ୍‌କା ଗୁମ୍ଫା ଅନ୍ୟତମ । ମଧ୍ୟପ୍ରଦେଶର ଭୋପାଳ ଠାରୁ ଦକ୍ଷିଣ-ପୂର୍ବରେ ୪୫ କି.ମି, ରାୟସେନ ଜିଲ୍ଲାର ଓବେଦୁଲ୍ଲାଗଞ୍ଜ ସହର ଠାରୁ ନଅ କି.ମି ଦୂରରେ ବିନ୍ଧ୍ୟ ପାହାଡ଼ଗୁଡ଼ିକର ଦକ୍ଷିଣରେ ଅବସ୍ଥିତ ଭୀମବେଟ୍‌କା । ଏହି ଗୁମ୍ଫାର ଦକ୍ଷିଣରେ ସତପୁଡ଼ା ପାହାଡ଼ର କ୍ରମିକ ଶ୍ରେଣୀ ରହିଛି । ଗୁମ୍ଫାର ଚତୁଃପାର୍ଶ୍ୱ ବିନ୍ଧ୍ୟ ପର୍ବତମାଳା ଦ୍ୱାରା ଘେରିହୋଇ ରହିଛି ଯାହାର ସମ୍ପର୍କ 'ନବ ପାଷାଣ ଯୁଗ' ସହିତ ରହିଥିବା କଥା କୁହାଯାଏ । ଭାରତର ଆମେରିକା ଭାବରେ ଜଣାଶୁଣା ଭୀମବେଟ୍‌କା ଗୁମ୍ଫାଗୁଡ଼ିକ ଆମେରିକାର ବ୍ରାଇସ୍ କ୍ୟାନୟନ୍ ନ୍ୟାସନାଲ୍ ପାର୍କ ପରି ଦେଖିବାକୁ । ସେହି ପାର୍କର ଉଚ୍ଚ ଉଚ୍ଚ ପଥରକୁ ଦେଖିଲେ କେହି ଜଣେ ଆଶ୍ଚର୍ଯ୍ୟ ହୋଇଯିବ । ଏପରି ମନେହେବ ଯେପରି ପ୍ରକୃତି ନିଜେ ଏହାର କାରୁକାର୍ଯ୍ୟ କରିଛି ।

**ନାମକରଣ**-ଭୀମବେଟ୍‌କା ହଜାର ହଜାର ବର୍ଷର ପୁରୁଣା ଗୁମ୍ଫା । ଏହା ହେଉଛି ପୁରାପାଷାଣ କାଳୀନ ଆବାସୀୟ ପୁରାତାତ୍ତ୍ୱିକ ସ୍ଥଳ ଯେଉଁଥିରେ ରହିଛି ୬୦୦ଟି ଗୁମ୍ଫା । ମହାଭାରତ କାଳର ଭୀମଙ୍କ ନାମ ଅନୁସାରେ ଭୀମବେଟ୍‌କାର ନାମ ଦିଆଯାଇଛି । ଅଜ୍ଞାତବାସ ସମୟରେ ପଞ୍ଚୁପାଣ୍ଡବ ସେଠାରେ କିଛି ସମୟ ଅତିବାହିତ କରିଥିଲେ । ସେଠାରେ ଛୋଟ ବଡ଼ ଆକାରର ୭୬୦ଟି ପଥର ଅଛି ଯେଉଁଠାରେ ସବୁ ପ୍ରକାରର ପେଣ୍ଟିଂ ରହିଛି । କିଛି ପେଣ୍ଟିଂ ଫିକା ଦେଖାଯାଉଥିଲେ ମଧ୍ୟ ସେଗୁଡ଼ିକ ଉପରେ ସୂର୍ଯ୍ୟଙ୍କ କିରଣ ପଡ଼ିଲେ ସେସବୁ ସତେଜ ଓ ଆକର୍ଷଣୀୟ ମନେହୁଏ । ଏହି ଗୁମ୍ଫାରେ ଥିବା ଶୈଳଚିତ୍ରଗୁଡ଼ିକ ପୁରାପାଷାଣ ଓ ମଧ୍ୟପାଷାଣ କାଳର ବୋଲି କୁହାଯାଉଛି । ସେଗୁଡ଼ିକୁ ଆଦିମାନବମାନେ ୩୦,୦୦୦ ବର୍ଷ ପୂର୍ବରୁ ତିଆରି କରିଥିଲେ । ଏହି ଚିତ୍ରଗୁଡ଼ିକ ମଧ୍ୟରେ ପଶୁ, ଶିକାରର ଦୃଶ୍ୟାବଳୀ, ଧାର୍ମିକ ଚିତ୍ର ଓ ଅନ୍ୟାନ୍ୟ ଦୃଶ୍ୟାଙ୍କନ ସାମିଲ ଅଛି ଯେଉଁଗୁଡ଼ିକ ଆଗାମୀ ପିଢ଼ିଙ୍କୁ ସନ୍ଦେଶ ପହଞ୍ଚାଇବାର ଏକ ମାଧ୍ୟମ ହୋଇପାରେ । ମଣିଷ ଯେତେବେଳେ ଜଙ୍ଗଲରୁ ବାହାରି ନୂଆ ଦୁନିଆ ଆରମ୍ଭ କଲା ସେତେବେଳେ ଭୀମବେଟ୍‌କାର ଏହି ଗୁମ୍ଫା ସେମାନଙ୍କୁ ଶରଣ ଦେଇଥିଲା ।

# ବିଶ୍ୱ ମହାସାଗର ଦିବସ



**ମହାସାଗରଗୁଡ଼ିକର ସଂରକ୍ଷଣ, ଏଗୁଡ଼ିକର ସତତ ବିକାଶ ଓ ମହାସାଗରଗୁଡ଼ିକ ପ୍ରତି ବୈଶ୍ୱିକ ସଚେତନତା ସୃଷ୍ଟି କରେଇବା ଏହି ଦିବସର ଉଦ୍ଦେଶ୍ୟ ।**

**ଇତିହାସ ଓ ପୃଷ୍ଠଭୂମି**- ୧୯୯୨ରେ ରିଓ ଡି ଜନେରିଓରେ ମିଳିତ ଜାତିସଂଘର ପର୍ଯ୍ୟାବରଣ ଓ ବିକାଶ ସମ୍ମିଳନୀ ସମୟରେ ବିଶ୍ୱ ମହାସାଗର ଦିବସ ପାଳନ କରିବା ପାଇଁ ପ୍ରସ୍ତାବ ରଖାଯାଇଥିଲା । ଏହାପରେ ୨୦୦୮ରେ ଆଧିକାରିକ ଭାବରେ ବିଶ୍ୱ ମହାସାଗର ଦିବସକୁ ମାନ୍ୟତା ଦିଆଯାଇଥିଲା ।

**ମହତ୍ତ୍ୱ**-ପୃଥିବୀର ୭୧ ଭାଗ ସ୍ଥାନକୁ ଘେରି ରହିଛି ମହାସାଗର । ପୃଥିବୀର ସମୁଦାୟ ଅକ୍ସିଜେନ୍ ସ୍ତରର ପାଖାପାଖି ୫୦ ପ୍ରତିଶତ ଅକ୍ସିଜେନ୍ ଉତ୍ପାଦନ କରନ୍ତି ମହାସାଗରଗୁଡ଼ିକରେ ରହୁଥିବା ଫାଇଟୋପ୍ଲାଙ୍କଟନ । ମହାସାଗର ବିଶ୍ୱର ପାଣିପାଗ ଓ ଜଳବାୟୁକୁ ନିୟନ୍ତ୍ରିତ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଯଥା- ତାପମାତ୍ରାକୁ ସନ୍ତୁଳିତ କରିବା, ତୋଫାନ୍‌ଗୁଡ଼ିକୁ ସୃଷ୍ଟି କରେଇବା ଆଦି । ମହାସାଗରଗୁଡ଼ିକରେ ଥିବା ଲକ୍ଷାଧିକ ଜୀବ ଓ ଉଦ୍ଭିଦ ପ୍ରଜାତି ଜୈବ ବିବିଧତାର ଏକ ବଡ଼ ଅଂଶ । ମତ୍ସ୍ୟ ପାଳନ, ପର୍ଯ୍ୟଟନ, ସମୁଦ୍ରୀ ତେଲ, ଗ୍ୟାସ୍ ଓ ଖଣିଜ ସଂସାଧନଗୁଡ଼ିକ ମଧ୍ୟ ମହାସାଗରଗୁଡ଼ିକରୁ ମିଳିଥାଏ ।

**ବିପଦ**-ପ୍ଲାଷ୍ଟିକ୍ ଆବର୍ଜନା, ରସାୟନ, ତେଲ ଲିକ୍ ହେବା ଯୋଗୁ ମହାସାଗରଗୁଡ଼ିକ ପ୍ରଦୂଷିତ ହୋଇଥାନ୍ତି । ସମୁଦ୍ରର ତାପମାତ୍ରା ବୃଦ୍ଧି, ଏସିଡିଫିକେସନ୍ (ଅମ୍ଳୀକରଣ), ଅଧିକ ମତ୍ସ୍ୟ ପାଳନ, ସମୁଦ୍ରୀ ଆବାସର ବିନାଶ ଓ ସମୁଦ୍ରୀ ଆବର୍ଜନା ଯୋଗୁ ମହାସାଗରଗୁଡ଼ିକ ପ୍ରତି ବିପଦ ରହିଛି ।

# ସମୁଦ୍ରର ଚାଲାକ ଶିକାରୀ



ସମୁଦ୍ରର ଗଭୀରତାରେ ରହୁଥିବା ଅକ୍ଟୋପସ୍ ନିଜର ଅନୋଖା ବୁଦ୍ଧି, ମଣିଷକୁ ଚକମା ଦେବାର କଳା ଓ ଜେଲ୍‌ବ୍ରେକ୍ ପରି ଅଜବ ପ୍ରକାରର ଗତିବିଧି ପାଇଁ ଜଣାଶୁଣା । କିନ୍ତୁ ବୈଜ୍ଞାନିକମାନଙ୍କ ହାତରେ ଲାଗିଛି ଏପରି ଏକ ସଫଳତା ଯାହା ଜୀବ ବିଜ୍ଞାନ କ୍ଷେତ୍ରରେ ହଇଚଇ ସୃଷ୍ଟି କରିଛି । ଅଧ୍ୟୟନକାରୀମାନେ ଏକ ନୂଆ ରିସର୍ଚ୍ଚରେ ଏହା ପ୍ରମାଣିତ କରିଛନ୍ତି ଯେ ଅକ୍ଟୋପସ୍ ଏକ ସାଧାରଣ କାଚ ବା ଆଇନାର ବ୍ୟବହାର କରି ନିଜର ଲୁଚେଇଥିବା ଭୋଜନକୁ ଖୋଜିପାରିବ । ଏହା ଏକ ମାନସିକ କ୍ଷମତା ଯାହା ଏ ପର୍ଯ୍ୟନ୍ତ କେବଳ ମଣିଷ, ସ୍ତନଧାରୀ ଓ କିଛି ଖାସ୍ ପକ୍ଷୀଗୁଡ଼ିକ ମଧ୍ୟରେ ଦେଖିବାକୁ ମିଳେ । ଆଶ୍ଚର୍ଯ୍ୟ କରୁଥିବା ଏହି ଅନ୍ୱେଷଣ ବୈଜ୍ଞାନିକମାନଙ୍କୁ ଚିନ୍ତା କରିବା ପାଇଁ ବାଧ୍ୟ କରିଛି । ବିନା ମେରୁଦଣ୍ଡର ପ୍ରାଣୀଙ୍କର ମସ୍ତିଷ୍କରେ ମଧ୍ୟ ମଣିଷଙ୍କ ପରି କାମ କରିବାର କ୍ଷମତା ଥାଏ । ଅକ୍ଟୋପସ୍ ଲ୍ୟାବ୍‌ରେ ଅଧ୍ୟୟନକାରୀମାନେ ତିନୋଟି ଖାସ୍ ପ୍ରଜାତିର ଅକ୍ଟୋପସ୍‌ଙ୍କୁ ଆଇନାକୁ ଏକ ହତିଆର ଭଳି ବ୍ୟବହାର କରି ନିଜ ଆଖପାଖରର ପରିବେଶକୁ ବୁଝିପାରୁଥିବାର ଦେଖିବାକୁ ପାଇଥିଲେ । ଏଥିପାଇଁ ଅନ୍ୱେଷଣକାରୀମାନେ ସେମାନଙ୍କ ଖାଦ୍ୟକୁ ଏପରି ସ୍ଥାନରେ ଲୁଚେଇ ରଖିଦେଲେ ଯେପରି ଅକ୍ଟୋପସ୍ ସିଧା ଭାବରେ ଖାଦ୍ୟକୁ ଦେଖିପାରିବେ ନାହିଁ । ଖାଦ୍ୟ କେବଳ ପ୍ରତିବିମ୍ବରେ ଦେଖିବାକୁ ମିଳିବ । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ଅକ୍ଟୋପସ୍‌ମାନେ ଆଇନାର ଛାଇ ଆଡ଼କୁ ନଯାଇ ଅସଲ ଖାଦ୍ୟ କେଉଁ ଦିଗରେ ରହିଛି ସିଧା ସେହି ଆଡ଼କୁ ଗଲେ । ତେବେ ପ୍ରଥମ ଥର ଦେଖିବାକୁ ମିଳିଲା ଯେ ବିନା ମେରୁଦଣ୍ଡୀୟ ଏହି ପ୍ରାଣୀ ଆଇନା ସାହାଯ୍ୟରେ ନିଜର ଶିକାରକୁ ଖୋଜିଥିଲା । ପ୍ରଥମେ ସେମାନଙ୍କୁ ଟ୍ୟାଙ୍କ୍‌ରେ ଲାଗିଥିବା ଆଇନା ସହିତ ଦୋସ୍ତି କରିବାର ସୁଯୋଗ ଦିଆଗଲା । ଏହାପରେ ଏକ କାଚ ଜାର୍‌ରେ ବନ୍ଦ ଜୀବନ୍ତ କଙ୍କଡ଼ାଙ୍କୁ ଆଇନା ସମ୍ମୁଖରେ ରଖାଗଲା ଓ ସେ ନିଜର ଅନୁଭବରୁ ହିଁ ଏହି କଳା ଶିଖିଥିଲେ । ତେବେ ବୈଜ୍ଞାନିକମାନେ ଆଶ୍ଚର୍ଯ୍ୟ ହୋଇଗଲେ ଯେ ସେମାନେ ପାଖାପାଖି ୭୩ ପ୍ରତିଶତ ସଠିକ୍ ଦିଗର ଚୟନ କରିପାରିଥିଲେ ଓ ନିଜର ଖାଦ୍ୟକୁ ପାଇଥିଲେ । ଏହା ମଧ୍ୟ ସତ ଯେ ଅକ୍ଟୋପସ୍ ପାଖରେ ଆଖପାଖର ପରିବେଶକୁ ଜାଣିବା ପାଇଁ ମେଣ୍ଟାଲ୍ ମ୍ୟାପ୍ ଅର୍ଥାତ ମାନସିକ ନକ୍ସା ଥାଏ ଯାହା ସାହାଯ୍ୟରେ ସେ ନଦେଖିଲେ ମଧ୍ୟ କେଉଁଠାରେ ଜିନିଷ ରଖାଯାଇଥାଏ ସେ ଖୋଜିପାରେ ।

# ଦୁର୍ଲଭ ଓ ଛୋଟ ଠେକୁଆ

ପ୍ରକୃତି ସବୁ ଜୀବମାନଙ୍କୁ କିଛି ନା କିଛି ନିର୍ଦ୍ଦିଷ୍ଟ ପରିଚୟ ଦେଇଛି ଯାହା ଜରିଆରେ ସେମାନଙ୍କୁ ସହଜରେ ଚିହ୍ନି ହୁଏ । କାହାର ଉଡ଼ିବାର ଶକ୍ତି ଥାଏ, କେହି ଦ୍ରୁତ ଗତିରେ ଦୌଡ଼ୁଥାଏ ତ କିଏ ବିଷ ଉଦ୍‌ଗୀରଣ କରିପାରେ । ଏହିଭଳି ଭାବରେ ଅନେକ ପ୍ରକାରର ଜୀବ ଅଛନ୍ତି ଯେଉଁଗୁଡ଼ିକ ଛୋଟ ତ ହୋଇଥାନ୍ତି କିନ୍ତୁ ସେମାନେ ଏତେ ଦ୍ରୁତ ଗତିରେ ଦୌଡ଼ନ୍ତି ଯେ ସେମାନଙ୍କୁ ଧରିବା କଷ୍ଟକର ହୋଇପଡ଼େ । ଠେକୁଆ ହେଉଛି ସେହି ଜୀବମାନଙ୍କ ମଧ୍ୟରୁ ଅନ୍ୟତମ । ଠେକୁଆ କେତେ ବଡ଼ ତାହା ସମସ୍ତେ ଜାଣିଛନ୍ତି । କିନ୍ତୁ ଦୁନିଆରେ ରହିଛି ଏପରି ଏକ ପ୍ରଜାତିର ଠେକୁଆ ଯାହା ସାଧାରଣ ଠେକୁଆ ଠାରୁ ବହୁତ ଛୋଟ ।



ଏପରିକି ମଣିଷର ହାତର ପାପୁଲି ମଧ୍ୟରେ ଏହା ଫିଟ୍ ହୋଇଯାଏ । କଲମ୍ବିଆ ବେସିନ୍ ପିଗ୍‌ମୀ ନାମକ ଠେକୁଆକୁ ଦୁନିଆରେ ସବୁଠାରୁ ଛୋଟ ଠେକୁଆ ବୋଲି କୁହାଯାଏ । ଏହି କାରଣରୁ ଏହି ପ୍ରଜାତିକୁ ବହୁତ ଦୁର୍ଲଭ ବୋଲି ଲୋକମାନେ ମାନନ୍ତି ଓ ପୂରା ଦୁନିଆରେ ଏହା କେବଳ ୱାଶିଂଟନ୍ ଷ୍ଟେଟ୍ କ୍ଷେତ୍ରରେ ଦେଖିବାକୁ ମିଳନ୍ତି । ଏପରି ଠେକୁଆଙ୍କର ଓଜନ ମାତ୍ର ୫୦୦ ଗ୍ରାମ୍ ପର୍ଯ୍ୟନ୍ତ ହୋଇଥାଏ । ଏହାର ଲମ୍ବ ୨୩.୫ ସେ.ମି-୨୯.୫ ସେ.ମି ପର୍ଯ୍ୟନ୍ତ ହୋଇଥାଏ । ତେବେ ଘରେ ପାଳିତ ହେଉଥିବା ଠେକୁଆମାନେ ସାଧାରଣତଃ ଛୋଟ ଓ ସୌମ୍ୟ ହୋଇଥିବା ବେଳେ ଏହି ଦୁର୍ଲଭ ପ୍ରଜାତିର ଠେକୁଆ ବର୍ତ୍ତମାନ ବିଲୁପ୍ତ ହେବାକୁ ବସିଲେଣି । ଏଥିପାଇଁ ଏଗୁଡ଼ିକୁ ପାଳନ କରାଯିବା ସାଧାରଣରେ ସମ୍ଭବ ନୁହେଁ ।

# ବ୍ରେନ୍ ଟ୍ୟୁମର



ଆଜି ପୂରା ବିଶ୍ୱ ପାଳନ କରୁଛି ବ୍ରେନ୍ ଟ୍ୟୁମର୍ ଦିବସ । ଏହି ଟ୍ୟୁମର୍ ବ୍ରେନ୍‌ରେ ବା ଏହାର ବାହ୍ୟ ପରତର ଉତ୍ତକରେ ଏକ ଅସାମାନ୍ୟ ବୃଦ୍ଧି ଯାହା ମସ୍ତିଷ୍କର ସାମାନ୍ୟ କାମକାର୍ଯ୍ୟକୁ ବାଧିତ କରିପାରେ । ଟ୍ୟୁମର୍ କୋଷିକା କେଉଁ ସ୍ଥାନରେ ଉତ୍ପନ୍ନ ହେଉଛି ଓ ତାହା ଘାତକ ନା ସୌମ୍ୟ ଏହା ଉପରେ ରୋଗର ଗମ୍ଭୀରତା ନିର୍ଭର କରେ । ଏହାର ଚିକିତ୍ସା କରାନଗଲେ ମସ୍ତିଷ୍କର ସାମାନ୍ୟ କୋଷିକାଗୁଡ଼ିକୁ ଏହା କ୍ଷତି ପହଞ୍ଚାଇଥାଏ ଯେଉଁ କାରଣରୁ ଦିବ୍ୟାଙ୍ଗତା ଓ ସମ୍ଭବତଃ ମୃତ୍ୟୁ ମଧ୍ୟ ହୋଇପାରେ । ମସ୍ତିଷ୍କ ଟ୍ୟୁମର୍ ଯେକୌଣସି ଲୋକକୁ ପ୍ରଭାବିତ କରୁଥିବା ଏକ ଘାତକ ବିକାରଗୁଡ଼ିକ ମଧ୍ୟରୁ ଅନ୍ୟତମ । ମସ୍ତିଷ୍କରେ ଥିବା ସମସ୍ତ ପ୍ରାଥମିକ କେନ୍ଦ୍ରୀୟ ତନ୍ତ୍ରିକା ତନ୍ତ୍ର (ସିଏନ୍‌ଏସ୍)ର କ୍ୟାନ୍ସର ମଧ୍ୟରୁ ଅଧିକାଂଶ (୮୫-୯୦ ପ୍ରତିଶତ) ମସ୍ତିଷ୍କ ଟ୍ୟୁମର କାରଣରୁ ହୋଇଥାଏ । ୨୦୨୦ରେ ବିଶ୍ୱ ସ୍ତରରେ ମସ୍ତିଷ୍କ ଓ ମେରୁଦଣ୍ଡରେ ଟ୍ୟୁମର୍‌ର ୩,୦୮, ୧୦୨ ନୂଆ ମାମଲା ଦେଖିବାକୁ ମିଳିଥିଲା । ୨୦୧୦ର ଏକ ରିପୋର୍ଟ ଅନୁସାରେ ଆୟୁ-ମାନକୀକୃତ ପ୍ରାଥମିକ ଘାତକ ମସ୍ତିଷ୍କ ଟ୍ୟୁମର୍‌ର ବାର୍ଷିକ ବୈଶ୍ୱିକ ଘଟଣା ଦର ପାଖାପାଖି ୩.୭୦ ପ୍ରତି ଏକ ଲକ୍ଷ ପୁରୁଷ ଓ ୨.୬୦ ପ୍ରତି ଏକ ଲକ୍ଷ ମହିଳା ଥିଲା । ଏହି ଆକଳନକୁ ଦେଖିବା ପରେ ବ୍ରେନ୍ ଟ୍ୟୁମର୍‌ର ବୋଝକୁ କମ୍ କରାଇବା ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନତା ବିକଶିତ କରିବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଟେ ।



**ଇତିହାସ**- ୧୯୯୮ରେ ଲିପଜିଗ୍‌ରେ ଏକ ଅଣ-ଲାଭକାରୀ ସଂଗଠନ ଜର୍ମାନ ବରେନ୍ ଟ୍ୟୁମର ଆସୋସିଏସନ୍‌ର ସ୍ଥାପନା କରାଯାଇଥିଲା । ଏହି ଦିବସର ଆରମ୍ଭ ହୋଇଥିଲା ୨୦୦୦ରେ । ବର୍ତ୍ତମାନ ସମୟରେ ୧୪ଟି ଦେଶର ୫୦୦ରୁ ଅଧିକ ପ୍ରତିନିଧି ଏହି ସଂସ୍ଥାର ସଦସ୍ୟ ଯେଉଁମାନେ ମୁଖ୍ୟ ଭାବରେ ମସ୍ତିଷ୍କ ଟ୍ୟୁମର୍‌ର ଚିକିତ୍ସାର ଅନ୍ୱେଷଣରେ କାର୍ଯ୍ୟରତ ଅଛନ୍ତି ।

**ଲକ୍ଷଣ**-ଅସହନୀୟ ମୁଣ୍ଡବିନ୍ଧା, କଥା କହିବା ଓ ଚିନ୍ତା କରିବାରେ ସମସ୍ୟା, ବ୍ୟବହାରରେ ପରିବର୍ତ୍ତନ, ପକ୍ଷାଘାତ, ସନ୍ତୁଳନ ବିଗିଡ଼ିଯିବା ବା ମୁଣ୍ଡ ବୁଲେଇବାର ଅନୁଭବ, ଅସ୍ପଷ୍ଟ ଦୃଷ୍ଟି, ଶୁଣିବା କ୍ଷମତାରେ ଅଭାବ, ଚେହେରା ସୁନ୍ନ ହେବା, ବାନ୍ତି ହେବା, ଗିଳିବାରେ ସମସ୍ୟା, ଭ୍ରମିତ ମାନସିକତା, ଆଘ୍ରାଣ ଶକ୍ତି ହ୍ରାସ ପାଇବା ।

# ନୂଆ କାହାଣୀ ଓ ନୂଆ ଯୋଡ଼ି





ନିର୍ମାତାମାନେ ତାଙ୍କର ଆଗାମୀ ଫିଲ୍ମ 'ଦ ଇଣ୍ଡିଆ ଷ୍ଟୋରୀ'ର ଟିଜର୍‌କୁ ରିଲିଜ କରିଛନ୍ତି । କାଜଲ୍ ଅଗ୍ରୱାଲ୍ ଓ ଶ୍ରେୟସ୍ ତଲପଡ଼େ ଅଭିନୀତ ଏହି ଫିଲ୍ମର କାହାଣୀ ଅନ୍ୟ ଫିଲ୍ମଗୁଡ଼ିକର କାହାଣୀ ଅପେକ୍ଷା ଟିକେ ଅଲଗା । ଏଥିରେ ଖାଦ୍ୟପଦାର୍ଥରେ କିପରି ନକଲି ଜିନିଷର ବ୍ୟବହାର ହେଉଛି ଓ ଖେତରେ କିପରି ପନିପରିବା, ଫଳମୂଳ ଆଦିରେ ରସାୟନର ବ୍ୟବହାର ହେଉଛି ତା'ର ଝଲକ ଦେଖିବା ପାଇଁ ମିଳୁଛି । ଏକ ମିନିଟ୍ ୨୬ ସେକେଣ୍ଡର ଏହି ଟିଜର୍‌ରେ ତରଭୁଜରେ କିପରି ଇଞ୍ଜେକ୍ସନ୍ ଲଗାଯାଉଛି, କ୍ଷୀର ଓ ପନିର୍‌ରେ କିପରି ଅପମିଶ୍ରଣ ହେଉଛି ତାହା ଦେଖିବାକୁ ମିଳିବ । ଏହିଭଳି ବିଷାକ୍ତ ଖାଦ୍ୟ ଖାଇ ଲୋକମାନେ ବେମାର ପଡ଼ୁଛନ୍ତି ଓ ହସ୍‌ପିଟାଲ ଯାଉଛନ୍ତି । ତେବେ ଟିଜର୍‌ରେ କୌଣସି ମୁଖ୍ୟ କଳାକାର ନଜର ଆସୁନାହାନ୍ତି । ୨୪ ଜୁଲାଇରେ ରିଲିଜ ହେବାକୁ ଥିବା ଏହି ଫିଲ୍ମଟିର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଚେତନ ଡିକେ । ଆଜିର ଖାଦ୍ୟପେୟରେ କିପରି ଅପମିଶ୍ରଣ ହେଉଛି ଓ ଏହି କାରଣରୁ ଲୋକମାନେ କିପରି ରୋଗଗ୍ରସ୍ତ ହେଉଛନ୍ତି ଏହାକୁ ଦେଖିବା ପରେ ଦର୍ଶକମାନେ ଥରେ ହେଲେ ମଧ୍ୟ ଚିନ୍ତା କରିବା ପାଇଁ ବାଧ୍ୟ ହେବେ । ଆଜିର ଦୁନିଆରେ ଏହି ଗମ୍ଭୀର କିନ୍ତୁ ଅଣଦେଖା କରାଯାଉଥିବା ମୁଦ୍ଦାଗୁଡ଼ିକ ଉପରେ ଯେତେବେଳେ ଫିଲ୍ମଟି ଆଲୋକପାତ କରିବ ଦର୍ଶକମାନେ ଏହିସବୁ ସମସ୍ୟାଗୁଡ଼ିକ ପ୍ରତି ନିଶ୍ଚିତ ଭାବରେ ସଚେତନ ହେବେ । ତେବେ କାଜଲ ଅଗ୍ରୱାଲ୍ ଅନେକ ଦିନ ପରେ ଏହି ଫିଲ୍ମ ଜରିଆରେ ବଡ଼ ପରଦାରେ ନଜର ଆସିବେ । ଫିଲ୍ମଟିର ସହ-ନିର୍ମାତାମାନେ ହେଲେ ସୁମିତ ବାଗଡ଼େ, ଅନୀତା ଯାଦଭ, ବିନାୟକ ଦୈବାନୀ, କଲ୍ପେଶ ଶାହା, ଦେବଯାନୀ ଖୋରାଟେ ଓ ପ୍ରେମ୍ ଯୋଶୀ ।

# ଭାରତୀୟ ମହିଳା ୪ X ୪୦୦ ରିଲେ ଟିମ୍‌କୁ ସ୍ୱର୍ଣ୍ଣ

**ହର୍ଡଲ୍ସରେ ତେଜସ୍‌ଙ୍କୁ ରୌପ୍ୟ ପଦକ**



**ନୂଆଦିଲ୍ଲୀ,୭।୬/ଏଜେନ୍ସି:** ଭାରତର ମହିଳା ୪ X ୪୦୦ ମିଟର ରିଲେ ଟିମ୍ ନ୍ୟୁ ତାଇପେଇ ସିଟି ଆଥ୍‌ଲେଟିକ୍ସ ଓପନ୍‌ରେ ନୂଆ ମିଟ୍ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଛି। ଏହି ଟୁର୍ଣ୍ଣାମେଣ୍ଟ ବିଶ୍ୱ ଆଥ୍‌ଲେଟିକ୍ସର କଣ୍ଟିନେଣ୍ଟାଲ୍ ଟୁର୍ ସିଲ୍‌ଭର୍ ଶ୍ରେଣୀର ଏକ ମହତ୍ତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ। ତାଇୱାନ୍‌ର ବାନାକିୟାଓ ଷ୍ଟାଡିୟମ୍‌ରେ ଶ୍ରାବଣୀ ନନ୍ଦ, ଏସ୍‌ଏସ୍ ସ୍ନେହା, ସୁଦେଷ୍ଣା ଶିଭଙ୍କର ଏବଂ ତନମ୍ବାଙ୍କ ଟିମ୍ ୪୪.୦୩ ସେକେଣ୍ଡ୍ ସମୟ ସହ ପୋଡିୟମ୍ ଟପ୍ କରିଛି। ଏହି ଅବସରରେ ଭାରତୀୟ ଟିମ୍ ପୂର୍ବ ମିଟ୍ ରେକର୍ଡ ଭଙ୍ଗ କରିବା ସହିତ ଭିଏତ୍‌ନାମ୍‌କୁ ୦.୩୧ ସେକେଣ୍ଡ୍ ପଛରେ ପକାଇ ସହଜ ବିଜୟ ହାସଲ କରିଥିଲା। ଭିଏତ୍‌ନାମ୍ ଦ୍ୱିତୀୟ ସ୍ଥାନରେ ରହିଛି। ରିଲେରେ ବିଜୟ ବ୍ୟତୀତ ଭାରତକୁ ଫିଲ୍ଡ ଇଭେଣ୍ଟ୍‌ସରେ ମଧ୍ୟ ସଫଳତା ମିଳିଛି। ମହିଳା ଲଙ୍ଗ୍ ଜମ୍ପରେ ଶୈଲୀ ସିଂହ ୬.୨୪ ମିଟରର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଭାରତର ତେଜସ୍ ଶିର୍‌ସେ ମଧ୍ୟ ଟ୍ରାକ୍‌ରେ ପ୍ରଭାବିତ କରିବା ସହିତ ପୁରୁଷ ୧୧୦ ମିଟର ହର୍ଡଲ୍ସରେ ରୌପ୍ୟ ପଦକ ଜିତିଛନ୍ତି। ସେ ୧୩.୬୧ ସେକେଣ୍ଡ୍ ସମୟ ସହ ନିଜ ମିଟ୍ ରେକର୍ଡରେ ସୁଧାର କରିଥିଲେ ମଧ୍ୟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନରୁ ବଞ୍ଚିତ ହୋଇଛନ୍ତି। କାରଣ ଏହାପାଇଁ ନିର୍ଦ୍ଧାରିତ ଯୋଗ୍ୟତା ସମୟ ୧୩.୩୯ ସେକେଣ୍ଡ୍ ରହିଛି।

## ୨୦୦ ମିଟରରେ ଅନିମେଷଙ୍କୁ ରୌପ୍ୟ



**ନୂଆଦିଲ୍ଲୀ,୭।୬/ଏଜେନ୍ସି:** ଓଡ଼ିଆ ସ୍ପ୍ରିଣ୍ଟର୍ ଅନିମେଷ କୁଜୁର ତାଇପେଇରେ ଚାଲିଥିବା ନ୍ୟୁ ତାଇପେଇ ସିଟି ଆଥ୍‌ଲେଟିକ୍ସର ରବିବାର ଦ୍ୱିତୀୟ ଦିନ ପୁରୁଷ ୨୦୦ ମିଟର ରୌପ୍ୟ ପଦକ ଜିତିଛନ୍ତି। କୁଜୁର ୨୦.୪୭ ସେକେଣ୍ଡ୍ ସମୟ ସହ ଏହି ରେସ୍ ପୂରା କରିଛନ୍ତି। ଏହା ତାଙ୍କ ଜାତୀୟ ରେକର୍ଡ ସମୟ (୧୩.୩୨ ସେ.)ଠାରୁ କମ୍ ହୋଇଥିଲେ ମଧ୍ୟ ସିଜନ୍‌ର ଶ୍ରେଷ୍ଠ ଉଦ୍ୟମ ସହିତ ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬ର ଯୋଗ୍ୟତା ମାର୍କ (୨୦.୬୧ ସେ.)କୁ ପାର୍ କରିବାରେ ସଫଳ ହୋଇଛନ୍ତି। ଥାଇଲାଣ୍ଡର ପୁରିପୋଲ୍ ବୁନ୍‌ସନ୍ ୨୦.୦୩ ସେକେଣ୍ଡ୍ ସମୟ ସହ ପ୍ରଥମ ହୋଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

# ସାତବର୍ଷ ପରେ ଭାରତ ସାଫ୍ ଚାମ୍ପିଅନ୍

**ମଡ଼ଗାଓଁ (ଗୋଆ),୭।୬/ଏଜେନ୍ସି:** ଭାରତୀୟ ମହିଳା ଫୁଟ୍‌ବଲ୍ ଟିମ୍ ୭ ବର୍ଷ ପରେ ଦକ୍ଷିଣ ଏସିଆ ଫୁଟ୍‌ବଲ୍ (ସାଫ୍) ଚାମ୍ପିଅନ୍‌ଶିପ୍ ଜିତିଛି। ଶନିବାର ରାତିରେ ଖେଳାଯାଇଥିବା ଫାଇନାଲ୍‌ରେ ଭାରତ ଡିଫେଣ୍ଡିଂ ଚାମ୍ପିଅନ୍ ବାଂଲାଦେଶକୁ ୩-୧

**ରେକର୍ଡ ୬ଷ୍ଠ ଟାଇଟଲ୍ ହାସଲ**

**ମହିଳା ଟିମ୍ ବାଂଲାଦେଶକୁ ୩-୧ରେ ହରାଇଲା**




ଗୋଲ୍‌ରେ ହରାଇ ରେକର୍ଡ ୬ଷ୍ଠ ଥର ଟାଇଟଲ୍ ହାସଲ କରିଛି। ଗୋଆର ମଡ଼ଗାଓଁସ୍ଥିତ ଜବାହର ଲାଲ ନେହରୁ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ପକ୍ଷରୁ ପ୍ୟାରୀ ଖାଖା, ସନ୍‌ଫିଦା ନୋଙ୍ଗ୍‌ରୁମ୍ ଏବଂ ଲିଣ୍ଡା କୋମ୍ ସେର୍ତ୍ତୋ ୧-୧ ଗୋଲ୍ କରିଥିଲେ। ବାଂଲାଦେଶ ପକ୍ଷରୁ ରିତୁ ପୋର୍ନା ଚକମା ଏକମାତ୍ର ଗୋଲ୍‌ଟି ଦେଇଥିଲେ।

ମ୍ୟାଚ୍‌ର ୪୨ତମ ମିନିଟ୍‌ରେ ପ୍ୟାରୀ ଖାଖା ଗୋଲ୍ କରି ଭାରତକୁ ପ୍ରାରମ୍ଭିକ ଅଗ୍ରଣୀ ପ୍ରଦାନ କରିଥିଲେ। ତେବେ ଇନ୍‌ଜୁରୀ ଟାଇମ୍‌ରେ ରିତୁ ପୋର୍ନା ଗୋଲ୍ କରି ସ୍ଥିତି ୧-୧ରେ ବରାବର କରିଥିଲେ। ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ସନ୍‌ଫିଦା ଚମତ୍କାର ହେଡର୍ ଜରିଆରେ ଭାରତକୁ ୨-୧ରେ ଆଗୁଆ କରିଥିଲେ। ଏହାପରେ ଭାରତୀୟ ଟିମ୍ ଖେଳ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହାସଲ ବଜାୟ ରଖିଥିଲା। ୮୨ତମ ମିନିଟ୍‌ରେ ଲିଣ୍ଡା କୋମ୍ ସେର୍ତ୍ତୋ ବାଂଲାଦେଶ ଡିଫେନ୍ସର ତ୍ରୁଟିର ଲାଭ ଉଠାଇ ତୃତୀୟ ଗୋଲ୍ ଦେଇ ଭାରତର ବିଜୟ ସୁନିଶ୍ଚିତ କରିଥିଲେ।

ଆୟୋଜକ ଭାରତ ପୂରା ଟୁର୍ଣ୍ଣାମେଣ୍ଟରେ ଅଜେୟ ରହିଥିଲା। ଟିମ୍ ସମସ୍ତ ୪ ମ୍ୟାଚ୍ ଜିତିଥିବା ବେଳେ ୧୮ ଗୋଲ୍ କରିଥିଲା। ଟିମ୍ ବିପକ୍ଷରେ ମାତ୍ର ଗୋଟିଏ ଗୋଲ୍ ହୋଇଥିଲା। ଭାରତର ବିଜୟ ଫଳରେ ଡିଫେଣ୍ଡିଂ ଚାମ୍ପିଅନ୍ ବାଂଲାଦେଶର ଲଗାତାର ତୃତୀୟ ଟାଇଟଲ୍ ବିଜୟ ସ୍ୱପ୍ନ ଧୂଳିସାତ୍ ହୋଇଯାଇଛି।

ଭାରତର ଅବେକ ସିଂହ ୪ ଗୋଲ୍ କରି ଟୁର୍ଣ୍ଣାମେଣ୍ଟର ଶୀର୍ଷ ସ୍କୋରର୍ ହୋଇଛନ୍ତି। ସନ୍‌ଫିଦା ନୋଙ୍ଗରୁମ୍‌ଙ୍କୁ ମୋଷ୍ଟ ଭାଲ୍ୟୁଏବଲ୍ ପ୍ଲେୟାର୍ ମନୋନୀତ କରାଯାଇଥିବା ବେଳେ ପନ୍ଥୋଇ ଚାନୁ ଏଲାଙ୍ଗବାମ୍‌ଙ୍କୁ ଶ୍ରେଷ୍ଠ ଗୋଲ୍‌କିପର୍ ପୁରସ୍କାର ମିଳିଛି। ନେପାଳକୁ ଫେୟାର୍ ପ୍ଲେ ପୁରସ୍କାର ଦିଆଯାଇଛି।

### ଅନ୍ତର୍ଜାତୀୟ ଫୁଟ୍‌ବଲ୍‌ରୁ ସନ୍ନ୍ୟାସ ନେଲେ ଗ୍ରେସ୍

ଭାରତୀୟ ଟିମ୍‌ର ଅନୁଭବୀ ଖେଳାଳି ଡାଙ୍ଗ୍‌ମେଇ ଗ୍ରେସ୍ ଫାଇନାଲ୍ ମ୍ୟାଚ୍ ପରେ ଅନ୍ତର୍ଜାତୀୟ ଫୁଟ୍‌ବଲ୍‌କୁ ଅଲ୍‌ବିଦା କହିଛନ୍ତି। ସେ ୨୦୧୩ରେ ଭାରତ ପାଇଁ ଡେବ୍ୟୁ କରିଥିବା ବେଳେ ୯୫ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବା ପରେ ନିଜ କ୍ୟାରିୟର୍‌ର ଅନ୍ତ ଆଉ ଏକ ସାଫ୍ ଟାଇଟଲ୍ ସହ କରିଛନ୍ତି।

# ଜ୍ୱେରେଭ୍ ଫ୍ରେଞ୍ଚ ଓପନ୍ ଚାମ୍ପିଅନ୍

**ଫାଇନାଲ୍‌ରେ ଇଟାଲୀର ଫ୍ଲାଭିଓ କୋବୋଲିଙ୍କୁ ହରାଇଲେ**



**ପ୍ୟାରିସ୍,୭।୬/ଏଜେନ୍ସି:** ବିଶ୍ୱ ନମ୍ବର-୩ ଜର୍ମାନୀର ଷ୍ଟାର୍ ଟେନିସ୍ ଖେଳାଳି ଆଲେକ୍‌ଜାଣ୍ଡାର୍ ଜ୍ୱେରେଭ୍ ଫ୍ରେଞ୍ଚ ଓପନ୍ ପୁରୁଷ ସିଙ୍ଗଲ୍ସ ଚାମ୍ପିଅନ୍ ହୋଇଛନ୍ତି। ରବିବାର ଫିଲିପ୍-ଚାର୍ଟର୍ ଷ୍ଟାଡିୟମ୍‌ରେ ଖେଳାଯାଇ ଫାଇନାଲ୍ ମ୍ୟାଚ୍‌ରେ ଇଟାଲୀର ଫ୍ଲାଭିଓ କୋବୋଲିଙ୍କୁ ହରାଇ ଦେଇଛନ୍ତି। ଏହା ଜ୍ୱେରେଭ୍‌ଙ୍କ ପ୍ରଥମ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍। ପାଞ୍ଚ ସେଟ୍ ପର୍ଯ୍ୟନ୍ତ ଚାଲିଥିବା ରୋମାଞ୍ଚକର ଫାଇନାଲ୍‌ରେ ଜ୍ୱେରେଭ୍ ୬-୧, ୪-୬, ୬-୪, ୬-୭ (୭), ୬-୧ରେ ବିଜୟୀ ହୋଇଛନ୍ତି। ମ୍ୟାଚ୍‌ରେ ଜ୍ୱେରେଭ୍ ୪ ଘଣ୍ଟା ୨୦ ମିନିଟ୍ ପର୍ଯ୍ୟନ୍ତ ସଂଘର୍ଷ ପରେ ବିଜୟ ହାସଲ କରିଛନ୍ତି। ନିର୍ଣ୍ଣାୟକ ପଞ୍ଚମ ସେଟ୍ ଜିତିବା ପରେ ଜ୍ୱେରେଭ୍ ଭାବୁକ ହୋଇପଡ଼ିଥିଲେ। ଏହା ପୂର୍ବରୁ ୨୦୨୪ ଫ୍ରେଞ୍ଚ ଓପନ୍ ସମେତ ଜ୍ୱେରେଭ୍ ତିନି ମେଜର୍ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ଖେଳିଥିଲେ ମଧ୍ୟ ଟାଇଟଲ୍ ଜିତିବାରେ ସଫଳ ହୋଇ ନଥିଲେ। ୨୯ ବର୍ଷୀୟ ଜର୍ମାନ୍ ଖେଳାଳି ଏହା ପୂର୍ବରୁ ସେମିଫାଇନାଲ୍‌ରେ ଚେକ୍ ଗଣରାଜ୍ୟର ଯୁବ ଖେଳାଳି ଜ୍ୟାକବ୍ ମେନ୍‌ସିକ୍‌ଙ୍କୁ ୭-୫, ୬-୨, ୩-୬, ୬-୩ରେ ହରାଇ ଫାଇନାଲ୍‌ରେ ପହଞ୍ଚିଥିଲେ।

ଶନିବାର ମହିଳା ସିଙ୍ଗଲ୍ସ ଫାଇନାଲ୍‌ରେ ରୁଷର ମିରା ଆଣ୍ଡ୍ରିଭା ପୋଲାଣ୍ଡର ମାଜା ଚ୍ୱାଲିନ୍‌ସ୍କାଙ୍କୁ ୬-୩, ୬-୩ ସେଟ୍‌ରେ ହରାଇ କ୍ୟାରିୟର୍‌ର ପ୍ରଥମ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ଜିତିଥିଲେ। ୧୯୯୨ରେ ୧୮ ବର୍ଷୀୟା ମୋନିକା ସେଲେସ୍‌ଙ୍କ ପରେ ୧୯ ବର୍ଷୀୟା ଆଣ୍ଡ୍ରିଭା ଫ୍ରେଞ୍ଚ ଓପନ୍‌ର ଦ୍ୱିତୀୟ ସର୍ବକନିଷ୍ଠ ମହିଳା ଚାମ୍ପିଅନ୍ ହୋଇଥିଲେ।

**ଆଇଏଚ୍‌ଏଫ୍ ଜୁନିୟର୍ ବାଳକ ଟ୍ରଫି**

# ଭାରତୀୟ ଦଳରେ ଓଡ଼ିଶାର ସ୍ୱସ୍ତିକ

**ଭୁବନେଶ୍ୱର,୭।୬/ଏନ୍‌ଏନ୍‌ଏସ୍:** ଆଇଏଚ୍‌ଏଫ୍ ଜୁନିୟର୍ ବାଳକ ଟ୍ରଫି ଚଳିତ ମାସ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଢାକାରେ ଆୟୋଜିତ ହେବ। ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଭାରତୀୟ ଟିମ୍‌ରେ ଓଡ଼ିଶାର ଏକମାତ୍ର



ଖେଳାଳି ସ୍ୱସ୍ତିକ୍ ମହାପ୍ରସାଦ ପତି ମନୋନୀତ ହୋଇ ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଟୁର୍ଣ୍ଣାମେଣ୍ଟ ପାଇଁ ଏପ୍ରିଲ୍ ୯-୧୦ ତାରିଖରେ ଲକ୍ଷ୍ନୌରେ ଚୟନ ଶିବିର ଏବଂ ମେ' ୨୭ରୁ ଚଳିତ ମାସ ୮ ତାରିଖ ପର୍ଯ୍ୟନ୍ତ ଉତ୍ତରାଖଣ୍ଡ ରୁଦ୍ରପୁରରେ ଜାତୀୟ ଶିବିର ଆୟୋଜିତ ହେଉଛି। ଏଥିରେ ସ୍ୱସ୍ତିକ ଉନ୍ନତ ଖେଳ ପ୍ରଦର୍ଶନ କରି ୧୪ ଜଣିଆ ଭାରତୀୟ ଟିମ୍‌ରେ ସ୍ଥାନ ହାସଲ କରିବାରେ ସଫଳ ହୋଇଛନ୍ତି। ଆଇଏଚ୍‌ଏଫ୍ ଟ୍ରଫି ଖେଳିବାରେ ସ୍ୱସ୍ତିକ ପ୍ରଥମ ଓଡ଼ିଆ ହ୍ୟାଣ୍ଡବଲ୍ ଖେଳାଳି ହେବେ। ସୂଚନାଯୋଗ୍ୟ, ସ୍ୱସ୍ତିକ ଗତବର୍ଷ ବାଳକ ଏସିଆନ୍ ଟୁର୍ଣ୍ଣାମେଣ୍ଟ (ଜୋର୍ଡାନ୍) ଓ ସେଣ୍ଟ୍ରାଲ୍ ଏସିଆନ୍ ଟୁର୍ଣ୍ଣାମେଣ୍ଟ (ଉଜବେକିସ୍ତାନ)ରେ ଅଂଶଗ୍ରହଣ କରି ଭାରତ ପାଇଁ ବ୍ରୋଞ୍ଜ୍ ପଦକ ଜିତିଥିଲେ। ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ହ୍ୟାଣ୍ଡବଲ୍ ଖେଳାଳି ଆର୍ଯ୍ୟନ୍‌ଙ୍କ ପରେ ସ୍ୱସ୍ତିକ୍ ଲଗାତାର ତୃତୀୟ ଥର ପାଇଁ ଭାରତୀୟ ଦଳରେ ସ୍ଥାନ ବଜାୟ ରଖିଛନ୍ତି। ସେ ଏବେ ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ହ୍ୟାଣ୍ଡବଲ୍ କୋଚ୍ ଗୌରୀ ଶଙ୍କର ମିଶ୍ରଙ୍କ ଠାରୁ ପ୍ରଶିକ୍ଷଣ ନେଉଛନ୍ତି। ସ୍ୱସ୍ତିକଙ୍କ ଏହି ସଫଳତା ପାଇଁ ଓଡ଼ିଶା ହ୍ୟାଣ୍ଡବଲ୍ ସଂଘ ସଭାପତି ବିପ୍ଲବ ଚୌଧୁରୀ, ସମ୍ପାଦକ ଇଂ. ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ, ଭୁବନେଶ୍ୱର ହ୍ୟାଣ୍ଡବଲ୍ ସଂଘ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଓ ଅନ୍ତର୍ଜାତୀୟ କୋଚ୍ ଗୌରୀ ଶଙ୍କର ମିଶ୍ର ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

**ମୁଲ୍ଲାନପୁର ଟେଷ୍ଟ: ଡେବ୍ୟୁରେ ସୁଥାରଙ୍କୁ ୩ ୱିକେଟ୍**

# ଭାରତ ୪୫୧ ରନ୍‌ରେ ଆଗୁଆ

**ନ୍ୟୁ ଚଣ୍ଡିଗଡ଼,୭।୬/ଏଜେନ୍ସି:** ଆଫଗାନିସ୍ତାନ ବିପକ୍ଷରେ ଖେଳାଯାଉଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଂସ୍ ଭାରତ ୫୬୪/୮ ସ୍କୋର୍‌ରେ ଘୋଷିତ କରିଛି। ରବିବାର ଦ୍ୱିତୀୟ ଦିନ ଷ୍ଟମ୍ପ ବେଳକୁ ଆଫଗାନିସ୍ତାନ ପ୍ରଥମ ଇନିଂସ୍‌ରେ ୫ ୱିକେଟ୍ ହରାଇ ୧୧୩ ରନ୍ କରିଛି। ରହମତ ଶାହ ୪୩ ରନ୍‌ରେ ଅପରାଜିତ ଫେରିଛନ୍ତି। ଭାରତ ପ୍ରଥମ ଇନିଂସ୍ ଆଧାରରେ ୪୫୧ ରନ୍‌ରେ ଆଗୁଆ ରହିଛି। ଭାରତ ପକ୍ଷରୁ ଡେବ୍ୟୁ କରିଥିବା ମାନବ ସୁଥାର ୩ଟି ୱିକେଟ୍ ନେଇଛନ୍ତି। ସେ ରହମାନୁଲ୍ଲାହ ଗୁରବାଜ, ଅବ୍‌ଦୁଲ୍ ମଲିକ୍ ଏବଂ ଅଫସର ଜଜଈଙ୍କୁ ପ୍ୟାଭିଲିୟନ୍ ଫେରାଇଛନ୍ତି। ପ୍ରସିଦ୍ଧ କ୍ରିଷ୍ଣା କ୍ୟାପ୍ଟେନ୍ ହଶମତୁଲ୍ଲାହ ଶାହିଦୀ ଏବଂ ସେଦିକୁଲ୍ଲାହ ଅଟଳଙ୍କ ୱିକେଟ୍ ନେଇଛନ୍ତି। ନ୍ୟୁ ଚଣ୍ଡିଗଡ଼ର ମୁଲ୍ଲାନ୍‌ପୁରସ୍ଥିତ ମହାରାଜା ଯାଦବେନ୍ଦ୍ର ସିଂହ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଏହି ଟେଷ୍ଟ ମ୍ୟାଚ୍‌ରେ ଭାରତ ପକ୍ଷରୁ ପ୍ରଥମ ଇନିଂସ୍‌ରେ କ୍ୟାପ୍ଟେନ୍ ଶୁଭମନ ଗିଲ୍ ସର୍ବାଧିକ ୧୨୬ ରନ୍ କରିଥିଲେ। ଓପ୍ନର୍ କେଏଲ୍ ରାହୁଲ ୧୦୦ ରନ୍‌ର ଇନିଂସ୍ ଖେଳିଥିଲେ। ୱିକେଟ୍‌କିପର୍ ରଷଭ ପନ୍ତ ଏବଂ

**ପ୍ରଥମ ଇନିଂସ୍ ୫୬୪/୮ରେ ଘୋଷିତ**

**ଦ୍ୱିତୀୟ ଦିନ ଆଫଗାନିସ୍ତାନ ୧୧୩/୫**




ସାଇ ସୁଦର୍ଶନ ୮୧-୮୧ ରନ୍ କରିଥିବା ବେଳେ ୱାଶିଂଟନ୍ ସୁନ୍ଦର ୫୨ ରନ୍ ଏବଂ କୁଲଦୀପ୍ ଯାଦବ ୯ ରନ୍ କରି ଅପରାଜିତ ଫେରିଥିଲେ। ଡେବ୍ୟୁଟାଣ୍ଟ ମାନବ ସୁଥାର ୨୮, ଯଶସ୍ୱୀ ଜୟସ୍ୱାଲ୍ ୨୪ ଏବଂ ଧ୍ରୁବ ଜୁରେଲ୍ ୧୯ ରନ୍ କରିଥିଲେ। ମହମ୍ମଦ ସିରାଜ୍ ୧୨ ବଲ୍‌ରେ ୨୨ ରନ୍‌ର ଯୋଗଦାନ ଦେଇଥିଲେ। ଆଫଗାନିସ୍ତାନ ପକ୍ଷରୁ ମହମ୍ମଦ ସଲୀମ୍ ସଫି ୬ ୱିକେଟ୍ ଅକ୍ତିଆର କରିଥିବା ବେଳେ ଜିୟାଉର୍ ରହମାନ୍ ଏବଂ ହଶମତୁଲ୍ଲାହ ଶାହିଦୀଙ୍କୁ ୧-୧ ସଫଳତା ମିଳିଥିଲା। ଟିମ୍ ଇଣ୍ଡିଆ ଦ୍ୱିତୀୟ ଦିନ ୩୬୮/୩ ସ୍କୋର୍‌ରୁ ଆଗକୁ ଖେଳିଥିଲା। ଗିଲ୍ ୧୦୩ ଏବଂ ପନ୍ତ ୫୦ ରନ୍‌ରୁ ଇନିଂସ୍ ଆଗେଇ ନେଇଥିଲେ। ଦୁହେଁ ଚତୁର୍ଥ ୱିକେଟ୍ ପାଇଁ ୧୬୯ ରନ୍‌ର ପାର୍ଟନରଶିପ୍ କରିଥିଲେ। ଗିଲ୍ ନିଜ ସ୍କୋର୍‌ରେ ଆଉ ୨୩ ଏବଂ ପନ୍ତ ୩୧ ରନ୍ ଯୋଡ଼ିବା ପରେ ଆଉଟ୍ ହୋଇଥିଲେ।

### ଡେବ୍ୟୁ ଟେଷ୍ଟରେ ସୁଥାରଙ୍କ କୀର୍ତ୍ତିମାନ

ଆଫଗାନିସ୍ତାନ ବିପକ୍ଷରେ ଏକମାତ୍ର ଟେଷ୍ଟରେ ଡେବ୍ୟୁ କରିଥିବା ମାନବ ସୁଥାର ନିଜ ପ୍ରଥମ ଓଭର୍‌ରେ ହିଁ ୱିକେଟ୍ ନେଇଛନ୍ତି। ଏପରି କରିବାରେ ସେ ଭାରତର ଅଷ୍ଟମ ବୋଲର୍ ହୋଇଛନ୍ତି। ୨୫ ବର୍ଷ ପରେ କୌଣସି ଭାରତୀୟ ବୋଲର୍ ଏହି କାରନାମା କରିଛନ୍ତି। ଏହା ପୂର୍ବରୁ ୨୦୦୧ରେ ଟିନୁ ୟୋହାନା ଇଂଲଣ୍ଡ ବିପକ୍ଷ ନିଜ ଡେବ୍ୟୁ ଟେଷ୍ଟର ପ୍ରଥମ ଓଭର୍‌ରେ ୱିକେଟ୍ ନେଇଥିଲେ। ଏହି କାରନାମା କରିଥିବା ଅନ୍ୟ ଭାରତୀୟ ବୋଲର୍‌ମାନେ ହେଲେ ମୋଣ୍ଟୁ ବାନାର୍ଜୀ (ୱେଷ୍ଟଇଣ୍ଡିଜ୍, ୧୯୪୮), ମନୋହର ହାର୍ଦ୍ଦିକର୍ (ୱେଷ୍ଟଇଣ୍ଡିଜ୍, ୧୯୫୮), ଭାମନ କୁମାର (ପାକିସ୍ତାନ, ୧୯୬୧), ଚେତନ୍ ଚୌହାନ୍ (ପାକିସ୍ତାନ, ୧୯୮୪), ଭେଙ୍କଟ ରମଣ (ୱେଷ୍ଟଇଣ୍ଡିଜ୍, ୧୯୮୮), ନୀଲେଶ କୁଲକର୍ଣ୍ଣି (ଶ୍ରୀଲଙ୍କା, ୧୯୯୭)।

# ବୈଭବଙ୍କ ସହ ଇଂଲଣ୍ଡ ଗସ୍ତରେ ଯିବେ ମାତା-ପିତା

**ନୂଆଦିଲ୍ଲୀ,୭।୬/ଏଜେନ୍ସି:** ୧୫ ବର୍ଷୀୟ କ୍ରିକେଟର୍ ବୈଭବ ସୂର୍ଯ୍ୟବଂଶୀଙ୍କ ସହ ତାଙ୍କ ମାତା-ପିତା ମଧ୍ୟ ଇଂଲଣ୍ଡ ଓ ଆୟର୍ଲାଣ୍ଡ ଗସ୍ତରେ ଯିବେ। ବିସିସିଆଇ ବୈଭବଙ୍କ ମାତା-ପିତାଙ୍କୁ ଟିମ୍ ସହ ଯାତ୍ରା କରିବାକୁ କହିଛି। ବୋର୍ଡ କହିବା କଥା ହେଉଛି ଏହାଦ୍ୱାରା ସେ ସିନିୟର୍ ଟିମ୍‌ର ପରିବେଶ ସହିତ ସହଜରେ ଖାପ ଖୁଆଇପାରିବେ।

ବୈଭବ ପ୍ରଥମ ଥର ପାଇଁ କୌଣସି ସିନିୟର୍ ଟିମ୍‌ର ସଦସ୍ୟ ହେବାକୁ ଯାଉଛନ୍ତି। ସେ ଭାରତ ପାଇଁ ସବୁଠୁ କମ୍ ବୟସରେ ଡେବ୍ୟୁଟାଣ୍ଟ ଖେଳାଳି ବି ହୋଇପାରନ୍ତି। ଏହି ରେକର୍ଡ ଏବେ ସଚିନ୍ ତେନ୍ଦୁଲକରଙ୍କ ନାମରେ ଅଛି। ସେ ୧୬ ବର୍ଷ ୨୦୭ ଦିନ ବୟସରେ ପାକିସ୍ତାନ ବିପକ୍ଷରେ ଡେବ୍ୟୁ କରିଥିଲେ। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି, ସାଧାରଣତଃ ବୋର୍ଡ ଖେଳାଳିଙ୍କ ମାତା-ପିତାଙ୍କ ଟିମ୍ ସହିତ ଗସ୍ତରେ ଯିବାର ଅନୁମତି ଦେଇନଥାଏ। ମାତ୍ର ବୈଭବ ଏବେ ନାବାଳକ ଏବଂ ପ୍ରଥମ ଥର ସିନିୟର୍ ଖେଳାଳିଙ୍କ ଟିମ୍‌ରେ ମନୋନୀତ ହୋଇଛନ୍ତି। ତେଣୁ ତାଙ୍କ ମାମଲାରେ ସ୍ୱତନ୍ତ୍ର ଅନୁମତି ଦିଆଯାଇଛି। ସେ କହିଛନ୍ତି, ବିସିସିଆଇ ବୈଭବଙ୍କ ମାତା-ପିତାଙ୍କୁ ଅନୁରୋଧ କରିବ। ଯଦି ସେମାନେ ଯିବାକୁ ଚାହିଁବେ ତେବେ ବୋର୍ଡ ଏହାର ସମର୍ଥନ କରିବ। ବୈଭବ ସୂର୍ଯ୍ୟବଂଶୀ ଭାରତୀୟ କ୍ରିକେଟ୍ ଟିମ୍‌ରେ ମନୋନୀତ ସର୍ବକନିଷ୍ଠ ଯୁବ ଖେଳାଳି ହୋଇଛନ୍ତି। ୧୫ ବର୍ଷ ୭୧ ଦିନ ବୟସରେ ବୈଭବଙ୍କ



**ବିସିସିଆଇ ଦେଲା ସ୍ୱତନ୍ତ୍ର ଅନୁମତି**

**ସର୍ବକନିଷ୍ଠ ଡେବ୍ୟୁଟାଣ୍ଟ ରେକର୍ଡ କରିପାରନ୍ତି**

ଜୁନ୍-ଜୁଲାଇରେ ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ୍ ସହିତ ସେପ୍ଟେମ୍ବରରେ ହେବାକୁ ଥିବା ଏସିଆନ୍ ଗେମ୍ସ ପାଇଁ ମନୋନୀତ କରାଯାଇଛି।

**ଦେଶ ବିଦେଶ**

# ଭାରତ-ନେପାଳ ମଧ୍ୟରେ ୟୁପିଆଇ ଲିଙ୍କ୍ ଲଞ୍ଚ୍

**ଏବେ ଦୁଇ ଦେଶରେ ସହଜ ହେବ ଅର୍ଥ ପଠାଇବା**

**ନୂଆଦିଲ୍ଲୀ,୭।୬/ଏଜେନ୍ସି:** ଭାରତୀୟ ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର ନୂଆଦିଲ୍ଲୀରେ ନେପାଳ ବିଦେଶ ମନ୍ତ୍ରୀ ଶଶିର ଖନାଲ୍‌ଙ୍କୁ ସାକ୍ଷାତ କରିଛନ୍ତି। ବୈଠକ ଅବସରରେ ଭାରତ ଓ ନେପାଳ ମଧ୍ୟରେ ୟୁପିଆଇ ଏବଂ ନେପାଳର ନାସ୍‌ନାଲ୍ ପେମେଣ୍ଟ ସିଷ୍ଟମ୍‌କୁ ଯୋଡ଼ାଯାଇଛି। ଏହା ଫଳରେ ଦୁଇ ଦେଶର ଲୋକଙ୍କ ପାଇଁ ସୀମା ପାର୍ ଅର୍ଥ ପଠାଇବା ସହଜ ହେବ। ଏହା ବ୍ୟତୀତ ଭାରତ ୨୦୧୫ ଭୂମିକମ୍ପ ପରେ ଚାଲିଥିବା ପୁନର୍ନିର୍ମାଣ କାର୍ଯ୍ୟକ୍ରମ ଅଧୀନରେ ନେବାଳକୁ ୭୨ ସ୍ୱାସ୍ଥ୍ୟ ସୁବିଧା ଏବଂ ୧୨ ସାଂସ୍କୃତିକ ଐତିହ୍ୟ ପରିଯୋଜନା ମଧ୍ୟ ପ୍ରଦାନ କରିଛି। ଏହା ବ୍ୟତୀତ କାଠମାଣ୍ଡୁ ୟୁନିଭର୍ସିଟି ଏବଂ ଭାରତର 'ଡିଜିଟାଲ୍ ଇଣ୍ଡିଆ ଭାଷିଣୀ' ମଧ୍ୟରେ



ବୁଝାମଣା ସ୍ୱାକ୍ଷର ହୋଇଛି। ଏହା ଅଧୀନରେ ନେପାଳ ପାଇଁ 'ଭଏସ୍ ଫାଷ୍ଟ' ଭାଷା ଟ୍ରାନ୍ସଲେସନ୍ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରାଯିବ।

**ଇରାନ୍‌ର ଜବତ ସମ୍ପତ୍ତିକୁ ନେଇ ଟ୍ରମ୍ପଙ୍କ ବଡ଼ ବୟାନ**

# ବୁଝାମଣା ପୂର୍ବରୁ ଦିଆଯିବନି କୌଣସି ଆଶ୍ୱସ୍ତି

**ୱାଶିଂଟନ୍,୭।୬/ଏଜେନ୍ସି:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରବିବାର କହିଛନ୍ତି, ତାଙ୍କ ପ୍ରଶାସନ ଇରାନ୍ ସହିତ କୌଣସି ବୁଝାମଣାରେ ପହଞ୍ଚିବା ପୂର୍ବରୁ ଜବତ ସମ୍ପତ୍ତି ଫେରାଇବ ନାହିଁ। ଏନ୍‌ବିସି ନ୍ୟୁଜ୍‌କୁ ଦେଇଥିବା ଏକ ସାକ୍ଷାତକାରରେ ଟ୍ରମ୍ପ କହିଛନ୍ତି, କେବଳ ଇରାନ୍ ଦ୍ୱାରା ଭବିଷ୍ୟତର ବୁଝାମଣା ଅନୁସାରେ ନିଜ ପ୍ରତିଶ୍ରୁତି ପାଳନ କରିବା ପରେ ହିଁ ପ୍ରତିବନ୍ଧ ଉପରେ କୌଣସି ପ୍ରକାର ଆଶ୍ୱସ୍ତି ଦିଆଯିବ। ଡୋନାଲ୍ଡ ଟ୍ରମ୍ପ ଜୋର୍ ଦେଇଛନ୍ତି ଯେ ପ୍ରତିବନ୍ଧ ଉପରେ ଆଶ୍ୱସ୍ତି ପ୍ରଦାନ ଉପରେ ଆଲୋଚନା ଆରମ୍ଭ ପୂର୍ବରୁ ତେହେରାନ୍‌କୁ ନିଜ ନିୟତ ଓ ପ୍ରତିଶ୍ରୁତିବଦ୍ଧତାର ପ୍ରମାଣ ଦେବାକୁ ହେବ। ସେ କହିଛନ୍ତି, ବୁଝାମଣା ପରେ ଯଦି ଇରାନ୍ ଠିକ୍ ବ୍ୟବହାର ଏବଂ ଭଲ କାମ କରେ, ତେବେ ଆମେ କଥାବାର୍ତ୍ତା ଆରମ୍ଭ କରିବୁ।

ଟ୍ରମ୍ପ ଦାବି କରିଛନ୍ତି ଯେ ଭବିଷ୍ୟରେ ହେବାକୁ ଥିବା କୌଣସି ପ୍ରକାର ବୁଝାମଣାରେ ଇରାନ୍‌କୁ ପରମାଣୁ ଅସ୍ତ୍ର ବିକଶିତ କରିବାରୁ ରୋକିବା ବ୍ୟତୀତ ଆହୁରି ବହୁତ କିଛି ସାମିଲ ହେବା ଆବଶ୍ୟକ। ସେ କହିଛନ୍ତି, ବାର୍ତ୍ତାକାର ପରମାଣୁ ଅସ୍ତ୍ରଶସ୍ତ୍ର ବିକାଶ ସମ୍ବନ୍ଧିତ ପ୍ରତିବନ୍ଧ ଉପରେ କେତେକାଂଶରେ ସହମତ ହୋଇଥିଲେ। ମାତ୍ର ସେ ବିଶେଷ ଶବ୍ଦ ଉପରେ ଜୋର୍ ଦେଇଛନ୍ତି। ସେ କହିଛନ୍ତି, ଯଦି କୌଣସି ବୁଝାମଣା ହୁଏ, ତେବେ ୱାଶିଂଟନ୍ ଇରାନ୍ ସହିତ ମିଶି ସମୃଦ୍ଧିତ ୟୁରାନିୟମ ହଟାଇବା ଏକ ନଷ୍ଟ କରିବା କାମ କରିବ। ଆମେରିକା ରାଷ୍ଟ୍ରପତି କହିଛନ୍ତି ଯେ ଇରାନ୍ ଯେପରି ପରମାଣୁ ଅସ୍ତ୍ରଶସ୍ତ୍ର କିମ୍ବା ସମ୍ବନ୍ଧିତ କ୍ଷମତା ବିକଶିତ କିମ୍ବା କ୍ରୟ ନକରିପାରେ ତାହା ସୁନିଶ୍ଚିତ ହେବା ସେ ଚାହାନ୍ତି। ଟ୍ରମ୍ପ କହିଛନ୍ତି, ଇରାନୀ ବାର୍ତ୍ତାକାର ପ୍ରଥମରୁ ପ୍ରସ୍ତାବର ବିରୋଧ କରିଥିଲେ ମଧ୍ୟ ପରେ ନିଜ ମନୋଭାବ ନରମ କରିଛନ୍ତି। ସେ ସଙ୍କେତ ଦେଇଛନ୍ତି ଯେ କୂଟନୀତି ବିଫଳ ହେବା ସ୍ଥିତିରେ ଆମେରିକା ବଳ ପ୍ରୟୋଗ ପାଇଁ ପ୍ରସ୍ତୁତ ଅଛି। ଏନ୍‌ବିସି ନ୍ୟୁଜ୍‌କୁ ସେ କହିଛନ୍ତି, ଆମେ ବୁଝାମଣାର ବହୁ ନିକଟତର ହୋଇଛୁ। ଯଦି ଏହା ସଫଳ ନହୁଏ, ତେବେ ଇରାନ୍ ଉପରେ ଜୋରଦାର କାର୍ଯ୍ୟାନୁଷ୍ଠାନ କରିବି।

# ଆମେରିକାରେ ଭାରତୀୟ ଯୁବକଙ୍କୁ ହତ୍ୟା

**ନୂଆଦିଲ୍ଲୀ,୭।୬/ଏଜେନ୍ସି:** ଆମେରିକାର ଫିଲାଡେଲ୍‌ଫିଆ ସହରରେ ତେଲେଙ୍ଗାନାର ୨୮ ବର୍ଷୀୟ ଅଂଶୁଳ କୁଞ୍ଚାଙ୍କୁ ଗୁଳିମାରି ହତ୍ୟା କରାଯାଇଛି। ପରିବାର ପକ୍ଷରୁ ଅଭିଯୋଗ



କରାଯାଇଛି ଯେ ଏହା କୌଣସି ଲୁଟ୍‌ପାଟ୍ ନୁହେଁ, ବରଂ ପ୍ରଥମରୁ ରଚାଯାଇଥିବା ଷଡ଼ଯନ୍ତ୍ର। ସେମାନଙ୍କ କହିବା ଅନୁସାରେ ଅଂଶୁଳଙ୍କୁ ଏକ ଫେକ୍ (ଜାଲ୍) ପିଜା ଅର୍ଡର୍ ଦେଇ ଶୁନ୍‌ଶାନ୍ ଅଞ୍ଚଳକୁ ଡକାଯାଇଥିଲା। ସେଠାରେ ପହଞ୍ଚିବା ମାତ୍ରେ ହିଁ ଆକ୍ରମଣକାରୀ ତାଙ୍କ ମୁଣ୍ଡକୁ ଗୁଳି କରିଥିଲା। ଶନିବାର ବିଳମ୍ବିତ ରାତିରେ ଅଂଶୁଳଙ୍କୁ ଫିଲାଡେଲ୍‌ଫିଆର ରେମଣ୍ଡ ରୋସେନ୍ ହୋମ୍ସ ନାମକ ହାଉସିଂ କମ୍ପ୍ଲେକ୍ସର ଏକ ଠିକଣାରେ ପିଜା ପହଞ୍ଚିବାର ଅର୍ଡର ମିଳିଥିଲା। ସେ ସେଠାରେ ପହଞ୍ଚିବା ପରେ କୌଣସି ଗ୍ରାହକ ଉପସ୍ଥିତ ନଥିଲେ। ଏହି ଅବସରରେ ଦୁଇଜଣ ଅଜ୍ଞାତ ଆକ୍ରମଣକାରୀ ତାଙ୍କ ଉପରେ ଆକ୍ରମଣ କରିବା ସହିତ ତାଙ୍କ ମୁଣ୍ଡକୁ କେତେ ରାଉଣ୍ଡ ଗୁଳି ଚଳାଇଥିଲେ। ଘଟଣା ପରେ ଆକ୍ରମଣକାରୀ ସେଠାରୁ ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ପୁଲିସ୍ ସିସିଟିଭି ଫୁଟେଜ୍ ଆଧାରରେ ଆକ୍ରମଣକାରୀଙ୍କ ସନ୍ଧାନ ଚଳାଇଛି। ଅଂଶୁଳଙ୍କ ପରିବାର ତାଙ୍କ ପାର୍ଥିବ ଶରୀର ଶୀଘ୍ର ଭାରତ ଆଣିବା ପାଇଁ ବିଦେଶ ମନ୍ତ୍ରଣାଳୟକୁ ଅନୁରୋଧ କରିଛନ୍ତି। ଆମେରିକାରେ ଭଲ ଚାକିରି କରିଥିବା ସତ୍ତ୍ୱେ ଅଂଶୁଳ ଅତିରିକ୍ତ ଆୟ ପାଇଁ ସପ୍ତାହନ୍ତରେ ପିଜା ଡେଲିଭରୀର ପାର୍ଟ-ଟାଇମ୍ କାମ କରୁଥିଲେ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra